CMYK

- Vol.- 46, Issue No. 130
- Sunday, 9 August 2026
- ରବିବାର, ୯ ଅଗଷ୍ଟ ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ନୋଏଡାର ବରିଷ୍ଠ ଶିଳ୍ପ ନେତାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# ଓଡ଼ିଶାକୁ ୬୬,୩୯୨ କୋଟିର ନିବେଶ ପ୍ରସ୍ତାବ

### ୫୪,୧୩୫ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା

### ଯୋଗାଣ ଶୃଙ୍ଖଳ ସମନ୍ୱୟ ସୁଯୋଗ ଉପରେ ହେଲା ଆଲୋଚନା



ଭୁବନେଶ୍ୱର,୮ ।୮: ନୂଆଦିଲ୍ଲୀରେ ଶନିବାର ଶେଷ ହୋଇଛି ଓଡ଼ିଶାର ଦୁଇଦିନିଆ ରୋଡ୍'ଶୋ। ରାଜ୍ୟ ସରକାର ଏଥିରେ ପାଇଛନ୍ତି ୬୬,୩୯୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ । ରାଜ୍ୟରେ ୫୪,୧୩୫ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଛି। ଉଚ୍ଚସ୍ତରୀୟ ଏହି ଗସ୍ତ ପରେ, ମୁଖ୍ୟମନ୍ତ୍ରୀ ନୋଏଡାର ବରିଷ୍ଠ ଶିଳ୍ପ ନେତାଙ୍କ ସହ ଏକକ ବୈଠକ କରିଥିଲେ, ଯେଉଁଥିରେ ନିବେଶ ସୁଯୋଗ, ସମ୍ପ୍ରସାରଣ ଯୋଜନା, କ୍ଷେତ୍ର-ନିର୍ଦ୍ଦିଷ୍ଟ ଆବଶ୍ୟକତା ଏବଂ ଓଡ଼ିଶାରେ ବ୍ୟବସାୟ ପ୍ରତିଷ୍ଠା ଏବଂ ବୃଦ୍ଧି ପାଇଁ ଆବଶ୍ୟକ ସମର୍ଥନ ଉପରେ ଆଲୋଚନା କରାଯାଇଥିଲା।ମୁଖ୍ୟମନ୍ତ୍ରୀ ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧି ମାନଙ୍କ ସହିତ କେନ୍ଦ୍ରିତ ଗୋଲଟେବୁଲ ଆଲୋଚନାରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଭାରତୀୟ ଶିଳ୍ପ ସଂଘ ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ଗୋଲଟେବୁଲରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତ୍ତିଭୂମି, ସହାୟକ ବିକାଶ ଏବଂ ଯୋଗାଣ ଶୃଙ୍ଖଳ ସମନ୍ୱୟ ପାଇଁ ସୁଯୋଗ ବିଷୟରେ ଆଲୋଚନା କରାଯାଇଥିଲା। ନୋଏଡା ଆପାରଲ୍ ରପ୍ତାନି କ୍ଲଷ୍ଟର ସହିତ ମିଳିତ ଭାବରେ ଆୟୋଜିତ ନୋଏଡା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ବୟନ ଏବଂ ପୋଷାକ ଗୋଲଟେବୁଲ, ବୟନ ଏବଂ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି-ସଘନ ନିବେଶ ଉପରେ କେନ୍ଦ୍ରିତ ଥିଲା।ସୂଚନାଯୋଗ୍ୟ ଯେ ଶୁକ୍ରବାର ରାଜ୍ୟ ସରକାର ୪୩ ହଜାର ୪୩୭କୋଟିର ନିବେଶ ପ୍ରସ୍ତାବ ପାଇଥିଲେ।

# ୟୁପିଆଇ: ବ୍ୟକ୍ତି-ବ୍ୟକ୍ତି କ୍ଷେତ୍ରରେ ଶୁଳ୍କ ମନା

### ସୀମିତ ବର୍ଗରେ ଏମ୍‌ଡିଆର୍ ସୀମା ସ୍ଥିର ହେବ




ନୂଆଦିଲ୍ଲୀ,୮ ।୮ :ୟୁପିଆଇରୁ ପେମେଣ୍ଟ କରୁଥିବା ସାଧାରଣ ଲୋକଙ୍କ ପାଇଁ ସରକାର ଦେଇଛନ୍ତି ବଡ଼ ଆଶ୍ୱସ୍ତି। ୟୁପିଆଇରୁ ପେମେଣ୍ଟ କରୁଥିବା ବ୍ୟକ୍ତିଠାରୁ ବ୍ୟକ୍ତି କ୍ଷେତ୍ରରେ ସାଧାରଣ ଲୋକଙ୍କୁ ଏଥିପାଇଁ କୌଣସି ଟ୍ରାଞ୍ଜାକସନ୍ ଚାର୍ଜ ଦେବାକୁ ପଡିବନାହିଁ।ଏହାର ଅର୍ଥ ହେଉଛି ସାଧାରଣ ଲୋକମାନେ ପୂର୍ବ ପରି କୌଣସି ଶୁଳ୍କ ବିନା ୟୁପିଆଇ ମାଧ୍ୟମରେ ପଠାଇପାରିବେ ଏବଂ ପୈଠ କରିପାରିବେ। ୟୁପିଆଇ ସହିତ ଜଡିତ ବ୍ୟବସାୟୀଙ୍କ ପାଇଁ ମଧ୍ୟ ପ୍ରତ୍ୟେକ କାରବାର ପାଇଁ ଶୁଳ୍କ ଆଦାୟ କରିବାର ଆବଶ୍ୟକତା ନାହିଁ। ଯଦି ଭବିଷ୍ୟତରେ ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ୍ ବା ଏମଡିଆର୍ ଲାଗୁ କରାଯାଏ, ତେବେ ଏହା କେବଳ କିଛି ଚୟନିତ ବ୍ୟବସାୟୀ କାରବାର ପାଇଁ ପ୍ରଯୁଜ୍ୟ ହେବ। ଏଥିପାଇଁ ଏକ ସୀମା ସ୍ଥିର କରାଯିବ। ଏହା ବ୍ୟତୀତ, ଚାର୍ଜ ହାର ମଧ୍ୟମ ଏବଂ ବହୁତ କମ୍ ହେବ। ଏହି ହାର ଡେବିଟ୍ ଏବଂ କ୍ରେଡିଟ୍ କାର୍ଡରେ ଆଦାୟ ହେଉଥିବା ଏମଡିଆର୍ ତୁଳନାରେ ଯଥେଷ୍ଟ କମ୍ ହେବ। ସରଳ ଭାବରେ କହିବାକୁ ଗଲେ, ପ୍ରତ୍ୟେକ ବ୍ୟବସାୟୀଙ୍କ ଠାରୁ ପ୍ରତ୍ୟେକ ୟୁପିଆଇ କାରବାର ପାଇଁ ପେମେଣ୍ଟ ଚାର୍ଜ କରାଯିବ ନାହିଁ। ସରକାର କହିଛନ୍ତି ଯେ, ପେମେଣ୍ଟ ଏବଂ ସେଟେଲମେଣ୍ଟ ସିଷ୍ଟମ୍ ଆଇନରେ କରାଯାଇଥିବା ପରିବର୍ତ୍ତନ ଗୁଡ଼ିକ ସାଧାରଣ ଲୋକଙ୍କ ଉପରେ ୟୁପିଆଇ ଶୁଳ୍କ ଲାଗୁ କରିବା ପାଇଁ ନୁହେଁ।

## ନଦୀଗୁଡ଼ିକର ଜଳସ୍ତର ଉପରେ ନିରନ୍ତର ନଜର

ଭୁବନେଶ୍ୱର,୮ ।୮ :ରାଜ୍ୟର ସମସ୍ତ ନଦୀରେ ଜଳପତନ ବର୍ତ୍ତମାନ ବିପଦ ସଂକେତ ଠାରୁ ତଳେ ରହିଥିବା ନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ,କେବଳ ଜଳକା, ଋଷିକୂଲ୍ୟା ଏବଂ ବଂଶଧାରା ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ମନ୍ତ୍ରୀ ଆହୁରି କହିଛନ୍ତି, ନଦୀଗୁଡ଼ିକର ଜଳସ୍ତର ଉପରେ ସରକାର ନିରନ୍ତର ନଜର ରଖିଛନ୍ତି। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣରେ ଥିବାବେଳେ ଯେକୌଣସି ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଓଡ୍ରାଫ୍, ଏନ୍‌ଡିଆରଏଫ୍ ଓ ଅଗ୍ନିଶମ ବାହିନୀକୁ ପ୍ରସ୍ତୁତ ରଖାଯାଇଛି। ସେହିପରି ଗ୍ରାଉଣ୍ଡରେ ବିଭାଗୀୟ କର୍ମଚାରୀମାନେ ସକ୍ରିୟ ଭାବେ ନିୟୋଜିତ ଅଛନ୍ତି। ସମ୍ଭାବ୍ୟ କ୍ଷୟକ୍ଷତିର ଆକଳନ ଓ ବଣ୍ଟନ ସମ୍ପର୍କିତ କାର୍ଯ୍ୟରେ ସେମାନେ ନିୟୋଜିତ ଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

### ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର

## ୧୪ ପର୍ଯ୍ୟନ୍ତ ପ୍ରବଳ ବର୍ଷା

ଭୁବନେଶ୍ୱର,୮ ।୮ : ବଙ୍ଗୋପସାଗରରେ ଶନିବାର ଘୂର୍ଣ୍ଣିବଳୟ ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଦକ୍ଷିଣ ପଶ୍ଚିମବଙ୍ଗ ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପରେ ଥିବା ଉପର ବାୟୁ ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ କ୍ଷେତ୍ର ସମାନ ଅଞ୍ଚଳରେ ସୃଷ୍ଟି ହୋଇଛି। ଏହା ସହିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ବିସ୍ତାରିତ ହୋଇ ଦକ୍ଷିଣ-ପଶ୍ଚିମ ଆଡକୁ ଢଳି ରହିଛି। ଲଘୁଚାପ କ୍ଷେତ୍ର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୪ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଲାଗି ରହିବ। ୨୪ ଘଣ୍ଟା ପାଇଁ ୪ ଜିଲାକୁ ଅରେଞ୍ଜ ଓ ୧୯ ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁରକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ଏହାସହ ବାଲେଶ୍ୱର, ଭଦ୍ରକ, ଯାଜପୁର, ଜଗତସିଂହପୁର, କଟକ, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ନୟାଗଡ଼, ନୂଆପଡା ଓ ବଲାଙ୍ଗୀରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଘଡଘଡି ସହ ବର୍ଷା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ରେ ହୋଇପାରେ। ୯ ଉପକୂଳ ଅଶାନ୍ତ ରହୁଥିବା ଓ ୪୦ ରୁ ୫୦ କିମି ବେଗରେ ପବନ ବହିବା ସମ୍ଭାବନା ରହିଥିବା ହେତୁ ଏହି ସମୟରେ ସମୁଦ୍ରକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

## ପୁଣି ଘାରିଲାଣି ବର୍ଷା ଓ ବନ୍ୟା ଡର: ଫୁଲୁଛି ବୈତରଣୀ



ଯାଜପୁର / ଭଦ୍ରକ ,୮ ।୮: ପୁଣି ଡରାଇଲାଣି ବୈତରଣୀ ବନ୍ୟା । ଘାଇ ମରାମତି ହୋଇଥିବା ସ୍ଥାନରେ ଏବେ ପ୍ରାୟ ୩ ଫୁଟ ଉଚ୍ଚରେ ବନ୍ୟାପାଣି ଗାଁ ଭିତରକୁ ମାଡ଼ି ଆସୁଛି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବୈତରଣୀ ନଦୀରେ ବୃଦ୍ଧି ପାଉଛି ଜଳସ୍ତର । ଗତ ଜୁଲାଇ ୨୯ରେ ବୈତରଣୀ ନଦୀର ଶାଖା କାଣୀ ନଦୀରେ ତରପଦା ପଞ୍ଚାୟତ ଅଧୀନ ଡୋଭାବିଲ-ପାଟଣା ନିକଟରେ ୨ଟି ଘାଇ ସୃଷ୍ଟି ହୋଇଥିଲା । ଘାଇ ଯୋଗୁଁ ବନ୍ୟାଜଳ ଗାଁ ଭିତରକୁ ପଶି ଅନେକ ଅଞ୍ଚଳକୁ ପ୍ରଭାବିତ କରିଥିଲା । ପରେ ଘାଇ ମରାମତି କାର୍ଯ୍ୟ ଜାରି ରହିଥିବା ବେଳେ ବୈତରଣୀରେ ବନ୍ୟା ଆସିବା ପରେ ପୁଣି ସ୍ଥିତି ଗମ୍ଭୀର ହୋଇପଡ଼ିଛି । ଘାଇ ମରାମତି କରାଯାଇଥିବା ସ୍ଥାନର ଉଚ୍ଚତାଠାରୁ ପ୍ରାୟ ୩ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ବନ୍ୟା ବିପନ୍ନ ଲୋକେ ଏଯାଏଁ ଘରକୁ ଫେରି ନଥିବା ବେଳେ ପୁଣି ଲଘୁଚାପଜନିତ ବର୍ଷା ଓ ବନ୍ୟା ସେମାନଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ନାଳିଆ ନଦୀରେ ୩ଶହ ଫୁଟର ଘାଇ । ଭଦ୍ରକରେ ସାଳନ୍ଦୀ ଓ ନାଳିଆ ନଦୀରେ ଘାଇ। ଏକର ଏକର ଚାଷ ଜମି ଜଳମଗ୍ନ ସହ ଗାଁରେ ପଶିଲା ବନ୍ୟା ପାଣି । ବିଲଣା ପଞ୍ଚାୟତର ଲଞ୍ଜା ତରା ଠାରେ ନାଳିଆ ନଦୀର ୩ଶହ ଫୁଟରୁ ଅଧିକ ଘାଇ ଓ ସାଳନ୍ଦୀ ନଦୀର ବାରୋ ଡିହ କୁଆ ମାହାରା ଠାରେ ଶହେ ଫୁଟ ଘାଇ ହୋଇ ଯାଇଛି । ଫଳରେ ଗତକାଲି ଠାରୁ ବନ୍ୟା ଜଳ ବିଲଣା ପଞ୍ଚାୟତର ଲଞ୍ଜା ତରା, ବିଲଣା ଶାସନ, ନୂଆ ପାଟଣା, କେର ଡିହ ଆଦି ଗାଁ ଚାଷ ଜମିରେ ବନ୍ୟା ପାଣି ପୁଣି ଥରେ ପ୍ରବେଶ କରିଛି । ସେହିପରି ବାରୋ ପଞ୍ଚାୟତର ସାଳନ୍ଦୀ ନଦୀର କୁଆ ମାହାରାରେ ଶହେ ଫୁଟ ଘାଇ ହେବା ଯୋଗୁଁ ବାରୋ ଡିହ, ବଳିୟାର ପୁର, ଚବିଶ ପଡ଼ା, ଦହପାଣିଆ ଆଦି ଗାଁରେ ଚାଷ ଜମିକୁ ପୁଣି ଥରେ ବନ୍ୟା ପାଣି ମାଡିଛି । ଜଳସେଚନ ବିଭାଗ ପକ୍ଷରୁ ବାଲି ବସ୍ତା ପକାଇ ମରାମତି ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

## ହନିଟ୍ରାପରେ ବାୟୁସେନାର ୱିଙ୍ଗ କମାଣ୍ଡର

### ପ୍ରତିରକ୍ଷା କାଗଜପତ୍ର ପ୍ରଘଟ ଅଭିଯୋଗରେ ଗିରଫ

ନୂଆଦିଲ୍ଲୀ,୮ ।୮: ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଭାରତୀୟ ବାୟୁସେନାର ଜଣେ ୱିଙ୍ଗ କମାଣ୍ଡରଙ୍କୁ ପ୍ରତିରକ୍ଷା କାଗଜପତ୍ର ପ୍ରଘଟ କରିବା ଅଭିଯୋଗରେ ଗିରଫ ପୂର୍ବକ ତିହାର ଜେଲ ପଠାଯାଇଛି। ଗିରଫ ପୂର୍ବରୁ କିଛି ମାସ ଧରି ସର୍ଭେଲାନସରେ ଥିଲେ। ପୋଲିସସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ଜଣେ ମହିଳା ସୋସିଆଲ ମିଡିଆ ମାଧ୍ୟମରେ ଏହି ଅଧିକାରୀଙ୍କୁ ହନିଟ୍ରାପ୍ କରିଥିଲେ ଏବଂ ତାଙ୍କଠାରୁ ସମ୍ବେଦନଶୀଳ ସାମରିକ ସୂଚନା ବାହାର କରିବାକୁ ଚେଷ୍ଟା କରିଥିଲେ। ଏହି ମାମଲାରେ ୱିଙ୍ଗ କମାଣ୍ଡରଙ୍କ ବିରୋଧରେ ସୁରକ୍ଷା ଅଧିନିୟମ ଅନୁସାରେ ମାମଲା ରୁଜୁ କରାଯାଇଛି। ୱିଙ୍ଗ କମାଣ୍ଡର ଏବେ ନ୍ୟାୟିକ



ହେପାଜତରେ ଅଛନ୍ତି। ପୋଲିସକୁ ସନ୍ଦେହ ରହିଛି ୱିଙ୍ଗ କମାଣ୍ଡରର ଏକମାତ୍ର ନୁହେଁ, ବରଂ ଏଭଳି ବହୁ ଲୋକ ଏଭଳି ଗୁପ୍ତଚରୀ ଷଡଯନ୍ତ୍ରରେ ସାମିଲ ହୋଇପାରନ୍ତି।ମିଳିଥିବା ସୂଚନା ଅନୁସାରେ, ଏୟାର ଫୋର୍ସର ୱିଙ୍ଗ କମାଣ୍ଡରର ନିଜ ବ୍ୟକ୍ତିଗତ ଜୀବନର ଖରାପ ସମୟ ଦେଇ ଗତି କରୁଥିଲେ। ଏହି ସମୟରେ ସୋସିଆଲ ମିଡିଆରେ ତାଙ୍କର ସାକ୍ଷାତ ଜଣେ ମହିଳାଙ୍କ ସହ ହୋଇଥିଲା। ମହିଳା ଏବଂ ୱିଙ୍ଗ କମାଣ୍ଡରଙ୍କ ଭିତରେ ଆଲୋଚନା ଚାଲିଥିଲା ଓ ଭରସାର ଫାଇଦା ଉଠାଇ ମହିଳା ଜଣକ ବହୁ ପ୍ରକାର ପ୍ରତିରକ୍ଷା ସୂଚନା ହାସଲ କରିନେଇଥିଲେ। ଏହି ସମୟରେ କଥା ଜଣାପଡିଛି ଯେତେବେଳେ ମହିଳା ଜଣକ ନିଜର ସାଥି ୱିଙ୍ଗ କମାଣ୍ଡରଙ୍କ ସହ ପ୍ରତିରକ୍ଷା ୟୁନିଟକୁ ଯିବା ଆସିବା କରୁଥିଲେ। ୱିଙ୍ଗ କମାଣ୍ଡରଙ୍କ ଉପରେ ଅଭିଯୋଗ ରହିଛି ସେ ରାଷ୍ଟ୍ରୀୟ ସୁରକ୍ଷା ସମ୍ପର୍କିତ ଗୋପନୀୟ ସୂଚନା ଓ ସେ ସମ୍ପର୍କିତ ଦସ୍ତାବିଜ ପାକିସ୍ତାନୀ ହାଣ୍ଡେଲରଙ୍କ ସହ ସେୟାର କରିଥିଲେ। କୁହାଯାଉଛି ଯେ ହନିଟ୍ରାପରେ ଫସିଥିବା ମହିଳା ଜଣକ ବାୟୁସେନା ଅଧିକାରୀଙ୍କୁ ନିଜ ମୋବାଇଲରେ ଏକ ଆପ୍ ଇନଷ୍ଟଲ କରିବାକୁ କହିଥିଲେ। ଏହା ମାଧ୍ୟମରେ ଫଟୋ, ଭିଡିଓ ସହ ବହୁ ଦସ୍ତାବିଜ ପାକିସ୍ତାନୀ ହାଣ୍ଡେଲରଙ୍କୁ ସହଭାଗିତା କରିଥିଲେ।

## କଳା ବାଘୁଣୀର ମୃତ୍ୟୁ ନେଇ ତନାଘନା

### ଆଘାତ ଚିହ୍ନ ନାହିଁ, ସଂକ୍ରମଣ ସନ୍ଦେହ



ବାରିପଦା,୮ ।୮: ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ଏକ୫ ବର୍ଷୀୟ ବାଘୁଣୀର ମୃତଦେହ ଉଦ୍ଧାର କରାଯାଇଛି। ଶିମିଳିପାଳ ଟାଇଗର ରିଜର୍ଭର କୋର୍ ଅଞ୍ଚଳରୁ ଏହା ମିଳିଛି । ଶିମିଳିପାଳ ଦକ୍ଷିଣ ଡିଭିଜନର ଉପର ବାରହା କକୁଡ଼ା ରେଞ୍ଜ ଅଧୀନ ଜଟିଆଣୀ କ୍ୟାମ୍ପ ନିକଟରୁ ଏହି କଳା ବାଘୁଣୀର ମୃତଦେହ ଉଦ୍ଧାର ହୋଇଛି । ଗତ ୬ ତାରିଖରେ ଜଟିଆଣୀ କ୍ୟାମ୍ପର ପାଟ୍ରୋଲିଂ କର୍ମଚାରୀ ବାଘୁଣୀର ମୃତଦେହ ଠାବ କରିଥିଲେ। ଖବର ପାଇବା ପରେ ଶିମିଳିପାଳ ଟାଇଗର ରିଜର୍ଭର ପଦାଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପୋଷ୍ଟମର୍ଟମ୍ ସମୟରେ ପ୍ରାଥମିକ ଭାବେ ବାଘୁଣୀର ଶରୀରରେ କୌଣସି ଆଘାତ ଚିହ୍ନ କିମ୍ବା ମୃତ୍ୟୁର ସ୍ପଷ୍ଟ କାରଣ ମିଳିନଥିବା ଏକ ସୂତ୍ରରୁ ପ୍ରକାଶ। ଘଟଣାସ୍ଥଳକୁ ସୁରକ୍ଷିତ କରାଯିବା ସହ ବାଘୁଣୀର ବିଭିନ୍ନ ଜୈବିକ ନମୁନା ସଂଗ୍ରହ କରାଯାଇଛି । ଟକ୍ସିକୋଲୋଜିକାଲ୍, ପାଥୋଲୋଜିକାଲ୍ ସହ ଅନ୍ୟାନ୍ୟ ପରୀକ୍ଷା ପାଇଁ ନମୁନାଗୁଡ଼ିକୁ ଭୁବନେଶ୍ୱରସ୍ଥିତ ଓୟୁଏଟିର ସେଣ୍ଟର ଫର ୱାଇଲଡ ଲାଇଫ ହେଲଥକୁ ପଠାଯାଇଛି । ଲାବୋରେଟୋରୀ ରିପୋର୍ଟ ଆସିବା ପରେ ବାଘୁଣୀର ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ । ବାଘୁଣୀର ମୃତ୍ୟୁ ପ୍ରାକୃତିକ କାରଣରୁ ହୋଇଛି କି ସଂକ୍ରମଣ ଅବା ଅନ୍ୟ କୌଣସି କାରଣ ହୋଇଛି, ତାହା ଲାବ୍ ରିପୋର୍ଟ ପରେ ହିଁ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ପେଟ୍ରୋଲ ଢାଳି ଓ ପିଆଇ ହତ୍ୟା ଉଦ୍ୟମ !



ରାଉରକେଲା,୮ ।୮: ସୁନ୍ଦରଗଡ଼ ଜିଲ୍ଲା ଲହୁଣୀପଡା ଥାନା ଘଣିଘଷାଠାରେ ଶୌଚ ପାଇଁ ଯାଇଥିବା ଜଣେ ଯୁବକଙ୍କୁ ହତ୍ୟା ଉଦ୍ୟମ ଏଠାରେ ଆଲୋଡନ ସୃଷ୍ଟି କରିଛି। ୪ ମୁଖାପିନ୍ଧା ଦୁର୍ବୃତ୍ତ ଜଣେ ଯୁବକ କାହ୍ନୁଚରଣ ମହାନ୍ତଙ୍କ ଉପରେ ପେଟ୍ରୋଲ ଢାଳିବା ସହ ଜୋର ଜବରଦସ୍ତ ପେଟ୍ରୋଲ ପିଆଇ ନିଆଁ ଲଗାଇ ଫେରାର ହୋଇଛନ୍ତି । ଫଳରେ ତାଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ିଯାଇଛି । ଗୁରୁତର ଅବସ୍ଥାରେ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି । ଜମି ବିବାଦରୁ ଏହି କାଣ୍ଡ ହୋଇଥିବା ପୀଡ଼ିତଙ୍କ ପରିବାରଲୋକେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଗ୍ରାମରେ ଚାଞ୍ଚଲ୍ୟ ଖେଳିଯାଇଛି । ଏ ନେଇ ପୋଲିସ ତନାଘନା ଆରମ୍ଭ ହୋଇଛି। ପୂର୍ବ ଶତ୍ରୁତାରୁ ଏପରି ଘଟିଥିବା ଚର୍ଚ୍ଚା ହେଉଛି।

# 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଆଜିଠୁ ୧୭ ଯାଏଁ

### ■ ଆୟୋଜିତ ହେବ 'ତ୍ରିରଙ୍ଗା ରାଲି' ■ ୧୪ରେ ରାଜ୍ୟସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ

ଭୁବନେଶ୍ୱର,୮ ।୮: ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସାମ୍ବାଦିକ ସମ୍ମିଳନୀରେ ଶନିବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ ଓ ପଞ୍ଚାୟତ ସ୍ତରରେ ଯାଏଁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ବହୁ ଆଡ଼ମ୍ବର ସହକାରେ ପାଳନ କରାଯିବ। ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି। ମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୯ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ 'ତ୍ରିରଙ୍ଗା ରାଲି' ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ଼ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ଆୟୋଜିତ ହେବ। ଜାତୀୟ ଗୀତ ଓ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ତ୍ରିରଙ୍ଗା ରାଲିରେ ସମସ୍ତ ସରକାରୀ ଅଧିକାରୀ, ଯୁବ ବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀଙ୍କ ସମେତ ଓଡ଼ିଶାର ସମସ୍ତ ଜନସାଧାରଣ ଯୋଗ ଦେବେ। ସେହିପରି ଭାବେ ଜିଲ୍ଲା ସ୍ତରରେ ମଧ୍ୟ ତ୍ରିରଙ୍ଗା ରାଲିର ଆୟୋଜନ କରାଯିବ।ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ 'ମିସନ ଶକ୍ତି' ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଣ୍ଟନ କରାଯିବ। ଅଗଷ୍ଟ ୧୪ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ରାଜ୍ୟସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ। ସମସ୍ତ ଜିଲ୍ଲାରେ ମଧ୍ୟ ଏହି ସ୍ମୃତି ଦିବସ ପାଳନ କରାଯିବ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭାଜନ ବିଭୀଷିକା ସ୍ମୃତିକୁ ଆଧାର କରି ଫଟୋଚିତ୍ର ପ୍ରଦର୍ଶନୀ, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ହେବା ସହ ନାଟକ ପରିବେଷଣ କରାଯିବ। ବିଭାଜନ ସମୟରେ ପ୍ରଭାବିତ ପରିବାର ବର୍ଗଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କର ଅନୁଭୂତି ଶୁଣିବା ସହ ସେମାନଙ୍କୁ ସମ୍ମାନିତ କରାଯିବ। ସଭାକାର୍ଯ୍ୟ ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ନେଇ ନୀରବ କ୍ୟାଲେଣ୍ଡର ଶୋଭାଯାତ୍ରାର ଆୟୋଜନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।





CMYK



# ଭୁଲ୍ ସୁଧାରିଲେ ମିଳେ ସଫଳତା

**ଜୀବନରେ ଭୁଲ ଓ ଭୟକୁ ପରିତ୍ୟାଗ କରିବା ଉଚିତ ଏବଂ ଚେଷ୍ଟା ଜାରି ରଖିବା ମଧ୍ୟ ଉଚିତ। ଫଳରେ ସଫଳତା ମିଳିବା ସହଜ ହୋଇଥାଏ । ସନାତନ ଧର୍ମର ଶାସ୍ତ୍ରଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ଭୁଲଗୁଡ଼ିକ ଶିଖିବାର ଏକ ମାଧ୍ୟମ, ବନ୍ଦ କରିବାର କାରଣ ନୁହେଁ। ଭୁଲ୍ ଭୟରେ ନୂତନ ଜିନିଷ ଚେଷ୍ଟା ନ କରିବା ଜୀବନକୁ ସ୍ଥିର କରିଦିଏ, ଯେତେବେଳେ ନିରନ୍ତର ପ୍ରୟାସ ପ୍ରଗତି ପାଇଁ ମୂଳଦୁଆ।**



ଜୀବନରେ ଭୁଲ ଓ ଭୟକୁ ପରିତ୍ୟାଗ କରିବା ଉଚିତ ଏବଂ ଚେଷ୍ଟା ଜାରି ରଖିବା ମଧ୍ୟ ଉଚିତ। ଫଳରେ ସଫଳତା ମିଳିବା ସହଜ ହୋଇଥାଏ । ସନାତନ ଧର୍ମର ଶାସ୍ତ୍ରଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ ଭୁଲଗୁଡ଼ିକ ଶିଖିବାର ଏକ ମାଧ୍ୟମ, ବନ୍ଦ କରିବାର କାରଣ ନୁହେଁ। ଭୁଲ୍ ଭୟରେ ନୂତନ ଜିନିଷ ଚେଷ୍ଟା ନ କରିବା ଜୀବନକୁ ସ୍ଥିର କରିଦିଏ, ଯେତେବେଳେ ନିରନ୍ତର ପ୍ରୟାସ ପ୍ରଗତି ପାଇଁ ମୂଳଦୁଆ। ଭଗବଦ୍ ଗୀତାର କର୍ମଯୋଗରେ, ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ କର୍ମର ଫଳାଫଳ ବିଷୟରେ ଚିନ୍ତା କରିବାକୁ କହିଛନ୍ତି, କାରଣ କର୍ମ ହେଉଛି ବନ୍ଧନ, ଫଳାଫଳ ପ୍ରତି ଆଗ୍ରହ ନୁହେଁ। ଭାଗବତରେ କୁହାଯାଇଛି: 'କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ। ମା କର୍ମଫଳହେତୁର୍ଭୁର୍ମା ତେ ସଂଗୋଷ୍ଟସ୍ତ୍ୱକର୍ମଣି ।' ଅର୍ଥାତ୍, ଆପଣଙ୍କର ଅଧିକାର କେବଳ କାର୍ଯ୍ୟ କରିବାର, ଏହାର ଫଳାଫଳ ଉପରେ କେବେ ବି ନୁହେଁ। ଏହା ଭୟ କିମ୍ବା ବିଫଳତାର ଭୟକୁ ଦୂର କରେ। ଏହି ଶ୍ଳୋକ ଆମକୁ ଚେଷ୍ଟା ଜାରି ରଖିବାକୁ, ଭୁଲରୁ ଶିଖିବାକୁ, କିନ୍ତୁ କେବେ ବି ବନ୍ଦ କରିବାକୁ ପ୍ରେରଣା ଦିଏ। ଯଦି ଜୀବନରେ କୌଣସି ଭୁଲ ହୋଇନାହିଁ, ତେବେ କୌଣସି ପ୍ରୟାସ ହୋଇନାହିଁ। ସନାତନ ଦର୍ଶନରେ, କାର୍ଯ୍ୟରେ ନିରନ୍ତରତା ହେଉଛି ମୋକ୍ଷର ଦ୍ୱାର ଖୋଲିଥାଏ।

ଭୟ ହେଉଛି ମନର ଏକ ଭ୍ରମ ଯାହା ପ୍ରୟାସକୁ ବନ୍ଦ କରିଦିଏ। ଗୀତାରେ କୃଷ୍ଣ କହିଛନ୍ତି: 'କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ। କ୍ଷୁଦ୍ରମ୍ ହୃଦୟଦୌରବଲାୟମ୍ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ।' ଅର୍ଥାତ୍, ହେ ପାର୍ଥ ! ଏହି କାପୁରୁଷତା ତୁମକୁ ଶୋଭା ଦିଏ ନାହିଁ, ହୃଦୟର ଏହି କ୍ଷୁଦ୍ର ଦୁର୍ବଳତାକୁ ପରିତ୍ୟାଗ କର ଏବଂ ଉଠ। ଏହି ଭୟ ଭୁଲ ଭୟରୁ ଜନ୍ମ ନେଇଥାଏ, କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଆତ୍ମା ଅମର, ଭୁଲ କ୍ଷଣିକ। ରାମାୟଣରେ, ବିଭୀଷଣ ରାବଣଙ୍କୁ ଛାଡି ସତ୍ୟର ପଥ ବାଛିଥିଲେ, ଯଦିଓ ସେ ଭୁଲ କରିବାକୁ ଭୟ କରୁଥିଲେ, କିନ୍ତୁ ତାଙ୍କ ପ୍ରୟାସରେ ସେ ବିଜୟୀ ହୋଇଥିଲେ। ମହାଭାରତରେ, ଅର୍ଜୁନଙ୍କ ଭୁଲ ଯାହାକୁ ଯୁଦ୍ଧର ଭୟ କୁହାଯାଏ କୃଷ୍ଣଙ୍କ ଦ୍ୱାରା ସଂଶୋଧନ କରାଯାଇଥିଲା। ଭୁଲ କରିବା ସ୍ୱାଭାବିକ, ତାହାକୁ ପୁନରାବୃତ୍ତି କରିବା ନୁହେଁ। ଗୀତାରେ କୁହାଯାଇଛି ଯେ ଜ୍ଞାନୀମାନେ ଅଜ୍ଞାନୀମାନଙ୍କୁ କାମ କରିବାରୁ ନିବୃତ୍ତ କରିବା ଉଚିତ ନୁହେଁ, ବରଂ ନିଜେ ନିଃସ୍ୱାର୍ଥପର କାମ କରି ସେମାନଙ୍କୁ ପ୍ରେରଣା ଦେବା ଉଚିତ। 'ନ ବୁଦ୍ଧିଭେଦମ୍ ଜନୟେଦଜ୍ଞାନାଂ କର୍ମସଙ୍ଗିନମ୍। ଜୋଷ୍ୟେତସର୍ବକର୍ମାଣୀ ବିଧୁବନ ଯୁକ୍ତଃ ସମାଚାର।' ମହାଭାରତରୁ କର୍ଣ୍ଣଙ୍କ ଭୁଲରୁ ବହୁତ ଶିକ୍ଷା ମିଳିଥାଏ। ଭୁଲ ସଙ୍ଗ ପୁନରାବୃତ୍ତି କରିବା ଉଚିତ୍ ନୁହଁ । କବୀରଦାସ ଜୀ କୁହନ୍ତି, ନିଜ ଭୁଲରୁ ଶିଖନ୍ତୁ, ଅନ୍ୟମାନଙ୍କ ଦୋଷ ଦେଖନ୍ତୁ ନାହିଁ। ଭୁଲ ହେଉଛି ଶିକ୍ଷକ ଯେଉଁମାନେ ଭବିଷ୍ୟତକୁ ରକ୍ଷା କରନ୍ତି।

ସନାତନ ଗ୍ରନ୍ଥଗୁଡ଼ିକ ପ୍ରୟାସକୁ ପ୍ରାୟଶ୍ଚିତ୍ତ ବୋଲି ବିବେଚନା କରନ୍ତି। ଗୀତାରେ କୁହାଯାଉଛି 'ସର୍ବଧର୍ମପରିତ୍ୟାଜ୍ୟ ମାମେକମ୍ ଶରଣମ୍ ବ୍ରଜ। ଅହମ୍ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚ।' ଭୁଲର ପାପରୁ ଭୟ କର ନାହିଁ, ଈଶ୍ୱରଙ୍କ ଶରଣ ନିଅ। ନିରନ୍ତର ଅଭ୍ୟାସ ଦ୍ୱାରା ଭୁଲଗୁଡ଼ିକ ଶୁଦ୍ଧ ହୁଏ। ଉପନିଷଦରେ କୁହାଯାଇଛି ଯେ ନିରନ୍ତର ପ୍ରୟାସ ଦ୍ୱାରା ଆତ୍ମବିକାଶ ହୁଏ, ଧୈର୍ଯ୍ୟ ରଖନ୍ତୁ। ଜୀବନ ନଦୀ ପରି ପ୍ରବାହିତ ହେବା ଉଚିତ, ଭୁଲଗୁଡ଼ିକ କେବଳ ତରଙ୍ଗ। ଭୁଲ୍ ଗୁଡ଼ିକ ଆମକୁ ଭୟଭୀତ କରିବା ପାଇଁ ନୁହେଁ, ବରଂ ଆମକୁ ଶିକ୍ଷା ଦେବା ପାଇଁ ଉଦ୍ଦିଷ୍ଟ। ଶ୍ରୀକୃଷ୍ଣଙ୍କ ପରି ନିର୍ଭୀକ ଭାବରେ କାର୍ଯ୍ୟ କରିବା ଉଚିତ। ରାମଙ୍କ ଚରିତ୍ର ଗ୍ରହଣ କରିବା ଉଚିତ । ଆମେମାନେ , ପ୍ରତିଜ୍ଞା ନେବା ଉଚିତ ଯେ ଆତ୍ମମାନଙ୍କ ପ୍ରୟାସ ସର୍ବଦା ଜାରି ରଖିବା ଏବଂ ସମସ୍ତଙ୍କ ଠାରୁ କିଛି ଶିଖିବା ଯାହା ଆମ ଜୀବନ ପଥରେ ସଫଳତାର ଅନନ୍ତ ପଥ ଦେଖାଇବ ।

-ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ମୋ - ୯୯୩୮୯୦୬୦୭୦



## ଓଡ଼ିଆ ସାହିତ୍ୟର ଅନନ୍ୟ ସ୍ରଷ୍ଟା

# ଗଙ୍ଗାଧର ମେହେର



ଓଡ଼ିଆ ସାହିତ୍ୟର କାଳଜୟୀ ସ୍ରଷ୍ଟାମାନେ ସେମାନଙ୍କର ଅନନ୍ୟ ଏବଂ ମହାନ ସୃଷ୍ଟି ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟକୁ ସମୃଦ୍ଧ କରିପାରିଛନ୍ତି ।ସେମାନଙ୍କର କୃତି ଓଡ଼ିଆ ସାହିତ୍ୟ ଜଗତରେ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିପାରିଛି ।ଯେଉଁ କବିଙ୍କୁ ନେଇ ଗର୍ବ କରନ୍ତି ପ୍ରତିଟି ଓଡ଼ିଆ, ଯେଉଁ କବିଙ୍କ ଲେଖନୀ ଚାଳନା ଓଡିଆ ଭାଷା ସାହିତ୍ୟକୁ କରିଛି ଅଧିକରୁ ଅଧିକ ଋଦ୍ଧିମନ୍ତ ସେହି ଯୋଗଜନ୍ମା କବି ହେଉଛନ୍ତି ସ୍ୱଭାବ କବି ଗଙ୍ଗାଧର ମେହେର । ଓଡିଆଭାଷା, ସାହିତ୍ୟ ଓ ଓଡିଆଜାତି ଯେତେବେଳେ ସଙ୍କଟ ଦେଇ ଗତି କରୁଥିଲା ସେତିକି ବେଳେ କବି ଗଙ୍ଗାଧର ମେହେରଙ୍କର ହୋଇଥିଲା ଅଭ୍ୟୁଦୟ । ତାଙ୍କ ଲେଖନୀରୁ ସୃଷ୍ଟି ହୋଇଥିଲା କାଳଜୟୀ ସାହିତ୍ୟ । ରାଧାନାଥ ରାୟ, ଫକୀରମୋହନ ସେନାପତିଙ୍କ ପରି ସାହିତ୍ୟରେ ସେ ଭରିଦେଇଥିଲେ ନୂଆସ୍ୱାଦ। ପ୍ରକୃତି ହୋଇଥିଲା ଜୀବନ୍ତ। ଚରିତ୍ରମାନେ ନିଜ ନିଜ ଗୁଣରେ ହୋଇଥିଲେ ବଳୀୟାନ । ତାଙ୍କ କାବ୍ୟ କବିତା ପାଠକରି ପାଠକ ହେଉଥିଲେ ଅଭିଭୂତ। ସାହିତ୍ୟ ପଢୁପଢୁ ଧୀରେ ଧୀରେ ଗଙ୍ଗାଧର ସାହିତ୍ୟ ରଚନା କରିବାକୁ ଲାଗିଲେ । ତାଙ୍କ ରଚିତ କାବ୍ୟରସ ଗୁଡିକ ମଧ୍ୟରେ ରହିଛି ରତ୍ନାକର, ଅହଲ୍ୟା ଆଦିକୁ ପଢି ଖୁସି ହୋଇଥିଲେ ପାଠକ ବୃନ୍ଦ ।ସେହି ସମୟରେ ସେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ ଦାସଙ୍କ ଭଳି ପ୍ରାଚୀନ ଓଡ଼ିଆ କବିମାନଙ୍କ କାବ୍ୟ ପଢ଼ିବା ସହିତ ନିଜେ ଏକାଧିକ ଛୋଟ-ବଡ଼ କବିତା ଲେଖିଥିଲେ। 'ରସରତ୍ନାକର' ଗଙ୍ଗାଧରଙ୍କ ପ୍ରଥମ କାବ୍ୟ। ପରେ ଆଧୁନିକ ଶୈଳୀରେ 'ଇନ୍ଦୁମତୀ' ରଚନା କରିଥିଲେ। 'ଅହଲ୍ୟାସ୍ତବ', 'ଉତ୍କଳ ଲକ୍ଷ୍ମୀ', 'କୀଚକ ବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଅର୍ଘ୍ୟଥାଳି', କବିତା-କଲ୍ଲୋଳ', 'ପଦ୍ମିନୀ' ଆଦି ଗଙ୍ଗାଧରଙ୍କର କେତେକ ଅମୂଲ୍ୟ ରଚନାବଳୀ। ପ୍ରକୃତିର ଅସାଧାରଣ ବର୍ଣ୍ଣନା, ଆଦର୍ଶ ଚରିତ୍ର ଚିତ୍ରଣ, ମାନବତାର ଜୟଗାନ ଆଦି ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ।

-ଚିତ୍ତରଞ୍ଜନ ପୃଷ୍ଟି. ମୋ-୯୭୭୮୧୭୭୫୦୧



# ଅଗଷ୍ଟ ବିପ୍ଳବ

ଡ.ଅରୁନ୍ଧତୀ ଦେବୀ



ଭାରତୀୟ ମୁକ୍ତି ସଂଗ୍ରାମର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଥିଲା ଭାରତଛାଡ଼ ଆନ୍ଦୋଳନ । ୧୯୪୨ ଅଗଷ୍ଟ ୯ ତାରିଖରେ ଦେଶକୁ ବ୍ରିଟିଶ ଶାସନ ମୁକ୍ତ କରିବା ପାଇଁ ଶେଷ ପର୍ଯ୍ୟାୟର ଆନ୍ଦୋଳନ ମୁମ୍ବାଇରୁ ଆରମ୍ଭ ହୋଇଥିଲା। ସମସ୍ତ ପ୍ରମୁଖ କଂଗ୍ରେସ ନେତାଙ୍କୁ ପୂର୍ବରୁ ଗିରଫ କରିନିଆଯାଇ ଥିବାରୁ, ଅରୁଣା ଆସଫ ଅଲ୍ଲୀ ମୁମ୍ବାଇର ଗୱାଲିୟା ଟ୍ୟାଙ୍କ ମଇଦାନ (ପରେ ଅଗଷ୍ଟ କ୍ରାନ୍ତି ମଇଦାନ ଭାବେ ନାମିତ)ରେ ପତାକା ଉଡ଼ାଇ, ଏହି ଆନ୍ଦୋଳନ ପାଇଁ ଶଙ୍ଖଧ୍ୱନି ଦେଇଥିଲେ। ଭାରତମାଟିରୁ ବ୍ରିଟିସ୍ ଶାସନର ଅନ୍ତ ଘଟାଇବା ପାଇଁ ଭାରତର ସର୍ବସାଧାରଣ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ । ୧୯୪୨ ମସିହା ଅଗଷ୍ଟ ୮ ତାରିଖରେ ବମ୍ବେଠାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସ ଜାତୀୟ ଅଧିବେଶନରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ଛାଡ଼ ଆନ୍ଦୋଳନ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ଆନ୍ଦୋଳନରେ ଦେଶର ସବୁ ଜନ ସାଧାରଣଙ୍କୁ ସାମିଲ୍ କରିବା ପାଇଁ ଗାନ୍ଧିଜୀ 'କର ବା ମର' ଆହ୍ୱାନ ଦେଇଥିଲେ ।

ଏଥିରେ ଓଡ଼ିଶାର ଅନେକ ସଂଗ୍ରାମୀ ମଧ୍ୟ ଶହୀଦ ହୋଇଥିଲେ । ୧୯୪୨ ମସିହା ସେପ୍ଟେମ୍ବର ୨୮ ତାରିଖରେ ଇରମ୍ ଗୁଳିକାଣ୍ଡରେ ୨୬ଜଣ ବ୍ୟକ୍ତି ନିହତ ହୋଇଥିବାବେଳେ ୫୦ଜଣ ଆହତ ହୋଇଥିଲେ । ମାଲକାନାଗିରି ମାଥିଲି ଅଞ୍ଚଳରେ ଆଦିବାସୀ ନେତା ଲକ୍ଷ୍ମଣ ନାୟକ ଶହୀଦ ହୋଇଥିଲେ । ସେହିପରି ପାପଡାହାଣ୍ଡିରେ ଶୋଭାଯାତ୍ରା କରୁଥିବାବେଳେ ପୁଲିସ୍ ଗୁଳିରେ ୧୯ ଜଣଙ୍କ ମୃତ୍ୟୁ ହୋଇଥିଲେ । ମହାନ ଅଗଷ୍ଟ ବିପ୍ଳବର ମୂଳକଥାଟି ହେଉଛି ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବ୍ରିଟିଶ ପକ୍ଷକୁ ସମର୍ଥନ ସତ୍ତ୍ୱେ, ଯୁଦ୍ଧ ପରେ ଭାରତକୁ ସ୍ୱତନ୍ତ୍ରତା ଦେବା ପାଇଁ ଇଂରେଜମାନେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ।



ଏହା ବିରୋଧରେ ବିଶାଳ ଜନ ଆନ୍ଦୋଳନ ଭାରତ ଛାଡ଼ ଆନ୍ଦୋଳନ ଲାଗି ୪ ଜୁଲାଇ ୧୯୪୨ରେ ନିଷ୍ପତ୍ତି ନିଆଯାଇଥିଲା। ସେତେବେଳେ ଏହି ପ୍ରସଙ୍ଗରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସରେ ମତଭେଦ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ଆନ୍ଦୋଳନ ଡାକରାକୁ ଗ୍ରହଣ ନକରି ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଦଳ ଛାଡ଼ିଥିଲେ। ହିନ୍ଦୁ ମହାସଭା, ମୁସଲିମ ଲିଗ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଧ୍ୟ ସମର୍ଥନ ଦେଇ ନଥିଲେ। ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗାନ୍ଧୀଙ୍କ ଡାକରାକୁ ବିପୁଳ ଜନ ସମର୍ଥନ ମିଳିଥିଲା।

ମୋ : ୯୯୩୭୧୭୨୮୧୦

## ବର୍ଷର ଦ୍ୱିତୀୟ ସୂର୍ଯ୍ୟପରାଗ

# ଭାରତ କିମ୍ବା ଓଡ଼ିଶାରେ ହେବ ନାହିଁ ଦୃଶ୍ୟ



ଆସନ୍ତା ୧୨ ତାରିଖରେ ଚଳିତ ବର୍ଷର ଦ୍ୱିତୀୟ ସୂର୍ଯ୍ୟପରାଗ ଅନୁଷ୍ଠିତ ହେବ । ତେବେ ଏହି ପୂର୍ଣ୍ଣ ଗ୍ରାସ ସୂର୍ଯ୍ୟପରାଗ ଭାରତ କିମ୍ବା ଓଡ଼ିଶାରେ ଦୃଶ୍ୟମାନ ହେବ ନାହିଁ । ସୂର୍ଯ୍ୟପରାଗ କିଛି କ୍ଷଣ ବା ମୁହୂର୍ତ୍ତ ପାଇଁ ଓଡ଼ିଶା କିମ୍ବା ଭାରତରେ ଦୃଶ୍ୟମାନ ହେଉନଥିବାରୁ ଏହା ଆଦୌ ପାଳନୀୟ ନୁହେଁ । ସୂର୍ଯ୍ୟପରାଗ ଓଡ଼ିଶା କିମ୍ବା ଭାରତରେ ଦୃଶ୍ୟମାନ ହେଉ ନଥିବାରୁ ପାକ ଛାଡ କିମ୍ବା ଦେବ ନୀତି ବନ୍ଦ ହେବ ନାହିଁ । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ତଥା ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର । ସେହିପରି ଅଗଷ୍ଟ ୨୮ ତାରିଖରେ ଆଂଶିକ ଚନ୍ଦ୍ରଗ୍ରହଣ ପଡୁଛି । ଏହା ମଧ୍ୟ ଓଡ଼ିଶା କିମ୍ବା ଭାରତରେ ଦୃଶ୍ୟମାନ ହେବ ନାହିଁ । ତେବେ ମାତ୍ର ୧୫ ଦିନ ବ୍ୟବଧାନରେ ଗୋଟିଏ ସୂର୍ଯ୍ୟପରାଗ ଓ ଗୋଟିଏ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଶାସ୍ତ୍ର, ଇତିହାସ ଆଧାରରେ ଏହା ବିଶ୍ୱ ପାଇଁ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି ।

୨୦୧୯ ମସିହାରେ ମଧ୍ୟ ଏଭଳି ୧୫ ଦିନ ବ୍ୟବଧାନରେ ଗୋଟିଏ ସୂର୍ଯ୍ୟପରାଗ ଓ ଗୋଟିଏ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହୋଇଥିଲା ।ଫଳରେ ଯୁଦ୍ଧ, ମାରଣାସ୍ତ୍ର, କଳହ ଓ ଅନ୍ୟାନ୍ୟ ସମସ୍ୟା ସୃଷ୍ଟି ହେବ ବୋଲି ଜ୍ୟୋତିର୍ବିଦ ହରିଶଙ୍କର ମିଶ୍ର ଶାସ୍ତ୍ର ଓ ଇତିହାସ ଆଧାରରେ ଏହା କହିଛନ୍ତି । ତେବେ ଆସନ୍ତା ୧୨ ତାରିଖରେ ସମଗ୍ର ବିଶ୍ୱ ଏହି ମହାଜାଗତିକ ଦୃଶ୍ୟ ଦେଖିବାକୁ ପାଇବେ ।

ଆସନ୍ତା ଅଗଷ୍ଟ ୧୨ ତାରିଖ ବୁଧବାର ଅମାବାସ୍ୟାରେ ପଡ଼ିବ ୨୦୨୬ ମସିହାର ଦ୍ୱିତୀୟ ପୂର୍ଣ୍ଣ ଗ୍ରାସ ସୂର୍ଯ୍ୟପରାଗ। ୧୨ ତାରିଖ ରାତି ଭାରତୀୟ ସମୟ ୯.୪ ମିନିଟ୍‌ରେ ଆରମ୍ଭ ହେବ ଏବଂ ଅଗଷ୍ଟ ୧୩ ସକାଳ ୪.୨୫ ମିନିଟ୍ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୂର୍ଯ୍ୟପରାଗ ରହିବ । ଏହି ସମୟରେ ଚନ୍ଦ୍ର ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଆସି ସୂର୍ଯ୍ୟଙ୍କୁ ସମ୍ପୂର୍ଣ୍ଣ ଭାବେ ଢାଙ୍କି ଦେବ । ଫଳରେ ଉତ୍ତର ଆମେରିକା, ଦକ୍ଷିଣ ଆମେରିକା, ୟୁରୋପର କିଛି ଅଂଶ ଯେଉଁ ଅଞ୍ଚଳରୁ ସମ୍ପୂର୍ଣ୍ଣ ପରାଗ ଦେଖାଯିବ, ସେଠାରେ ଦିନ ବେଳେ କିଛି ସମୟ ପାଇଁ ରାତି ଭଳି ଅନ୍ଧାର ହୋଇଯିବ।

ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଦାସ ହେଉଛନ୍ତି ଜଣେ ଅମର ସ୍ରଷ୍ଟା। ଓଡ଼ିଆ ଜାତି ପାଇଁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏକ ଶ୍ରେଷ୍ଠ ଅବଦାନ। ତାଙ୍କ ରଚିତ ଭାଗବତ ଓଡ଼ିଶାର ଘରେ ଘରେ ଆଦୃତ। ଏକାଧାରରେ ସେଥିଲେ ଧର୍ମପ୍ରଚାରକ, ସମାଜସଂସ୍କାରକ, ପରମ ବୈଷ୍ଣବ ଏବଂ ମହାକବି। ଆଗେ ଆମ ଓଡ଼ିଶାର ଗାଁ ଗାଁରେ ଥିଲା ଭାଗବତ ଟୁଙ୍ଗୀ। ପୂଜା ପାଉଥିବା ତାଳପତ୍ର ପୋଥିଙ୍କୁ ଲୋକେ ଭକ୍ତିରେ କହୁଥିଲେ ଭାଗବତ ଗାଦି। ପ୍ରତିଦିନ ସନ୍ଧ୍ୟା ସମୟରେ ବ୍ରାହ୍ମଣ ପଣ୍ଡିତ ଭାଗବତ ପାଠ କରନ୍ତି। ଲୋକେ ଏକାଠି ବସି ପଣ୍ଡିତଙ୍କ ମୁହଁରୁ ଭାଗବତ ଶୁଣନ୍ତି। ଯେଉଁଠାରେ କଷ୍ଟ ଲାଗେ ପଣ୍ଡିତ ମହାଶୟ ସରଳ ଭାଷାରେ ବୁଝାଇଦିଅନ୍ତି। ପୁଣ୍ୟାତ୍ମା ଜଗନ୍ନାଥ ଦାସ ହେଉଛନ୍ତି ଏହି ଓଡ଼ିଆ ଭାଗବତର ରଚୟିତା। ସେ ସଂସ୍କୃତ ଭାଗବତକୁ ଆକ୍ଷରିକ ଓଡ଼ିଆ କରିନାହାନ୍ତି। ସରଳ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ଏହି ଭାଗବତକୁ ଲେଖିଯାଇଛନ୍ତି। ଜଗନ୍ନାଥ ଦାସ ପଣ୍ଡିତମାନଙ୍କ ପାଇଁ ଏହି ଭାଗବତ ରଚନା କରି ନ ଥିଲେ, ସେ ଲେଖିଥିଲେ ଉତ୍କଳର ଅଗଣିତ ନିରକ୍ଷର ଜନତାଙ୍କ ପାଇଁ ।ଯେଉଁଠି ଓଡ଼ିଆ, ଯେଉଁଠି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର, ସେଇଠି ରହିଛି ଏହି ଓଡ଼ିଆ ଭାଗବତ। ଏବେ ବି ମେଦିନୀପୁର ଅଞ୍ଚଳରେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଛପାଯାଇ ପାଠ କରାଯାଉଛି। ଜଗନ୍ନାଥ ଦାସଙ୍କ ଭାଗବତରୁ ପଦିଏ କାନରେ ପଡ଼ିଲେ ମନରେ ଓଡ଼ିଆତ୍ୱ ଭାବ ସଞ୍ଚରି ଉଠେ। ଜଗନ୍ନାଥ ଦାସଙ୍କ ଭାଗବତର ଅମର ପଙ୍‌କ୍ତି ଗାଉଁଲି ଖଟିଖିଆ ଚାଷୀଙ୍କ ମୁହଁରୁ ବାହାରି ଆସେ- 'ଏ ଭାଗବତର ମହିମା, କେ ଚିନ୍ତିପାରେ ଗୁଣସୀମା'।

# ସାର ହଡ଼ପ ଘଟଣା ଲାଇସେନ୍ସ ରଦ୍ଦ ପାଇଁ ନିର୍ଦ୍ଦେଶ

ଭାପୁର,(ନିପ୍ର): ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ପ୍ରାଥମିକ କୃଷି ସମବାୟ ସମିତି ଲିଃ କାର୍ଯ୍ୟାଳୟରେ ସାର ହଡପ ଘଟଣାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଲାଇସେନ୍ସ ରଦ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, କୃଷକମାନଙ୍କୁ ସୁଲଭ ମୂଲ୍ୟରେ ସାର ଯୋଗେଇବା ପାଇଁ ସୋସାଇଟିକୁ ପ୍ରଥମେ ୨୨୨ ବସ୍ତା ୟୁରିଆ ସାର ଆସିଥିଲା।

ସେଥିମଧ୍ୟରୁ ୮୩ ବସ୍ତା କୃଷକଙ୍କୁ ବିକ୍ରି ହୋଇଥିବା ବେଳେ ଗୋଦାମରେ ୮୫ ବସ୍ତା ଗୋଦାମରେ ଷ୍ଟକ ରହିଥିଲା ଅବଶିଷ୍ଟ ୫୪ ବସ୍ତା ଉଭାନ ହୋଇଥିଲା। ଏହି ୫୪ ବସ୍ତା ଉଭାନକୁ ନେଇ କୃଷକମାନେ ତାତି ହୋହାଲ୍ଲା କରିବାରୁ ସୋସାଇଟିର ସମ୍ପାଦିକା କାର୍ଯ୍ୟାଳୟରେ ତାଲା ପକେଇ ଚାଲିଯାଇଥିଲେ। ଫଳରେ, କୃଷକମାନେ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଥିଲେ। ଉକ୍ତ ଘଟଣାକୁ ଜିଲ୍ଲାପାଳ ଗମ୍ଭୀରତାର ସହ ଗ୍ରହଣ କରି ବ୍ଲକ କୃଷି ଅଧିକାରିଣୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତରେ ୫୪ ବସ୍ତା ସାର ଉଭାନ ହୋଇଥିବା ଜଣାପଡିବାରୁ ଏହି ରିପୋର୍ଟ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି ହଡପ ଘଟଣାକୁ ନେଇ ଶାଳପଡା ସୋସାଇଟି ଦ୍ୱାରା ପ୍ରଦାନ କରାଯାଇଥିବା ସାର ଲାଇସେନ୍ସକୁ ରଦ୍ଦ କରିବା ପାଇଁ ଜିଲ୍ଲାରୁ ନିର୍ଦ୍ଦେଶ ଆସିଛି। ଫଳରେ, ଏହି ସୋସାଇଟି ଦ୍ୱାରା ପରିଚାଳିତ କୃଷକମାନେ ଡବଲ ରେଟରେ ବଜାରରୁ ସାର କିଣୁଥିବା ଦେଖାଦେଇଛି। ଜଣେ ଦୁର୍ନୀତ ଖୋର ସମ୍ପାଦିକାଙ୍କ ପାଇଁ ଶହ ଶହ ଚାଷୀ ସୁଲଭ ମୂଲ୍ୟରେ ସାର କ୍ରୟରେ ବଳି ପଡିବାକୁ ନେଇ ଆସନ୍ତୁଷ୍ଟ ଦେଖାଦେଇଥିବା କୁହାଯାଇଛି। ସମ୍ପୃକ୍ତ ସମ୍ପାଦିକା କାହା ବଳରେ ବଳୀୟାନ ହୋଇ ଶହ ଶହ ଗରିବ ଚାଷୀଙ୍କ ଜମିରେ ଧୂଳି ଦେଉଛନ୍ତି ସେଥିନେଇ ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ପ୍ରଥମ ଅଭିଭାବକ-ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବୈଠକ

ନିମାପଡ଼ା,(ନିପ୍ର): ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ମୁଖ୍ୟ ସ୍ରୋତରେ ସାମିଲ, ଡ଼ିଜିଟାଲ ଦୁନିଆରେ ଛାତ୍ରମାନଙ୍କ ସୁରକ୍ଷା, ବୃତ୍ତି ମାର୍ଗ ଦର୍ଶନ ଓ ଭବିଷ୍ୟତ ଯୋଜନାରେ ଅଭିଭାବକଙ୍କ ଭୂମିକା, ଭିନ୍ନକ୍ଷମଙ୍କ ନିମନ୍ତେ ସୁବିଧା ସୁଯୋଗ ସଂପର୍କରେ ଆଲୋଚନା କରାଯାଇ ନୂତନ ଶିକ୍ଷାନୀତିକୁ ସଫଳ ରୂପାୟନ ଦେବା ପାଇଁ ନାଗବସ୍ତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପ୍ରଥମ ପରିଚାଳନା ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ପ୍ରଧାନ ଶିକ୍ଷକ ତଥା ପରିଚାଳନା କମିଟି ସଭାପତି ତ୍ରିଲୋଚନ ବେହେରା ସ୍ୱାଗତ ସୂଚନା ଦେଇ ବୈଠକ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ବସନ୍ତ ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ଭାସ୍କର ସାହୁ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ସ୍ୱାଇଁ, ଉପ-ସଭାପତି ମଧୁସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ନୀତି ଅନୁସାରେ ଛାତ୍ରମାନଙ୍କୁ ଗଢ଼ି ତୋଳିବା ପାଇଁ ସର୍ବସମ୍ମତି ପ୍ରସ୍ତାବ ଗୃହୀତ ହୋଇଥିଲା।

# ମେଗା ସ୍ୱାସ୍ଥ୍ୟ ସେବା ଶିବିର

ଚମ୍ପୁଆ,(ନିପ୍ର): କୈରାଲୀ କଲେଜ ଅଫ ନର୍ସିଙ୍ଗ ପକ୍ଷରୁ ଆନନ୍ଦ ଆଶ୍ରମ, ବଡପୋଷି, କେନ୍ଦୁଝର ଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିରର ଅଯୋଜନ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ଏସ.ଡି. ଏମୋଙ୍କ ଦ୍ୱାରା ଉଦଘାଟନ ହୋଇଯାଇଛି। ଉକ୍ତ ସ୍ୱାସ୍ଥ୍ୟ ଶିବିରକୁ ଡ. ବେଞ୍ଜାମିନ ସିର୍କା ପରିଚାଳିତ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କଲେଜର ଚେୟାରମ୍ୟାନ ପି. ଏସ. ରାଜମୋହନ ତଥା କଲେଜର ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ଆଶ୍ରମ ରେ ଥିବା ବୃଦ୍ଧବୃଦ୍ଧାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ତାଙ୍କୁ ସଚେତନ ମଧ କରାଇଥିଲେ। କାର୍ଯ୍ୟକ୍ରମରେ ୭୦ ଜଣରୁ ଅଧିକ ଲୋକ ଏହି ଶିବିରରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଆନନ୍ଦ ଆଶ୍ରମର ପରିଚାଳନା କମିଟିର ଏହି ପ୍ରୟାସକୁ ବହୁମାତ୍ରାରେ ଲୋକେ ପ୍ରଶଂସା କରିଥିବାବେଳେ କୈରାଲୀ ନର୍ସିଙ୍ଗ କଲେଜର ଏହି ପ୍ରୟାସକୁ ଭୁରି ପ୍ରଶଂସା କରିଛନ୍ତି।

# ନିଶାମୁକ୍ତ ସଚେତନତା ଶିବିର

କୃଷ୍ଣପ୍ରସାଦ,(ନିପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ନିଶା ମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଳୁ ଚରଣ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ।

ନିଶାମୁକ୍ତ ଯୁବ ବିକଶିତ ଭାରତ ୨. ୦ କାର୍ଯ୍ୟକ୍ରମରେ ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଭଗିନୀ ସୁମଶିନୀ ଭାଇ ଅତୁଲ୍ୟ ଯୋଗଦେଇ ନିଶା ସେବନର ଅପକାରିତା ସମ୍ପର୍କରେ ଉଦାହରଣ ସହ ସଚେତନତା କରିଥିଲେ। ନିଶା ସେବନ ଦ୍ୱାରା କିପରି ଶାରୀରିକ, ମାନସିକ, ଆର୍ଥିକ, ସାମାଜିକ ବ୍ୟକ୍ତିତ୍ୱ ହ୍ରାସ ପାଇଥାଏ ବର୍ଣ୍ଣନା କରିଥିଲେ। ଶିକ୍ଷାବିତ ଶ୍ରୀଯୁକ୍ତ କେଳୁ ଚରଣ ଜେନା କହିଥିଲେ ନିଶା ସେବନ ଦ୍ୱାରା ପରିବାରରେ କଳହ ହେବା ସହ ଆର୍ଥିକ ଅନାଟନ, ଶାରୀରିକ ଅସୁସ୍ଥତା ଦେଖାଦେବ। ତେଣୁ ନିଶାକୁ ବର୍ଜନ କରି ଏକ ସୁସ୍ଥ ଭାରତ ଗଠନ କରିବା ପାଇଁ ଶପଥ ନେବାକୁ ଯୁବ ପିଢ଼ିକୁ ଆହ୍ୱାନ କରିଥିଲେ। ସଚେତନତା ଶିବିର ରେ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ପ୍ରକାଶ କୁମାର ଜେନା ନିଶାମୁକ୍ତ ଭାରତ ଗଠନ ପାଇଁ ମହାବିଦ୍ୟାଳୟର ଯୁବ ପିଢ଼ିକୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ମାନେ ସହଯୋଗ କରିଥିଲେ।

# ଅସ୍ତିତ୍ୱ ହରାଇ ବସିଛି ହାତୀମୁଣ୍ଡା ଜଳସେଚନ ପ୍ରକଳ୍ପ

## ରକ୍ଷଣାବେକ୍ଷଣ ଅଭାବରୁ ଖରିଫ ଚାଷ ପାଇଁ ଚାଷୀ ଚିନ୍ତାରେ



ରାୟଗଡା,(ନି:ପ୍ର): ୪୦ବର୍ଷରୁ ଉର୍ଦ୍ଧ୍ୱ ବର୍ଷଧରି କଲ୍ୟାଣସିଂହପୁର, ଧାମୁଣିପଙ୍ଗା ନରାୟଣପୁର କରପା ପଞ୍ଚାୟତର ହଜାର ହଜାର ଏକର ଚାଷ ଜମିକୁ ଜଳ ସେଚନ କରୁଥିବା ହାତୀମୁଣ୍ଡା ପ୍ରକଳ୍ପ ନିଜେ ଅସ୍ତିତ୍ୱ ଖୋଜୁଛି। ରାୟଗଡା ଜିଲ୍ଲାର କଲ୍ୟାଣସିଂହପୁର ବ୍ଲକର ଅଞ୍ଚଳର ହଜାର ହଜାର ଏକର ଚାଷ ଜମିକୁ ପାଣି ଯୋଗାଉଥିବା ହାତୀମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଆଜି ସରକାରୀ ଅବହେଳା ଓ ରକ୍ଷଣାବେକ୍ଷଣର ଅଭାବରୁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ସରକାର ପରେ ସରକାର ବଦଳିଲା କିନ୍ତୁ ଏହି ଜଳସେଚନର କେନାଲ, ଶାଖା କେନାଲର ରୂପରେଖା ବଦଳିଲା ନାହିଁ। ଚାଳିଶି ବର୍ଷ ପୂର୍ବେ ଚାଷୀଙ୍କ ଜମିକୁ ପାଣି ଯୋଗାଇବା ପାଇଁ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଦିନକୁ ଦିନ କେନାଲ ପୋତି ହୋଇ ଗଲାଣି। ଏମିତିକି ଦିନେ କେନାଲ ଥିଲା ବୋଲି ଜାଣିହେବ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବର୍ଷକୁ ବର୍ଷ କୋଟି କୋଟି ଟଙ୍କାର ମରାମତି ହେଉଛି କିନ୍ତୁ ଉକ୍ତ ଟଙ୍କା କୁଆଡେ ଯାଉଛି କୋଉଠି ଖର୍ଚ୍ଚ ହେଉଛି କେହି କହି ପାରୁ ନାହାନ୍ତି। ପାଣି ଅଞ୍ଚୟତ ନାମରେ ଆସୁଥିବା ଟଙ୍କା ଓ ଟେଣ୍ଡର ମାଧ୍ୟମରେ ହେଉଥିବା କାର୍ଯ୍ୟ ଅତି ନିମ୍ନମାନର ହେଉଥିବାରୁ ଗୋଟିଏ ବର୍ଷ ମଧ ଯାଉନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।ଖରିଫ ଋତୁ ଆରମ୍ଭ ହୋଇ ଯାଇଥିବା ବେଳେ ପ୍ରକଳ୍ପର ଦୟନୀୟ ସ୍ଥିତି ଚାଷୀଙ୍କ ଚିନ୍ତା ବଢ଼ାଇଛି। ନିଅଣ୍ଟିଆ ବର୍ଷା ସାଙ୍ଗକୁ ସମୟ ଥାଉ ଥାଉ ପ୍ରକଳ୍ପର ପୁନଃଉଦ୍ଧାର କରାନଗଲେ ଚଳିତ ବର୍ଷ ଖରିଫ ଚାଷ ଗୁରୁତର ଭାବେ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ନାଗାବଳି ନଦୀ ଉପରେ ନିର୍ମିତ ଏହି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଚାରି ପଞ୍ଚାୟତକୁ ପୂର୍ବେ ଜଳସେଚନ ମାଧ୍ୟମରେ ଜଳ ଯୋଗାଣ ହେଉଥିଲା। ରକ୍ଷଣବେକ୍ଷଣ ଅଭାବ ଯୋଗୁ ଧୀରେ ଧୀରେ କରପା ପଞ୍ଚାୟତକୁ ସମ୍ପୂର୍ଣ ବନ୍ଦ ହୋଇ ଯାଇଛି।ନାରାୟଣ ପୁର ପଞ୍ଚୟତର କିଛି ଅଞ୍ଚଳକୁ ପାଣି ମାଡୁଥିବା ବେଳେ ବର୍ତ୍ତମାନ ଅଧିକ ଭାଗକୁ ପାଣି ମାଡୁ ନଥିବାରୁ ଜମିରେ ନୀଳଗିରି ଗଛ ଲଗାଇ ଚାଷ କରୁଥିବା ପ୍ରକାଶ କରିଛନ୍ତି।କିନ୍ତୁ ଦୀର୍ଘବର୍ଷ ଧରି ପ୍ରକଳ୍ପର ରକ୍ଷଣାବେକ୍ଷଣ ହୋଇନଥିବାରୁ ଏହା ବର୍ତ୍ତମାନ ଅକାମୀ ହେବାକୁ ବସିଛି। କେନାଲ ଓ ଆଉଟଲେଟରେ ବହୁ ପରିମାଣରେ ପଙ୍କ ଜମି ରହିଥିବାରୁ ଜଳଧାରଣ କ୍ଷମତା ଦିନକୁ ଦିନ କମିବାରେ ଲାଗିଛି।

ଅନ୍ୟପଟେ ମୁଖ୍ୟ ଓ ଶାଖା କେନାଲଗୁଡ଼ିକ ଅନାବନା ଲଟା ବୁଦାରେ ଭରିଯାଇଥିବା ବେଳେ ବହୁ ସ୍ଥାନରେ କେନାଲ ହୁଡ଼ା ଭାଙ୍ଗି ଯାଇଛି। ଫଳରେ ଜଳ ଚାଷ ଜମିକୁ ପହଞ୍ଚିବା ପରିବର୍ତ୍ତେ ଅନ୍ୟ ସ୍ଥାନକୁ ବହି ଯାଉଛି। ସ୍ଥାନୀୟ ଚାଷୀମାନଙ୍କ କହିବା ଅନୁସାରେ, ପ୍ରତିବର୍ଷ ବର୍ଷା ଆରମ୍ଭ ପୂର୍ବରୁ ପ୍ରକଳ୍ପରୁ ପଙ୍କ ଉଦ୍ଧାର, କେନାଲ ସଫେଇ ଓ ଭାଙ୍ଗିଥିବା ସ୍ଥାନର ମରାମତି କରାଯିବା କଥା। କିନ୍ତୁ ବର୍ଷ ବର୍ଷ ଧରି ଏଭଳି କୌଣସି କାର୍ଯ୍ୟ ହୋଇନ ଥିବାରୁ ପ୍ରକଳ୍ପଟି ଧୀରେ ଧୀରେ ଅକାମୀ ହୋଇପଡ଼ିଛି। ଏହାର ସିଧାସଳଖ ପ୍ରଭାବ ଚାଷ ଓ ଚାଷୀଙ୍କ ଉପରେ ପଡୁଛି।

ବର୍ଷା କମ୍ ହେଲେ ଜଳ ସେଚନର ଅଭାବରୁ ଧାନ ଚାଷ ସମ୍ପୂର୍ଣ୍ଣ ଭାବେ ପ୍ରଭାବିତ ହେବା ସହ ଚାଷୀମାନେ କ୍ଷତିର ସମ୍ମୁଖୀନ ହେବେ। ଏହି ପ୍ରକଳ୍ପ ଉପରେ ହଜାର ହଜାର ପରିବାରର ଜୀବନ ଜୀବିକା ନିର୍ଭର କରୁଛି। ତେଣୁ ବର୍ଷା ଋତୁ ଆସି ଯାଇଛି। ଯୁଦ୍ଧକାଳୀନ ଭିତରେ ପଙ୍କ ଉଦ୍ଧାର, ଶାଖା କେନାଲ ସଫେଇ, ଭାଙ୍ଗିଥିବା କେନାଲ ହୁଡ଼ାର ମରାମତି ଏବଂ ସମଗ୍ର ପ୍ରକଳ୍ପର ପୁନରୁଦ୍ଧାର କାମ ଆରମ୍ଭକରାଯିବା ଆବଶ୍ୟକ ରହିଛି।ନଚେତ ଚଳିତ ଖରିଫ ଋତୁରେ ଚାଷୀମାନେ ଜଳସେଚନ ସୁବିଧାରୁ ବଞ୍ଚିତ ରହିବେ। ଏଭକି ନାଗାବଳି ନଦୀର ପାଣିକୁ ଏକ ପେପର ମିଲ ଅତ୍ୟଧିକ ଶୋଷି ନେଉଥିବାରୁ ଚାଷ ଜମିକୁ ପାଣି ନିଅଣ୍ଟ ପଡୁଥିବା ଅଭିଯୋଗ କରିଛନ୍ତି ଚାଷୀମାନେ।

# ଗଛଟିଏ ଲଗାଇବା, ସୁରକ୍ଷିତ ଭବିଷ୍ୟତ ଗଢ଼ିବା : ଧର୍ମେନ୍ଦ୍ର ପ୍ରଧାନ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଠାରେ ଆୟୋଜିତ "ମାଆ ପାଇଁ ଗଛଟିଏ" ଅଭିଯାନ କାର୍ଯ୍ୟକ୍ରମରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ପରିବେଶବିତ୍ ଓ ସ୍ଥାନୀୟ ଜନସାଧାରଣଙ୍କ ସହ ମିଶି ବୃକ୍ଷରୋପଣ କରିଛନ୍ତି।



ପରିବେଶ ସୁରକ୍ଷାର ଏହି ମହତ୍ ପ୍ରୟାସକୁ ଆଗକୁ ନେବା ପାଇଁ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ବିପୁଳ ଉତ୍ସାହ ଓ ଆଗ୍ରହକୁ ସାଂସଦ ଶ୍ରୀ ପ୍ରଧାନ ଅତ୍ୟନ୍ତ ପ୍ରଶଂସା କରିଛନ୍ତି। ଏହି ଅବସରରେ ସାଂସଦ ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଗୋଟିଏ ଗଛ କେବଳ ପରିବେଶକୁ ସୁରକ୍ଷିତ ରଖି ନଥାଏ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ, ସୁନ୍ଦର ଓ ନିରାପଦ ଭବିଷ୍ୟତ ନିର୍ମାଣ କରେ। ନିଜ ମା'ଙ୍କ ସମ୍ମାନାର୍ଥେ ପ୍ରତ୍ୟେକ ନାଗରିକ ଗୋଟିଏ ଲେଖାଏଁ ଗଛ ଲଗାଇବା, ତାହାର ସୁରକ୍ଷା କରିବା ଏବଂ ଆମ ଧରିତ୍ରୀ ମା'କୁ ଅଧିକ ସବୁଜ ଓ ସୁନ୍ଦର କରି ଗଢ଼ିତୋଳିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି। ଏହି ସ୍ୱତନ୍ତ୍ର ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବୋଲିରାମ ବନ୍ଦର , ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଂଜନ ମହାନ୍ତ, ବନଖଣ୍ଡ ଅଧିକାରୀ ଇଲାବରେସନ କେଙ୍କ ସମେତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସମସ୍ତ ଛାତ୍ରଛାତ୍ରୀ ମହାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଡ୍ରେନେଜ୍ ସୁବିଧା ନ ଥିବାରୁ ବର୍ଷାପାଣି ଘେରରେ ନଳିପୁର ଗ୍ରାମବାସୀ

ବଡ଼ଚଣା,(ନିପ୍ର): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ନଳିପୁର ଗ୍ରାମରେ ଡ୍ରେନେଜ୍ ସୁବିଧା ନଥିବାରୁ ପାଣି ଘେରରେ ଗାଁ ଲୋକେ। ରାସ୍ତାରେ ଚାଲୁଛି ପାଣି,ବନ୍ୟା ନୁହେଁ, ବରଂ ବର୍ଷା ପାଣିରେ ବେହାଲ ପଞ୍ଚାୟତ ବାସିନ୍ଦା। ନଳୀପୁର ପଞ୍ଚାୟତର ବିଭିନ୍ନ ଗାଁରେ ଏଭଳି ସମସ୍ୟା ଲାଗି ରହିଛି। ଲଗାଣ ବର୍ଷା ଯୋଗୁଁ ଗାଁ ରାସ୍ତାରେ ଜମିଛି ପାଣି। ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସବୁ ଲୋକ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ବିଶେଷ କରି ଜାତୀୟ ରାଜପଥ କାର୍ଯ୍ୟ ସମୟରେ ବିଭିନ୍ନ ସ୍ଥାନରେ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନାହିଁ, ଯେଉଁଥିପାଇଁ ଗାଁରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ। ଜାତୀୟ ରାଜପଥକୁ ଗାଁଟି ସଂଯୋଗ କରୁଥିବାରୁ ମୁଖ୍ୟ ରାସ୍ତାରେ ପାଣି ଜମି ରହୁଛି। ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ବାରମ୍ବାର ଗୁହାରି କରିବା ପରେ ବି ସମସ୍ୟାର ସମାଧାନ ହୋଇପାରୁନାହିଁ। ଆଗାମୀ ଦିନରେ ରାସ୍ତାରୋକ କରିବାକୁ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି। ଚଣ୍ଡୀଖୋଲ ଠାରୁ ଗୋବରୀ ନଦୀ ପର୍ଯ୍ୟନ୍ତ ଦୁଇ ପଟରେ ସ୍ଥାୟୀ ଭାବରେ ୧୦-୧୨ ଫୁଟିଆ କଭର ଡ୍ରେନ୍ କରିବା ଦ୍ୱାରା ଏହାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି କୁହାଯାଇଛି।

# ଆଖୁ ବିଲରେ ବାଘ ଦେଖାଯିବା ପରେ ଆତଙ୍କ

## ସାବଧାନ ରହିବାକୁ ପୋଲିସର ନିବେଦନ

ବଡ଼ଚଣା,(ନିପ୍ର): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସାଉଡିଆ ପଞ୍ଚାୟତର ତାଲୁଆ ଗ୍ରାମର ଏକ ଆଖୁ ବିଲରେ ଏକ ବାଘ ବୁଲୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ



ଚାଞ୍ଚଲ୍ୟ ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ଗ୍ରାମର ଏକ ଆଖୁ ବିଲ ମଧ୍ୟରେ ବାଘଟି ଲୁଚି ରହିଥିବା ନେଇ ଖବର ମିଳିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଖବର ପାଇବା କ୍ଷଣି ବାଲିଚନ୍ଦ୍ରପୁର ଥାନା ଅଧିକାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବାଘଟିକୁ ସୁରକ୍ଷିତ ଭାବେ ଆୟତ୍ତ କରିବା ପାଇଁ ପୋଲିସ ପକ୍ଷରୁ ଜିଲ୍ଲା ପ୍ରଶାସନ ଏବଂ ବନ ବିଭାଗ ସହ ନିରନ୍ତର ଯୋଗାଯୋଗ କରାଯାଉଛି। ବନ ବିଭାଗର ଟିମ୍ ପହଞ୍ଚି ବାଘଟିକୁ ଉଦ୍ଧାର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ ଓ ସାବଧାନ ରହିବାକୁ ନିବେଦନ କରାଯାଇଛି। କେହି ବି ଅନାବଶ୍ୟକ ଭାବେ ଆଖୁ ବିଲ ନିକଟକୁ ନ ଯିବାକୁ ସତର୍କତା ବାର୍ତ୍ତା ଏବଂ ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି।

# ରାସାୟନିକ ସଂକଟ ପରବର୍ତ୍ତୀ ପରିଚାଳନା ନେଇ ବୈଠକ

ରାଉରକେଲା,(ନିପ୍ର): କୌଣସି ପ୍ରକାର ଶିଳ୍ପଜନିତ କାର୍ଯ୍ୟକଳାପ ହେତୁ ଉତ୍ପନ୍ନ ହେଉଥିବା ବଡ଼ ଧରଣର ଦୁର୍ଘଟଣାକୁ ପ୍ରତିରୋଧ କରିବା, ଉଭୟ ମଣିଷ ଓ ପରିବେଶ ଉପରେ ଏପରି ଦୁର୍ଘଟଣାର ପ୍ରଭାବକୁ ସୀମାବଦ୍ଧ କରିବା ଏବଂ ବିଭିନ୍ନ ନିୟନ୍ତ୍ରଣ ଉପାୟ ମଧ୍ୟରେ ତାଳମେଳ ରକ୍ଷା କରିବା ପାଇଁ ମଙ୍ଗଳବାର ଏକ ଜିଲ୍ଲାସ୍ତରୀୟ ରାସାୟନିକ ସଙ୍କଟ ପରବର୍ତ୍ତୀ ପରିଚାଳନା (ଡିଷ୍ଟ୍ରିକ୍ଟ କ୍ରାଇସିସ୍ ଗ୍ରୁପ୍ : ଡିସିଜି) ବୈଠକ ସୁନ୍ଦରଗଡରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ନିମିତ୍ତ ବିସ୍ତୃତ ଅଫ୍-ସାଇଟ୍ ଏମରଜେନ୍ସି ପ୍ଲାନ୍ (ଶିଳ୍ପାନୁଷ୍ଠାନ ପରିସର ବାହାର ଆପାତ୍‌କାଳୀନ ଯୋଜନା) ଏବଂ ଜିଲ୍ଲାର ଡିଜାଷ୍ଟର ମ୍ୟାନେଜମେଣ୍ଟ କଣ୍ଟ୍ରୋଲ ପ୍ଲାନ୍‌ସର ପ୍ରସ୍ତୁତି ଓ ତାହାକୁ ପ୍ରବର୍ତ୍ତନ କରିବାରେ ଜୋର୍ ଦେବାକୁ କୁହାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଭବନ ଠାରେ ରାସାୟନିକ ସଙ୍କଟ, ପରବର୍ତ୍ତୀ ପରିଚାଳନା ବୈଠକ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝିଙ୍କ ଉପସ୍ଥିତିରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ, କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ, ରାଉରକେଲା ଡିଭିଜନ୍‌ର ମିଳିତ ଆନୁକୂଲ୍ୟରେ ରାସାୟନିକ ବିପଦ ଉପୁଜିଲେ ତତ୍‌ପରବର୍ତ୍ତୀ ପରିଚାଳନା ନିମନ୍ତେ ଆଲୋଚନା କରାଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବଡ଼ ଧରଣର ଦୁର୍ଘଟଣା ଆଶଙ୍କାଥିବା କାରଖାନା ଏବଂ ବିପଜ୍ଜନକ ପଦାର୍ଥ ପ୍ରସ୍ତୁତ କରୁଥିବା କାରଖାନାଗୁଡ଼ିକରେ ସମସ୍ତ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବା ସହିତ ଆପତ୍‌କାଳ ସମୟରେ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବିଭାଗ, ପୁଲିସ୍, ସ୍ୱାସ୍ଥ୍ୟ ବିଭାଗ ଓ କାରଖାନା ଓ ବାଷ୍ପିତ୍ର ବିଭାଗ ମଧ୍ୟରେ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଫ୍ୟାକ୍ଟୋରି ଓ ବଏଲର ବିଭାଗ ଉପ-ନିର୍ଦ୍ଦେଶକ ବିଭୁ ପ୍ରସାଦ ଶିଳ୍ପାନୁଷ୍ଠାନ ସହ ଜଡ଼ିତ ସମ୍ଭାବ୍ୟ ବିପଦ ତଥା ସେମାନଙ୍କ ପକ୍ଷରୁ ନିଆଯାଇଥିବା ଉପାୟଗୁଡ଼ିକ ଉପରେ ଆଲୋଚନା କରିଥିଲେ। ସହ ନିର୍ଦ୍ଦେଶକ ଶୁଭେନ୍ଦୁ ଶେଖର ରାଉତ, ସ୍ୱରାଜ କୁମାର ତ୍ରିପାଠୀ କାରଖାନାଗୁଡ଼ିକର ବିହଙ୍ଗାବଲୋକନ ଏବଂ ଡିଷ୍ଟ୍ରିକ୍ଟ କ୍ରାଏସିସ୍ ଗ୍ରୁପର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପରେ ରାଉରକେଲା ଇସ୍ପାତ କାରଖାନା ଏବଂ ଡାଲମିଆ ସିମେଣ୍ଟର ପ୍ରତିନିଧିଙ୍କ ପକ୍ଷରୁ ସେମାନେ ଚଳାଉଥିବା ପ୍ରକ୍ରିୟା, ଉପୁଜିଥିବା ବିପଦ, ତାହାର ପ୍ରତିକାର ଏବଂ ନିରାକରଣ ପାଇଁ ଗ୍ରହଣ କରାଯାଉଥିବା ପଦକ୍ଷେପମାନ ଉପସ୍ଥାପନ କରିଥିଲେ। ଆଲୋଚନା ଉପରେ ଆଧାର କରି, ଅଧକ୍ଷଙ୍କ ନିର୍ଦ୍ଦେଶକ୍ରମେ ସୁରକ୍ଷାର ଉନ୍ନତି କକ୍ଷେ ଅଧିକ ବ୍ୟବସ୍ଥା ସ୍ୱରୂପ ଏକ ରୋଡମ୍ୟାପ୍ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲାରେ ପୂର୍ଣ୍ଣାଙ୍ଗ କାର୍ଯ୍ୟକ୍ଷମ କିନ୍ତୁ ବଡ଼ଧରଣର ଦୁର୍ଘଟଣା ଆଶଙ୍କା କରାଯାଉଥିବା କାରଖାନାର ସୁରକ୍ଷା ସମ୍ବନ୍ଧୀୟ ସୂଚନା ଏବଂ ରାସାୟନିକ ପଦାର୍ଥ ଭଣ୍ଡାରଣ ମାତ୍ରାକୁ ଜିଲ୍ଲା ପ୍ରଶାସନର ସରକାରୀ ୱେବସାଇଟ୍‌ରେ ଶେୟାର କରିବାକୁ କୁହାଯାଇଥିଲା। ନିୟମିତ ଅନସାଇଟ୍ ଓ ଅଫ୍ ସାଇଟ୍ ମକ୍ ଡ୍ରିଲର ଆୟୋଜନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡିଷ୍ଟ୍ରିକ୍ଟ କ୍ରାଏସିସ୍ ଗ୍ରୁପ୍, ଜରୁରୀ ସେବା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନ ସମେତ ସମସ୍ତ ସମ୍ପୃକ୍ତ ହିତାଧିକାରୀଙ୍କ ସହଭାଗିତ ଅତ୍ୟାବଶ୍ୟକ। ଏପରି ମକ୍ ଡ୍ରିଲ୍ ଦ୍ୱାରା ଆପଦକାଳର ସେବା ପଦ୍ଧତି, ଦୁର୍ଘଟଣା ପରବର୍ତ୍ତୀ ପରିଚାଳନା, ଏଜେନ୍ସିମାନଙ୍କ ମଧ୍ୟରେ ସଂଯୋଗ ସୁଦୃଢ଼ କରିବା ଓ ଶିଳ୍ପାନୁଷ୍ଠାନ ଅଞ୍ଚଳର ଦୁର୍ଘଟଣା ପ୍ରସ୍ତୁତିକୁ ଉନ୍ନତ କରିବାରେ ସହାୟକ ହୋଇପାରିବ ବୋଲି କୁହାଯାଇଛି।



# ଜରାଜୀର୍ଣ୍ଣ ବାଉରୀଗୋଡା ଶ୍ମଶାନ ଘାଟ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ଗ୍ରାମର ଶ୍ମଶାନ ଘାଟଟି ଦୀର୍ଘଦିନ ହେବ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ମୃତକଙ୍କ ଶେଷକୃତ୍ୟ ସମ୍ପାଦନ ପାଇଁ ଆସୁଥିବା ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ପାଇଁ ଏହା ଏବେ ଯନ୍ତ୍ରଣାଦାୟକ ହୋଇଛି। ଏଥିପାଇଁ ପ୍ରଶାସନିକ ଅବହେଳାକୁ ଗ୍ରାମବାସୀ



ଦାୟୀ କରିଛନ୍ତି। ସୂଚନାଯୋଗ୍ୟ ଯେ,ଶ୍ମଶାନକୁ ଯିବା ପାଇଁ କୌଣସି ପକ୍କା ରାସ୍ତା ବର୍ଷାଦିନେ କାଦୁଅ ଓ ପାଣି ଭିତରେ ଶବ ବୋହି ନେବାରେ ଲୋକଙ୍କୁ ନାକେଦମ ହେବାକୁ ପଡୁଛି। ଏହା ସହିତ ଶବଦାହ ପାଇଁ କାଠ ସଜାଡି ରଖିବାକୁ ବ୍ୟବହୃତ ଲୁହା ଫ୍ରେମ ଓ ଗ୍ରୀଲକୁ ଦୁର୍ବୃତ୍ତମାନେ ଚୋରି କରି ନେଇଛନ୍ତି। ଫଳରେ ଶବ ସଂସ୍କାର କରିବାରେ ଗୁରୁତର ସମସ୍ୟା ଦେଖାଦେଇଛି। ଏହା ସହିତ ଶ୍ମଶାନ ଗୃହର ତଳଭାଗ ସଂପୂର୍ଣ୍ଣ ଭାଙ୍ଗି ନଷ୍ଟ ହୋଇଯାଇଥିବା ବେଳେ ପାଖରେ ପ୍ରବାହିତ ନାଳର ପାଣି ଶ୍ମଶାନର ମୂଳଦୁଆକୁ ଧୋଇନେଇଛି। ମାଟି ଧସି ଯାଉଥିବାରୁ ଯେକୌଣସି ମୁହୂର୍ତ୍ତରେ ଭୁଶୁଡି ପଡିବାର ଆଶଙ୍କା ରହିଛି। ଏହି ସମସ୍ୟା ବାବଦରେ ବ୍ଲକ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଏନେଇ ଜିଲ୍ଲା ଓ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଶ୍ମଶାନର ପୁନରୁଦ୍ଧାର, ପକ୍କାରାସ୍ତା ନିର୍ମାଣ ଏବଂ ଶବଦାହ ପାଇଁ ଆବଶ୍ୟକ ସରଞ୍ଜାମର ପୁନଃ ବ୍ୟବସ୍ଥା କରିବାକୁ ବାଉରୀଗୋଡା ଗ୍ରାମବାସୀ ଦାବି କରିଛନ୍ତି।

# ପଟ୍ଟନାୟକ ବନ୍ଧ ଦୁର୍ନୀତି ପଦାରେ ପଡ଼ିବା ପରେ ଅନ୍ୟ ପ୍ରକଳ୍ପକୁ ନେଇ ଚର୍ଚ୍ଚା

ପାରଳାଖେମୁଣ୍ଡି,(ନିପ୍ର): ପଟ୍ଟନାୟକ ବନ୍ଧ ପୁନରୁଦ୍ଧାର କାର୍ଯ୍ୟରେ ଦୁର୍ନୀତି ମାମଲାରେ ଭିଜିଲାନ୍ସ ପକ୍ଷରୁ ଗିରଫଦାରି ପରେ ଏବେ ପାରଳା ପୌର ପରିଷଦରେ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଅନ୍ୟାନ୍ୟ ସରକାରୀ ପ୍ରକଳ୍ପକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କେବଳ ପଟ୍ଟନାୟକ ବନ୍ଧରେ ନୁହେଁ, ସେହି ସମୟରେ କାର୍ଯ୍ୟକାରୀ ହୋଇଥିବା ଆଉ କେଉଁ କେଉଁ ପ୍ରକଳ୍ପରେ ଅନିୟମିତତା ଘଟିଥିଲା, ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଛି। ଗତ କିଛି ବର୍ଷ ମଧ୍ୟରେ ପୌରପରିଷଦ ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏକାଧିକ ବିକାଶ ମୂଳକ ପ୍ରକଳ୍ପରେ କାର୍ଯ୍ୟର ମାନ, ବିଲ୍ ପାସ୍ ପ୍ରକ୍ରିୟା ଏବଂ ଠିକା କାର୍ଯ୍ୟ ବଣ୍ଟନକୁ ନେଇ ପୂର୍ବରୁ ବାରମ୍ବାର ଅଭିଯୋଗ ଉଠିଥିଲା। ବିଭିନ୍ନ ସମୟରେ କେତେକ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ବାରମ୍ବାର କାମ ମିଳୁଥିବା ଏବଂ କାର୍ଯ୍ୟର ଗୁଣବତ୍ତାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଥିବା ଅଭିଯୋଗ ମଧ ସାମ୍ନାକୁ ଆସିଥିଲା। କେତେକ ଅଭିଯୋଗରେ ସମ୍ପୃକ୍ତ ଯନ୍ତ୍ରୀମାନଙ୍କ ଭୂମିକା ଏବଂ ଠିକା କାର୍ଯ୍ୟରେ ସ୍ୱାର୍ଥ ସଂପୃକ୍ତି ନେଇ ମଧ ପ୍ରଶ୍ନ ଉଠିଥିଲା। ଏହାକୁ ନେଇ ବିଭିନ୍ନ ସ୍ତରରେ ଅଭିଯୋଗପତ୍ର ଦାଖଲ ହେବା ସହ ଗଣମାଧ୍ୟମରେ ମଧ୍ୟ ଏକାଧିକ ରିପୋର୍ଟ ପ୍ରକାଶ ପାଇଥିଲା।

ତେବେ ସେତେବେଳେ ସେହି ଅଭିଯୋଗଗୁଡ଼ିକର କୌଣସି ତଦନ୍ତ ହୋଇନଥିବା ବେଳେ ଏବେ ପଟ୍ଟନାୟକ ବନ୍ଧ ମାମଲାରେ ଭିଜିଲାନ୍ସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରେ ସେହି ସମୟର ଅନ୍ୟାନ୍ୟ ପ୍ରକଳ୍ପର ଫାଇଲ, ମେଜରମେଣ୍ଟ ବୁକ୍, ଟେଣ୍ଡର ପ୍ରକ୍ରିୟା ଓ ବିଲ୍ ପ୍ରଦାନ ସମ୍ବନ୍ଧୀୟ ଦସ୍ତାବିଜ ମଧ୍ୟ ଯାଞ୍ଚ ପରିସରକୁ ଆସିପାରେ ବୋଲି ପ୍ରଶାସନିକ ମହଲରେ ଆଲୋଚନା ଚାଲିଛି। ଯଦି ତଦନ୍ତର ପରିସର ବଢ଼େ, ତେବେ ସେହି ସମୟରେ ପ୍ରକଳ୍ପ ସହ ଜଡ଼ିତ ଥିବା ଅନ୍ୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାରଙ୍କ ଭୂମିକା ମଧ୍ୟ ଯାଞ୍ଚ ହୋଇପାରେ ବୋଲି ଆଲୋଚନା ହେଉଛି। ଏହି ପରିସ୍ଥିତିରେ ଦୁର୍ନୀତି ଅଭିଯୋଗ ସହ ଜଡ଼ିତ ବିଭିନ୍ନ ପ୍ରକଳ୍ପର ଦସ୍ତାବିଜ କୁ ଭିଜିଲାନ୍ସ ଯାଞ୍ଚ କରିବା ହେଉ ଅବା ଗିରଫ ଅଭିଯୁକ୍ତଙ୍କ ସମ୍ପତ୍ତର ଯାଞ୍ଚ କରିବ କି ନାହିଁ ଏବଂ ଭିଜିଲାନ୍ସ ତଦନ୍ତ କେଉଁ ଦିଗକୁ ଗତି କରିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ବୁଣାକାରଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର

ସୋନପୁର,(ନିପ୍ର): ଉତ୍କଳୀୟ କଳା, ସଂସ୍କୃତି ତଥା ହସ୍ତତନ୍ତ ଓ ବାନ୍ଧକଳାର ଅନନ୍ୟ ବିନ୍ଧାଣି ବୁଣାକାରମାନଙ୍କ ସୁସ୍ଥ ଓ ନିରାମୟ ଜୀବନ ଗଠନ ଉଦ୍ଦେଶ୍ୟରେ ସୋନପୁର ଠାରେ ଏକ ବିଶାଳ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପିଢ଼ି ପରେ ପିଢ଼ି ଏହି ଅମୂଲ୍ୟ ପରମ୍ପରାକୁ ଉଜ୍ଜୀବିତ କରି ରଖିଥିବା ମହାନ ଶିଳ୍ପୀମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ 'ବାନ୍ଧକଳା' ଏବଂ 'ଅରୁନ୍ଧତୀ ଫାଉଣ୍ଡେସନ୍'ର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସୋନପୁର ଜିଲ୍ଲାପାଳ ନୃପରାଜ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ୩୦୦ରୁ ଉର୍ଦ୍ଧ୍ୱ ବୁଣାକାର ଏବଂ ସେମାନଙ୍କ ପରିବାରବର୍ଗଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା। ଏଥିସହିତ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୨୦୨୫-୨୬ ବର୍ଷର ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ସୋନପୁର ଓ ବଲାଙ୍ଗୀର ଜିଲ୍ଲାର ବୁଣାକାର ପରିବାରର ୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ନଗଦ ୫,୦୦୦ ଟଙ୍କାର ଅର୍ଥରାଶି ଏବଂ ବିଭିନ୍ନ ଉପହାର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତଙ୍କ ପାଇଁ ସୁସ୍ୱାଦୁ ଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଅରୁନ୍ଧତୀ ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ନିଜର ଆନ୍ତରିକ ଖୁସି ଓ କୃତଜ୍ଞତା ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, "ହସ୍ତତନ୍ତ ବା ବାନ୍ଧକଳା ଆମ ରାଜ୍ୟର ଗର୍ବ, ଗୌରବ ଓ ପରିଚୟ। ଏହି କଳାକୁ ବଞ୍ଚାଇ ରଖିଥିବା ଶିଳ୍ପୀ ଓ ବୁଣାକାରମାନେ ସୁସ୍ଥ ରହିଲେ ଏବଂ ସେମାନଙ୍କ ପରବର୍ତ୍ତୀ ପିଢ଼ି ଶିକ୍ଷାରେ ଅଗ୍ରଗତି କଲେ ହିଁ ଆମର ଏହି ମହାନ ଐତିହ୍ୟ ଓ ପରମ୍ପରା ଚିରକାଳ ପାଇଁ ସମୃଦ୍ଧ ହୋଇ ରହିବ।

# ସାର ଗୋଦାମ ସିଲ୍, କର୍ତ୍ତୃପକ୍ଷ ଲାଇସେନ୍ସ ରଦ୍ଦ କଲେ

ରାୟଗଡ଼ା,(ନିପ୍ର): ସାର ଅଛି ଅଥଚ ଚାଷୀଙ୍କୁ ମିଳୁନି। ଡିଲରଙ୍କ ଠାରୁ ଅଧିକ ମୂଲ୍ୟଦେଇ କିଣିବାକୁ ଚାଷୀ ବାଧ ଭଳି ପରିସ୍ଥିତି, ଚାଷୀ କରିବେ କଣ।ସାର କଳାବଜାର କରାଯାଉଥିବା ନେଇ ଚାଷୀ ଅଭିଯୋଗ ପ୍ରବଳ ହେବାପରେ ବି ପ୍ରଶାସନ କୌଣସି ପଦକ୍ଷେପ ନ ନେଇ ନିଦାବିଷ୍ଣୁ ସାଜିଥିଲା। ଜିଲ୍ଲା କୃଷି ବିଭାଗ ପକ୍ଷରୁ ଚଢ଼ାଉ କରି ସାର ଗୋଦାମ ସିଲ୍ ସହ ଲାଇସେନ୍ସ ରଦ୍ଦ କରାଯାଇଅଛି। ୟୁରିଆ ମୂଲ୍ୟ ସରକାରୀ ଧାର୍ଯ୍ୟ ମୂଲ୍ୟ ୫୦ କିଲୋ ବସ୍ତାର ମୂଲ୍ୟ ୨୬୬ ଟଙ୍କା ଚାଷୀଙ୍କୁ ୬୦୦ ଟଙ୍କାରେ ବିକ୍ରି କରାଯାଉଥିବା ଅଭିଯୋଗ କରା ଯାଇଛି। ଡିଏପିର ସରକାରୀ ନିର୍ଧାରଣ ମୂଲ୍ୟ ୧୩୫୦ ଟଙ୍କା ରହି ଥିବା ବେଳେ ଚାଷୀଙ୍କୁ ୨୧୦୦ ଟଙ୍କାରେ ବିକ୍ରି କରାଯାଉଥିବା ଅନୁସନ୍ଧାନରୁ ଜଣାପଡ଼ିଛି। କେବଳ ସେଇଠି କଥା ଅଟକିନି, ସାର କିଣି ନେଉଥିବା ଚାଷୀଙ୍କୁ ମିଶ୍ରଣ ଔଷଧ ପଇଁ ଏକ ତରଳ ପଦାର୍ଥ ନେବାପାଇଁ ବାଧ କରାଯାଉଥିବା ଅଭିଯୋଗ ହେଉଛି। ସାର କଳାବଜାର ନେଇ ଚାଷୀ ଜିଲ୍ଲା ପ୍ରଶାସନ ନିକଟରେ ସହରର ମହାଲକ୍ଷ୍ମୀ ଟ୍ରେଡରସ ଉପରେ କୃଷି ବିଭାଗ ଚଢ଼ାଉ କରି,୮ ଲକ୍ଷ ଟଙ୍କାର ୮୨୦ ଟି ଆମୋନିଆ ସୋଲଫେଟ ଜବତ କରି ସିଲ୍ କରାଯାଇଛି।ଏଥିସହ ଲାଇସେନ୍ସ ଲାଇସେନ୍ସ ରଦ୍ଦ କରାଯାଇଥିବା ସୂଚନାରୁ ଜଣାପଡ଼ିଛି। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୨୦୮୭୪.୫ ମେଟ୍ରିକ୍ ଟନ୍ ସାର ମିଳିସାରିଛି।

ତିଥି :(ଏକାଦଶୀ): (ମୃଗଶିରା ମିଥୁନ)
ଅମୃତ ବେଳା: ଦିବା ଘ ୬। ୧୬ ଗତେ ଘ୯।୨୮ ମଧ୍ୟେ

## ଆଜିର ଅନୁଚିନ୍ତନ

**ହେ ପୃଥାନନ୍ଦନ ! ଯେତେବେଳେ ସାଧକ ମନୋଗତ ସମସ୍ତ କାମନାକୁ ପୂର୍ଣ୍ଣରୂପେ ତ୍ୟାଗ କରିଦିଏ ଏବଂ ନିଜ ଦ୍ୱାରା ନିଜ ଠାରେ ସନ୍ତୁଷ୍ଟ ରହେ, ସେତେବେଳେ ତାହାକୁ ସ୍ଥିତପ୍ରଜ୍ଞ କୁହାଯାଏ।**
**- ଶ୍ରୀମଦ୍ ଭଗବଦ୍ ଗୀତା**

# ବିକଳ୍ପ ଚିନ୍ତନ

ଟାରିଫ ଭୂତ ଆମେରିକା ମୁଣ୍ଡରୁ ହଟୁନାହିଁ। ନିଜ ବାଣିଜ୍ୟିକ ଦିଗକୁ ଏକଚାଟିଆ କରିବା ପାଇଁ ରୁଷ ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ମତଲବରେ ରହିଛନ୍ତି ଟ୍ରମ୍ପ। ତେଣୁ ଆମେରିକା ସିନେଟ୍‌ରେ ଆସିଥିବା ବିଲ୍ ପ୍ରଭାବରେ ଭାରତ ସମେତ ଚୀନ ସ୍ଲୋଭାକିଆ, ଆଜାରବୈଜାନ, ହଙ୍ଗେରୀ ଭଳି ଦେଶ ଆଗକୁ ପ୍ରଭାବିତ ହେଲା ଆଶଙ୍କା ବଢ଼ିଛି। କାରଣ 'ସାଙ୍କସନିଙ୍ଗ ରୁଷିଆ ଆଣ୍ଡ ଇରାନ ଆକ୍ଟ-୨୦୨୬' ଇତିମଧ୍ୟରେ ୟୁଏସ୍ ସିନେଟ ପାରିତ କରିଛି। ଏହା ସପକ୍ଷରେ ୮୬ ଭୋଟ୍ ଥିବାବେଳେ ବିପକ୍ଷରେ ରହିଛି ୧୧। କୁହାଯାଉଛି ଏହି ବିଲ୍ ୨୦୨୬ ଅଗଷ୍ଟର ପରବର୍ତ୍ତୀ ପର୍ଯ୍ୟାୟରେ ହୁଏତ ସମୀକ୍ଷା କରାଯିବ। ଟ୍ରମ୍ପଙ୍କ ନିଷ୍ପତ୍ତି ଉପରେ ଏହା ନିର୍ଭର କରୁଛି।
ଏକଦା ଆମେରିକା ଭାରତର ରିଫାଇନାରୀମାନଙ୍କ ଉଦ୍ଦେଶ୍ୟରେ କହିଥିଲା ୩୦ ଦିନ ପର୍ଯ୍ୟନ୍ତ ରୁଷିଆ ତୈଳ କ୍ରୟ କରିପାରିବେ। ଏହା ହେଉଛି ଗତ ମାର୍ଚ୍ଚର କଥା। ଆମ ଦେଶ ସର୍ବଦା ଜାତୀୟ ସ୍ୱାର୍ଥରକ୍ଷା ଉପରେ ଗୁରୁତ୍ୱ ଦେଇଆସିଛି। ତେଣୁ ଗତ ଦଶନ୍ଧିରୁ ଅଧିକ ହେବ ଭାରତ ୬ଟି ମହାଦେଶରେ ୨୭ରୁ ୪୦ ଦେଶ ସହିତ ତୈଳ କୂଟନୀତି ସଂପର୍କ ସଂପ୍ରସାରିତ କରିଛି। ଅଶୋଧିତ ତୈଳ ଆମଦାନି ପରିମାଣ ପ୍ରାୟ ୪୦ ପ୍ରତିଶତ ଆସିଥାଏ ହର୍ମୁଜ ପ୍ରଣାଳୀ ଦେଇ ଓ ଅବଶିଷ୍ଟ ୬୦ ପ୍ରତିଶତ ଆସିଥାଏ ଅନ୍ୟାନ୍ୟ ଯୋଗାଣ ପଥ ଦେଇ। ଯଦି ରୁଷ କଥା ଦେଖାଯାଏ ଉକ୍ତ ଦେଶରୁ ଆମ ଦେଶ ୨୦୨୬ ଜୁନରେ ଅଶୋଧିତ ତୈଳର ଆମଦାନି କରିଥିଲା ୩୪ ପ୍ରତିଶତ ପର୍ଯ୍ୟନ୍ତ। ଚୀନ ପଛକୁ ରୁଷରୁ ଅଶୋଧିତ ତୈଳ ଆମଦାନି କ୍ଷେତ୍ରରେ ଆମ ଦେଶ ଦ୍ୱିତୀୟ ସର୍ବବୃହତ୍ କ୍ରେତା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ଜାରି ରହିବା ମଧ୍ୟରେ ପଶ୍ଚିମ ଏସିଆରେ ଇରାନ-ଆମେରିକା - ଇସ୍ରାଏଲ ମଧ୍ୟରେ ସଂଘର୍ଷ ଯୋଗୁଁ ଅସ୍ଥିରତା ବୃଦ୍ଧି ପାଇଛି। ପୁଣି ସାଉଦି ଆରବ-ପାକିସ୍ତାନ-ତୁର୍କି ନିଜ ସାମୂହିକ ସୁରକ୍ଷାକୁ ସୁଦୃଢ଼ କରିବା ଲାଗି ଏକ ତ୍ରିପାକ୍ଷିକ ସାମରିକ ଚୁକ୍ତି ବା ମକ୍‌କା ଜଏଣ୍ଟ ଡିଫେନସ ଏଗ୍ରିମେଣ୍ଟ ଇତିମଧ୍ୟରେ ସ୍ୱାକ୍ଷର କରିଛନ୍ତି। ଏହି ମୁତାବକ ଉକ୍ତ ୩ ଦେଶ ମଧ୍ୟରୁ ଗୋଟିଏ ଉପରେ ବାହାରୁ କେହି ଆକ୍ରମଣ ହେଲେ ୩ଟି ଯାକ ଦେଶ ଉପରେ ଆକ୍ରମଣ ହେଉଛି ବୋଲି ବିବେଚନା କରାଯାଇ ଏହାର ପ୍ରତିଜବାବ ଅନ୍ୟମାନେ ଦେବେ। ସୁତରାଂ ଯୁଦ୍ଧର ଘନଘଟା ଜଟିଳ ବ୍ୟୂହ ଭିତରେ ଫସିରହିଛି। ଆଲୋଚ୍ୟ ହର୍ମୁଜ ପ୍ରଣାଳୀରେ ୩ ଅନ୍ତର୍ଜାତୀୟ ତୈଳ ଟ୍ୟାଙ୍କର ଉପରେ ଇରାନ ଆକ୍ରମଣ ପୂର୍ବକ ନିକଟରେ ଜବତ କରିଥିଲା। ଏସବୁ ପଦକ୍ଷେପ ଅନ୍ତର୍ଜାତୀୟ ସ୍ତରରେ ବିଶେଷ କରି ତୈଳ ବଜାରକୁ ପ୍ରଭାବିତ କରିଚାଲିଛି।




ଇରାନ ସମର୍ଥିତ ମିଲିସିଆ ଗ୍ରୁପ ଗୁଡ଼ିକ ଇରାକରେ ଏବେ ଡେରା ପକାଇଥିବା ଚର୍ଚ୍ଚା। ପରିପ୍ରେକ୍ଷୀରେ ଆମେରିକା ଓ ସାଉଦ ଆରବର ମିଳିତ ସେନା ଇରାକ ଉପରେ ବିମାନ ଯୋଗେ ପୂର୍ବରୁ ଆକ୍ରମଣ କରିଛନ୍ତି। ଏହାରି ଭିତରେ ଟ୍ରମ୍ପ ଭାରତ ପ୍ରତି ପୋଷଣ କରିଥିବା ମନୋଭାବ ମିଛ ବନ୍ଧୁତ୍ୱ ଆଳରେ ବାଣିଜ୍ୟିକ ଅଭିବୃଦ୍ଧି ଏହାର ଏକମାତ୍ର ଲକ୍ଷ୍ୟ ବୋଲି କହିବାକୁ ହେବ। ସ୍ମରଣ କରାଯାଇପାରେ ନିକଟରେ ଟ୍ରମ୍ପ ଭାରତୀୟ ଜେନେରିକ ଔଷଧକୁ ନେଇ ଜଟିଳ ଚକ୍ର ତିଆରି କରିସାରିଛନ୍ତି। ଅର୍ଥାତ୍ ଚଳିତ ଅଗଷ୍ଟରୁ ତାଙ୍କ ଦେଶକୁ ୨ ବର୍ଷ ପର୍ଯ୍ୟନ୍ତ ଜେନେରିକ ଆମଦାନିରେ ଟାରିଫ ଲାଗୁ ହେବନାହିଁ। କିନ୍ତୁ ତାହା ଠାରୁ ପ୍ରଥମ ୧୦୦ ପ୍ରତିଶତ ଓ ଦ୍ୱିତୀୟ ବର୍ଷ ୨୦୦ ପ୍ରତିଶତ ଲାଗୁ କରାଯିବ। ଏଭଳି ସ୍ଥିତିରେ ଅଶୋଧିତ ତୈଳ ନେଇ ଭାରତ ପକ୍ଷେ ବିକଳ୍ପ ହିଁ ଚିନ୍ତା କରିବାକୁ ହେବ।

# ବିଫଳ ବ୍ୟବସ୍ଥାର କରୁଣ ଚିତ୍ର !

## ଅଶୋକ କୁମାର ଦାସ

ପୋଲିସ ଆମର ବନ୍ଧୁ। ପ୍ରକୃତ ଅପରାଧୀ ଓ ଅପରାଧର ତଥ୍ୟ ପଦାକୁ ଆଣେ ପୋଲିସ୍। ମାନ୍ୟବର ନ୍ୟାୟାଳୟ ପୋଲିସର ତଥ୍ୟ, ସାକ୍ଷୀ ଓ ପ୍ରମାଣ ଉପରେ ମୁଖ୍ୟତଃ ନିର୍ଭର କରିଥାନ୍ତି। ଜଣେ ସାଧାରଣ ମଣିଷକୁ ଶାରୀରିକ ନିର୍ଯାତନା ଦେଇ ଅପରାଧୀ ସଜେଇବା ପୋଲିସ୍ ବ୍ୟବସ୍ଥାର କଳୁଷିତ ଅଧ୍ୟାୟ ନୁହେଁ କି ? ବିଭିନ୍ନ ମହଲ ଏନେଇ ଚର୍ଚ୍ଚା କରୁଛନ୍ତି।



ଅର୍ଜୁନ ଜାନିଙ୍କ କେସ୍ ଦ୍ୱିତୀୟ ପର୍ଯ୍ୟାୟ ହେଲେ, ହାଇକୋର୍ଟ। ଯିଏକି ଅପିଲ୍ ସମୟ ଡେରି ହେବାକଥା ଦର୍ଶାଇ ଖାରଜ କଲେ। ନିଶ୍ଚିତ କଥା, ଏହା ଆଇନ୍ ପାଠ, ଅପିଲ୍ କରିବାର ସମୟସୀମା ଅଛି।
ଜଣେ ମଣିଷର ମୂଲ୍ୟବାନ ୨୨ ବର୍ଷ ବୟସ, ଯୁବାବସ୍ଥାକୁ ଏମିତି ପାଉଁଶ କରିଦେବା କେତେ ଠିକ୍ ? ମାନବାଧିକାର ଉପରେ କୁଠାରାଘାତର ଉଦାହରଣ ସୃଷ୍ଟି ହେଉଛି ଏମିତି ଘଟଣାରୁ। ଆମର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶରେ ଅର୍ଜୁନ ଜାନିଙ୍କ ଥଇଥାନର ବ୍ୟବସ୍ଥା ହୋଇଯିବ, ହେଲେ ସେଦିନର ମର୍ଡରକେସ ? କମଳା, ସୋମବାର ଆଉ ରତନେଇଙ୍କ ମୃତ୍ୟୁର କାରଣ ? ଅପରାଧୀ କିଏ ? ବିଷୟବସ୍ତୁର ମୁଖ୍ୟ ପ୍ରସଙ୍ଗ ଯଦି ସ୍ପଷ୍ଟ ନ ହେବ, ତାହେଲେ ଆମର ଏତେବଡ଼ ରାଷ୍ଟ୍ରର ଅନେକ ଲୋକ ଏମିତି ନିର୍ଯାତନା ଆଉ କାରାବାସର ଯନ୍ତ୍ରଣା ସହି ଚାଲିଥିବେ, ଏହି ବିଫଳ ବ୍ୟବସ୍ଥାର କରୁଣ ଚିତ୍ର ନିରବ ଦର୍ଶକ ସାଜି ଶାସନ ଆଉ ପ୍ରଶାସନ କେତେଦିନ ବସିରହିବ ?
ସେଦିନ ଥିଲା କାଳ ରାହୁର ତାଣ୍ଡବଲୀଳାର ବେଳା। ନବରଙ୍ଗପୁର ଜିଲ୍ଲାର ହିର୍ଲି ଗାଁର କମଳା, ସୋମବାରି ଓ ରତନେଇ ନାମକ ତିନି ଜଣ ମହିଳାଙ୍କ ମରଣ ଖବର ସମସ୍ତଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା। ତାପରେ ଚାଲିଲା ପୋଲିସର ତଦନ୍ତ। ଏମିତି ତଦନ୍ତ ପୋଲିସ୍ କଲା ଯେ ୨୪ ବର୍ଷ ବୟସର ଯୁବକ ଅର୍ଜୁନ ଜାନିକୁ ଗିରଫ କଲେ। ଅର୍ଜୁନ ଜାନିଙ୍କ ବିରୋଧରେ ଲାଗିଲା ହତ୍ୟା ଅପରାଧର ଦଫା। ସେ ପାଲଟିଗଲେ ହତ୍ୟାକାରୀ କଏଦି। ଦୀର୍ଘ ୨୨ ବର୍ଷ ପରେ ଏବେ ଅର୍ଜୁନ ଜାନିଙ୍କ ଲୋମଟାଙ୍କୁରା ଜେଲ ଜୀବନ ଓ ରହସ୍ୟ ଆଲୋଚନା ନେଇ ପୁଣି ଥରେ ସମସ୍ତେ ସ୍ତମ୍ଭୀଭୂତ, ଆମର ସର୍ବୋଚ୍ଚ ନ୍ୟାୟାଳୟଙ୍କର ଟିପ୍ପଣୀ ଶୁଣି।ଏମିତି ବି ଘଟେ ଆମ ଭାରତରେ ?

# ଜାତୀୟ ଗୀତର ଆଇନଗତ ମାନ୍ୟତା

## ଡକ୍ଟର ପ୍ରମୋଦ କୁମାର ପଣ୍ଡା

**'ବନ୍ଦେ ମାତରଂ ସମ୍ମାନ ଅପମାନ ନିରୋଧକ ବିଧେୟକ, ୨୦୨୬' ଭାରତୀୟ ସଂସଦରେ ପାରିତ ହୋଇଛି। ଭାରତୀୟ ସଂସଦୀୟ ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ତଥା ସ୍ମରଣୀୟ ପଦକ୍ଷେପ ଭାବେ ବିଚାର କରାଯାଏ। କାନୁନ ମାଧ୍ୟମରେ ସ୍ୱାଧୀନତାର ଅମୃତ କାଳରେ ଜାତୀୟ ଗୀତକୁ ତାର ପ୍ରକୃତ ଅଧିକାର ଏବଂ ସମ୍ମାନ ମିଳିଛି। ଆଇନ କେବଳ ଦଣ୍ଡ ବିଧାନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ସମାଜକୁ ଏକ ଶୃଙ୍ଖଳିତ ମାର୍ଗ ପ୍ରଦର୍ଶନ ପାଇଁ ପ୍ରଣୟନ କରାଯାଇଥାଏ। ଭୟରେ ନୁହଁ, ଭକ୍ତିରେ ଭାରତୀୟ ସମ୍ବିଧାନ, ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ଗୀତକୁ ସମ୍ମାନ ଜଣାଇବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ।**

"ବନ୍ଦେ ମାତରଂ" ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଏକ କାଳଜୟୀ ରଚନା। ଏହା ଏକ ଗୀତ ନୁହଁ। କୋଟି କୋଟି ଭାରତୀୟଙ୍କ ହୃଦୟ - ସ୍ପନ୍ଦନ। ଆତ୍ମା ଏବଂ ଅସ୍ମିତାର ପରିଚୟ। ବ୍ରିଟିଶ ସମ୍ରାଜ୍ୟବାଦ ବିରୋଧରେ ଏକ ମନ୍ତ୍ର ଯାହା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମଗ୍ର ଦେଶକୁ ଏକତାର ଶକ୍ତ ସୂତ୍ରରେ ବାନ୍ଧି ରଖିଥିଲା,ରଖିଆସିଛି। ଭାରତମାତାର ବନ୍ଦନା ସହିତ ପ୍ରତ୍ୟେକ ଦେଶପ୍ରେମୀଙ୍କ ହୃଦୟରେ ଜାତୀୟତାର ବହ୍ନି ପ୍ରଜ୍ୱଳିତ କରିବାକୁ ସମର୍ଥ ହୋଇଥିଲା। ସ୍ୱାଧୀନୋତ୍ତର ଭାରତରେ ଏହା ଜାତୀୟ ଗୀତର ମାନ୍ୟତା ଲାଭ କରିଥିଲା।
୧୯୭୧ ମସିହାରେ ଭାରତ ସରକାର ଜାତୀୟ ଗୌରବ ଅପମାନ ନିବାରଣ ଅଧିନିୟମ ପ୍ରଣୟନ କରିଥିଲେ। ଏହି ଆଇନ ଅନୁସାରେ ଭାରତୀୟ ଜାତୀୟ ପତାକା, ସମ୍ବିଧାନ ଏବଂ ଜାତୀୟ ସଂଗୀତ (ଜନ-ଗଣ-ମନ) ର ଅପମାନ ଏକ ଦଣ୍ଡନୀୟ ଅପରାଧ। କିନ୍ତୁ ଏହି ଆଇନରେ 'ବନ୍ଦେ ମାତରଂ' ବା ଜାତୀୟ ଗୀତ ସାମିଲ ନ ଥିଲା। ଅନେକ ସମୟରେ ବିଭିନ୍ନ ସଭାସମିତି, ସରକାରୀ କାର୍ଯ୍ୟକ୍ରମ କିମ୍ବା ସର୍ବସାଧାରଣ ସ୍ଥାନରେ ଜାତୀୟ ଗୀତ ଗାନ ସମୟରେ ଅସମ୍ମାନ ପ୍ରଦର୍ଶନ କରାଯିବାର ଦୃଷ୍ଟାନ୍ତ ସାମନାକୁ ଆସିଥିଲା। ଜାତୀୟ ଗୀତ ବାଜୁଥିବା ବେଳେ ଠିଆ ନ ହେବା କିମ୍ବା ଏହାକୁ ବିକୃତ କରି ଗାନ କରିବା ଭଳି ଘଟଣା



ଜାତୀୟତାବାଦୀ ଚେତନାକୁ ଆଘାତ ଦେଇଥିଲା। ନ୍ୟାୟାଳୟରେ ମଧ୍ୟ ଅନେକ ଜନସ୍ୱାର୍ଥ ମାମଲା ଦାୟର ହୋଇଥିଲା। ସୁପ୍ରିମକୋର୍ଟ ବିଭିନ୍ନ ସମୟରେ ଜାତୀୟ ଗୀତର ସମ୍ମାନ ରକ୍ଷା ପାଇଁ ସରକାରଙ୍କୁ ନିର୍ଦ୍ଦେଶାବଳୀ ଜାରି କରିବାକୁ କହିଥିଲେ। ସୁତରାଂ 'ବନ୍ଦେ ମାତରଂ' ଗୀତକୁ ଜାତୀୟ ସଂଗୀତ ସହିତ ସମାନ ଆଇନଗତ ମନ୍ୟତା ପ୍ରଦାନ ପାଇଁ ଆଗତ ହୋଇଥିବା ରାଷ୍ଟ୍ରୀୟ ସମ୍ମାନ ଅପମାନ ପ୍ରତିରୋଧ, ସଂଶୋଧନ ବିଧେୟକ, ୨୦୨୬ ସଂସଦର ଉଭୟ ଗୃହରେ ଗୃହୀତ ହୋଇଛି। ଏହି ବିଧେୟକରେ ଅତ୍ୟନ୍ତ କଠୋର ଆଇନଗତ ବ୍ୟବସ୍ଥା ରଖାଯାଇଛି। ୧୯୭୧ ମସିହାର ମୂଳ ଆଇନରେ ସଂଶୋଧନ କରାଯାଇ 'ବନ୍ଦେ ମାତରଂ' କୁ 'ଜନ-ଗଣ-ମନ' ଭଳି ସମାନ କାନୁନୀ ସୁରକ୍ଷା ଦିଆଯାଇଛି। ଏହି ଆଇନ ବଳରେ 'ବନ୍ଦେ ମାତରଂ' ଗାନ ହେଉଥିବା ସମୟରେ ଜାଣିଶୁଣି ବାଧା ସୃଷ୍ଟି କଲେ, ଏହାର ସଂଗୀତ କିମ୍ବା ଶବ୍ଦକୁ ବିକୃତ କରି ଗାଇଲେ, କିମ୍ବା ସର୍ବସାଧାରଣ ସ୍ଥାନରେ ଏହା ପ୍ରତି କୌଣସି ପ୍ରକାରର ଅବଜ୍ଞା ସୂଚକ ଆଚରଣ ପ୍ରଦର୍ଶନ କଲେ ତାକୁ ଅପରାଧ ରୂପେ ବିବେଚନା କରାଯିବ। ଯଦି କୌଣସି ବ୍ୟକ୍ତି ଜାତୀୟ ଗୀତର ଅପମାନ କରନ୍ତି କିମ୍ବା ଏହାର ଗାନରେ ବାଧା ସୃଷ୍ଟି କରନ୍ତି ଏବଂ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କୁ ସର୍ବାଧିକ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ଆର୍ଥିକ ଜରିମାନା କିମ୍ବା ଉଭୟ ଜେଲ ଏବଂ ଆର୍ଥିକ ଦଣ୍ଡରେ ଦଣ୍ଡିତ କରାଯାଇପାରିବ। ଏକାଧିକ ବାର ସମାନ ପ୍ରକାର ଅପରାଧ କରି ଦୋଷୀ ସାବ୍ୟସ୍ତ ହେଲେ ସର୍ବନିମ୍ନ ଏକ ବର୍ଷରୁ ଆରମ୍ଭ କରି ସର୍ବାଧିକ କାରାଦଣ୍ଡର ପ୍ରାବଧାନ ରହିଛି। ଏହା କେବଳ ଏକ ଆଇନଗତ ଦଲିଲ ନୁହେଁ। ଏହା ଭାରତୀୟ ଜାତୀୟତା ମୂଲ୍ୟବୋଧର ପୁନରୁଦ୍ଧାର ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ଭାରତ ଏକ ବିବିଧତାପୂର୍ଣ୍ଣ ଦେଶ। ସାଂସ୍କୃତିକ ଏକତା ରକ୍ଷା କରିବାରେ ଏଭଳି ପ୍ରତୀକଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ବନ୍ଦେ ମାତରମ୍' ଆମ ସଂଗ୍ରାମର ଇତିହାସ ଏବଂ ମାତୃଭୂମି ପ୍ରତି ତ୍ୟାଗର ପ୍ରତୀକ। ଏହାର ଆଇନଗତ ସୁରକ୍ଷା ଦ୍ୱାରା ଆଗାମୀ ପିଢ଼ିର ଉତ୍ତର ଦାୟିତ୍ୱ ବଢ଼ିବ। ସେମାନେ ସଚେତନ ହେବେ। ସଜାଗ ରହିବେ। ତାଙ୍କ ମନ ଏବଂ ହୃଦୟରେ ଦେଶପ୍ରେମର ଭାବନା ଅଧିକ ସୁଦୃଢ଼ ହେବ। ଏହା ନାଗରିକମାନଙ୍କୁ ତାଙ୍କର ମୌଳିକ କର୍ତ୍ତବ୍ୟ ମନେ ପକାଇଦେବ। ଜାତୀୟ ପ୍ରତୀକଗୁଡ଼ିକୁ ସମ୍ମାନ ଦେବା ପାଇଁ ସମ୍ବିଧାନର ଧାରା ୫୧(କ) ରେ ଉଲ୍ଲେଖ ରହିଛି। ସରକାରଙ୍କ ପଦକ୍ଷେପ ଦେଶବାସୀଙ୍କ ମନରେ ସକାରାତ୍ମକ ଭାବନା ସୃଷ୍ଟି କରିଛି। ଦେଶର ସାର୍ବଭୌମତ୍ୱ ଓ ଜାତୀୟ ଗୌରବ ସହ ସାଲିସ କରାଯାଇ ପାରିବନାହିଁ ବୋଲି ଏହି କାନୁନ ଏକ ବଳିଷ୍ଠ ବାର୍ତ୍ତା ଦେଇଛି।
ଅନ୍ୟ ବିଧେୟକ ଭଳି, 'ବନ୍ଦେ ମାତରମ୍' ସମ୍ମାନ ଅପମାନ ନିରୋଧକ ବିଧେୟକ, ୨୦୨୬' କୁ ନେଇ ମଧ୍ୟ ଆମ ଗଣତାନ୍ତ୍ରିକ ବ୍ୟବସ୍ଥାରେ କିଛି ବିତର୍କ ଦେଖିବାକୁ ମିଳିଛି। ସଂସଦରେ ପାରିତ ହେବା ସମୟରେ ଭିନ୍ନ ମତ ଦେଖିବାକୁ ମିଳିଛି। କେତେକଙ୍କ ମତରେ ଦେଶପ୍ରେମ ହେଉଛି ଏକ ସ୍ୱତଃସ୍ଫୂର୍ତ୍ତ ଆବେଗ। ଏହାକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ଆଇନ ଓ ଦଣ୍ଡର ଭୟ ଦେଶାତ୍ମବୋଧ ସୃଷ୍ଟି କରିନପାରେ। ଜବରଦସ୍ତି କାହା ଉପରେ ଏହାକୁ ଲଦିଦିଆଯାଇ ପାରିବନାହିଁ। ବନ୍ଦେ ମାତରଂ ଗୀତ ମାତୃଭୂମିକୁ ଦେବୀ ଆରାଧନା ସହ ତୁଳନା କରେ ବୋଲି କେତେକେ ମତ ରଖନ୍ତି। ଯୁକ୍ତି ବାଢ଼ନ୍ତି। ତାଙ୍କ ଧାର୍ମିକ ବିଶ୍ୱାସର ପରିପନ୍ଥୀ ବୋଲି ମନେ କରିଥାନ୍ତି। ଏହି ଆଇନର ଅପବ୍ୟବହାର କରି ନିରୀହ ବ୍ୟକ୍ତିଙ୍କୁ ଜାଣିଶୁଣି ଅପରାଧୀ ସଜାଇ ହଇରାଣ ହରକତ କରାଯାଇପାରେ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଇଛି। ସରକାରଙ୍କ ପକ୍ଷରୁ ଅବଶ୍ୟ ସଂପୂର୍ଣ୍ଣ ସ୍ପଷ୍ଟ କରାଯାଇଛି ଯେ ଏହି ଆଇନ କାହାକୁ ଜାତୀୟ ଗୀତ ଗାଇବାକୁ ବାଧ କରୁନାହିଁ। ଜାତୀୟ ଗୀତର ଉଦ୍ଦେଶ୍ୟମୂଳକ 'ଅପମାନ' ଓ 'ଅବରୋଧ' କୁ ପ୍ରତିହତ କରିବା ପାଇଁ ଏହି କାନୁନ ଉଦ୍ଦିଷ୍ଟ।
ସମସ୍ତ ବାଦବିବାଦ ସତ୍ତ୍ୱେ, 'ବନ୍ଦେ ମାତରଂ ସମ୍ମାନ ଅପମାନ ନିରୋଧକ ବିଧେୟକ, ୨୦୨୬' ଭାରତୀୟ ସଂସଦରେ ପାରିତ ହୋଇଛି। ଭାରତୀୟ ସଂସଦୀୟ ଇତିହାସରେ ଏହା ଏକ ସ୍ୱର୍ଣ୍ଣିମ ତଥା ସ୍ମରଣୀୟ ପଦକ୍ଷେପ ଭାବେ ବିଚାର କରାଯାଏ। କାନୁନ ମାଧ୍ୟମରେ ସ୍ୱାଧୀନତାର ଅମୃତ କାଳରେ ଜାତୀୟ ଗୀତକୁ ତାର ପ୍ରକୃତ ଅଧିକାର ଏବଂ ସମ୍ମାନ ମିଳିଛି। ଆଇନ କେବଳ ଦଣ୍ଡ ବିଧାନ ପାଇଁ ଉଦ୍ଦିଷ୍ଟ ନୁହେଁ, ବରଂ ସମାଜକୁ ଏକ ଶୃଙ୍ଖଳିତ ମାର୍ଗ ପ୍ରଦର୍ଶନ ପାଇଁ ପ୍ରଣୟନ କରାଯାଇଥାଏ। ଭୟରେ ନୁହଁ, ଭକ୍ତିରେ ଭାରତୀୟ ସମ୍ବିଧାନ, ଜାତୀୟ ପତାକା, ଜାତୀୟ ସଂଗୀତ ଓ ଜାତୀୟ ଗୀତକୁ ସମ୍ମାନ ଜଣାଇବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ। ଦାୟିତ୍ୱ ମଧ୍ୟ। ଯେତେବେଳେ ପ୍ରତ୍ୟେକ ଭାରତୀୟ ସ୍ୱତଃସ୍ଫୂର୍ତ୍ତ ଭାବେ 'ବନ୍ଦେ ମାତରଂ' ର ସ୍ୱରରେ ସ୍ୱର ମିଶାଇବେ, ସେତେବେଳେ ଯାଇ ଏହି ବିଧେୟକର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେଲା ବୋଲି କହିହେବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ପ୍ରଶାନ୍ତ କିଶୋରଙ୍କ ଐତିହାସିକ ବିଜୟ

## ସୌଭାଗ୍ୟ ରଞ୍ଜନ ମହାନ୍ତି

**ପ୍ରଶାନ୍ତ କିଶୋର ଏବଂ ଜନ ସୁରାଜ ପାର୍ଟିର ବାଙ୍କୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ଐତିହାସିକ ବିଜୟ ଆଧୁନିକ ଭାରତୀୟ ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି, ଯାହା ଦଶନ୍ଧି ଧରି ଚାଲିଆସୁଥିବା ପାରମ୍ପରିକ ଦଳଗୁଡ଼ିକର ଦବ୍‌ଦବାକୁ ଭାଙ୍ଗି ବିହାରରେ ଗଣତାନ୍ତ୍ରିକ ପ୍ରକ୍ରିୟାର ନୂଆ ନିୟମ ଲେଖିଛି। ତିନି ଦଶନ୍ଧିରୁ ଅଧିକ ସମୟ ଧରି ବିହାରର ରାଜନୀତି କେବଳ ଜାତିଗତ ସମୀକରଣ, ପରିବାରବାଦ ଏବଂ ଭାରତୀୟ ଜନତା ପାର୍ଟି,ରାଷ୍ଟ୍ରୀୟ ଜନତା ଦଳ ଓ ଜନତା ଦଳ (ୟୁନାଇଟେଡ୍) ଭଳି ପ୍ରମୁଖ ଦଳଗୁଡ଼ିକର ଧ୍ରୁବୀକରଣ ଭାଷଣ ମଧ୍ୟରେ ସୀମିତ ହୋଇ ରହିଥିଲା।**

ବିହାର ଉପନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଐତିହାସିକ ବିଜୟ: ବିଜେପି ଗଡ଼ରେ ଜନ ସୁରାଜର ଭୂକମ୍ପ, ନିତିନ ନବୀନଙ୍କ ପାଇଁ ବଡ଼ ବିପଦ ସଙ୍କେତ !
ବିହାର ରାଜନୀତିରେ ଏକ ଅଭୂତପୂର୍ବ ଓ ଐତିହାସିକ ଆଲୋଡ଼ନ ସୃଷ୍ଟି ହୋଇଛି। କ୍ଷମତାସୀନ ବିଜେପି-ଜେଡିୟୁ ମେଣ୍ଟର ସବୁଠାରୁ ମଜଭୁତ ଗଡ଼ ବୋଲାଉଥିବା ଆସନରେ ପ୍ରଶାନ୍ତ କିଶୋରଙ୍କ ନବଗଠିତ ଦଳ 'ଜନ ସୁରାଜ' ଏକ ଆଶ୍ଚର୍ଯ୍ୟଜନକ ଓ ଐତିହାସିକ ବିଜୟ ହାସଲ କରିଛି। ଦୀର୍ଘ ଦିନରୁ ବିଜେପିର ଏକଚାଟିଆ ଦବ୍‌ଦବା ରହିଥିବା ଏହି ବେଲ୍ଟରେ ପ୍ରଶାନ୍ତ କିଶୋରଙ୍କ ଦଳର ପ୍ରାର୍ଥୀ ବିଜୟୀ ହେବା ପରେ ଏବେ ସାରା ଦେଶର ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି—ଏହା କ'ଣ କେବଳ ନୂତନ ପିଢ଼ି ବା 'ଜେନ୍-ଜି' ର ପରିବର୍ତ୍ତନର ସ୍ରୋତ, ନା ବିହାରରେ ବିଜେପିର ଜନପ୍ରିୟତା ହ୍ରାସ ପାଇବାର ଏକ ସ୍ପଷ୍ଟ ସଙ୍କେତ ?
୧. ବିଜେପି ଗଡ଼ରେ ସେଞ୍ଚୁରୀ: ପ୍ରଶାନ୍ତ କିଶୋରଙ୍କ ନୂଆ ରାଜନୀତିର ବିଜୟ
ବିହାରର ଯେଉଁ ନିର୍ବାଚନ ମଣ୍ଡଳୀକୁ ବିଜେପି ନିଜର ଅଭେଦ୍ୟ ଦୁର୍ଗ ବୋଲି ଭାବୁଥିଲା, ସେଠାରେ ପ୍ରଶାନ୍ତ କିଶୋରଙ୍କ 'ଜନ ସୁରାଜ' ର ବିଜୟ ସାଧାରଣ ନିର୍ବାଚନୀ ବିଜୟ ନୁହେଁ।
ପଦଯାତ୍ରାର ସୁଫଳ: ଦୀର୍ଘ ମାସ ଧରି ବିହାରର ଗାଁ ଗାଁ ବୁଲି ପ୍ରଶାନ୍ତ କିଶୋର ଯେଉଁ ପଦଯାତ୍ରା କରିଥିଲେ, ତାହା ଗ୍ରାମୀଣ ଓ ସହରାଞ୍ଚଳର ଭୋଟରଙ୍କ ମନରେ ଏକ ସ୍ଥାୟୀ ପ୍ରଭାବ ପକାଇଛି।
ଜାତିଭିତ୍ତିକ ରାଜନୀତିରୁ ଊର୍ଦ୍ଧ୍ୱରେ ବିକାଶ: ବିହାରର ପାରମ୍ପରିକ ଜାତିଭିତ୍ତିକ ରାଜନୀତିକୁ ପଛରେ ପକାଇ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଏବଂ ସୁଶାସନକୁ ପ୍ରସଙ୍ଗ କରି ପ୍ରଶାନ୍ତ କିଶୋର ଜନସାଧାରଣଙ୍କ ବିଶ୍ୱାସ ଜିତିବାରେ ସଫଳ ହୋଇଛନ୍ତି।
୨. ଏହା କ'ଣ 'ଜେନ୍-ଜେ-ଇଫେକ୍ଟ' ନା ବିଜେପିର ଜନପ୍ରିୟତା ହ୍ରାସ ?
ଏହି ଉପନିର୍ବାଚନ ଫଳାଫଳ ପରେ ଦୁଇଟି ପ୍ରମୁଖ ଦିଗ ପ୍ରତି ସାରା ଦେଶର ନଜର ରହିଛି:
ଜେନ୍-ଜି ଓ ଯୁବଶକ୍ତିର ପରିବର୍ତ୍ତନ: ବିହାରର ଯୁବପିଢ଼ି ଏବେ ପୁରୁଣା ଦଳ, ଜାତିଗତ ଅଙ୍କକଷା ଏବଂ ନିଷ୍କ୍ରିୟ ନେତାଙ୍କ ଠାରୁ ମୁହଁ ଫେରାଇ ନେଉଛନ୍ତି। ଯୁବ ଭୋଟରମାନେ ପ୍ରଶାନ୍ତ କିଶୋରଙ୍କ ନୂତନ ଚିନ୍ତାଧାରା ଓ ରୋଜଗାର ସୃଷ୍ଟିର ପ୍ରତିଶ୍ରୁତି ପ୍ରତି ଆକୃଷ୍ଟ ହୋଇଛନ୍ତି।
ବିଜେପିର ବାସ୍ତବ ସ୍ଥିତି ଓ ଜନଆକ୍ରୋଶ: ଦୀର୍ଘ ଦିନରୁ କ୍ଷମତାରେ ଥିବା ବିଜେପି-ଜେଡିୟୁ ମେଣ୍ଟ ପ୍ରତି ସାଧାରଣ ଜନତାଙ୍କ ମନରେ ବିରକ୍ତିଭାବ ସୃଷ୍ଟି ହୋଇଛି। ବେକାରି, ଦରଦାମ ବୃଦ୍ଧି, ଏବଂ ସ୍ଥାନୀୟ ନେତାଙ୍କ ଅହଂକାର ଯୋଗୁଁ ସୁରକ୍ଷିତ ବୋଲାଉଥିବା ଆସନରେ ବିଜେପିକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି।
୩. ନିତିନ ନବୀନଙ୍କ ପାଇଁ ବିପଦ ସଙ୍କେତ
ବିହାର ବିଜେପିର ଅନ୍ୟତମ ପ୍ରଭାବଶାଳୀ ନେତା ସଂଗଠକ ନିତିନ ନବୀନଙ୍କ ପାଇଁ ଏହି ଫଳାଫଳ ଏକ ବଡ଼ ଚେତାବନୀ।
ସଂଗଠନର ବିଫଳତା: ବିଜେପିର ନିଜସ୍ୱ ଦୁର୍ଗରେ ଏଭଳି ବିପର୍ଯ୍ୟୟ ଦର୍ଶାଉଛି ଯେ ଦଳୀୟ ସଂଗଠନ ଓ ନେତୃତ୍ୱ ଗ୍ରାଉଣ୍ଡ ଜୀରୋର ବାସ୍ତବତାଠାରୁ ଦୂରେଇ ଯାଇଛନ୍ତି।
ଉତ୍ତରଦାୟିତ୍ୱର ସମୟ: ଦଳର ପ୍ରଚାର ଓ ରଣନୀତି ଦାୟିତ୍ୱରେ ଥିବା ନେତାମାନଙ୍କୁ ଏବେ ଏହି ଶୋଚନୀୟ ପରାଜୟର କାରଣ ଦର୍ଶାଇବାକୁ ପଡ଼ିବ। ନିତିନ ନବୀନଙ୍କ ସମେତ ବିହାର ବିଜେପିର ଶୀର୍ଷ ନେତୃତ୍ୱ ଏବେ ଦଳ ଭିତରେ ଓ ବାହାରେ ତୀବ୍ର ସମାଲୋଚନାର ସାମ୍ନା କରୁଛନ୍ତି।
ବିହାର ଉପନିର୍ବାଚନରେ ପ୍ରଶାନ୍ତ କିଶୋରଙ୍କ ଏହି ଐତିହାସିକ ବିଜୟ ବିହାର ରାଜନୀତିରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ କରିଛି। ଏହା କେବଳ ବିଜେପି ପାଇଁ ନୁହେଁ, ବରଂ ବିହାରର ସମସ୍ତ ପାରମ୍ପରିକ ରାଜନୈତିକ ଦଳଗୁଡ଼ିକ ପାଇଁ ଏକ ସ୍ପଷ୍ଟ ସଙ୍କେତ ଯେ— ଜନସାଧାରଣ ଏବେ ପୁରୁଣା ବ୍ୟବସ୍ଥା ବଦଳାଇ ଏକ ନୂଆ ଓ ପ୍ରଗତିଶୀଳ ବିକଳ୍ପକୁ ଆପଣାଇବାକୁ ପ୍ରସ୍ତୁତ। ପ୍ରଶାନ୍ତ କିଶୋର ଏବଂ ଜନ ସୁରାଜ ପାର୍ଟିର ବାଙ୍କୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଏହି ଐତିହାସିକ ବିଜୟ ଆଧୁନିକ ଭାରତୀୟ ରାଜନୀତିର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଯୁଗାନ୍ତକାରୀ ମୋଡ଼ ସୃଷ୍ଟି କରିଛି, ଯାହା ବିହାରର ଦଶନ୍ଧି ଧରି ଚାଲିଆସିଥିବା ପାରମ୍ପରିକ ରାଜନୈତିକ ସମୀକରଣକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦେଇଛି। ତିନି ଦଶନ୍ଧିରୁ ଅଧିକ ସମୟ ଧରି ବିହାରର ରାଜନୈତିକ ଚିନ୍ତାଧାରା କେବଳ ଜାତିଗତ ସମୀକରଣ, ପରିବାରବାଦ ଏବଂ ଧ୍ରୁବୀକରଣ ଉପରେ ଆଧାରିତ ଥିଲା, ଯେଉଁଠାରେ ଭାରତୀୟ ଜନତା ପାର୍ଟି, ରାଷ୍ଟ୍ରୀୟ ଜନତା ଦଳ ଏବଂ ଜନତା ଦଳ (ୟୁନାଇଟେଡ) ଭଳି ପ୍ରତିଷ୍ଠିତ ଦଳଗୁଡ଼ିକର କ୍ଷମତା ଜାହିର ରହିଥିଲା। ବାଙ୍କୀପୁର ନିର୍ବାଚନମଣ୍ଡଳୀ, ଯାହାକୁ ଦୀର୍ଘ ଦିନ ଧରି ଭାରତୀୟ ଜନତା ପାର୍ଟିର ଏକ ଅଭେଦ୍ୟ ଗଡ଼ ବୋଲି ବିଚାର କରାଯାଉଥିଲା, ସେଠାରେ ପ୍ରଶାନ୍ତ କିଶୋରଙ୍କ ଏହି ସଫଳତା ଏକ ନୂତନ ବିକଳ୍ପର ସୂଚନା ଦେଇଛି। ୬୩,୨୦୩ଟି ଭୋଟ ପାଇବା ସହ ୧୮,୯୫୩ ଭୋଟର ବିଶାଳ ବ୍ୟବଧାନରେ ବିଜୟୀ ହୋଇ ପ୍ରଶାନ୍ତ କିଶୋର କେବଳ ଗୋଟିଏ ବିଧାନସଭା ଆସନ ଜିତିନାହାନ୍ତି, ବରଂ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ତୃଣମୂଳ ସ୍ତରରେ ଜନସମ୍ପର୍କ, ସୁଶାସନ, ରୋଜଗାର ଏବଂ ପ୍ରତ୍ୟକ୍ଷ ସଂବାଦ ଉପରେ ପର୍ଯ୍ୟବସିତ ଏକ ନୂତନ ରାଜନୈତିକ ମଡେଲକୁ ପ୍ରମାଣିତ କରିଛନ୍ତି। କିଶୋରଙ୍କ ଏହି ସଫଳତା ତାଙ୍କର ଦୀର୍ଘଦିନର ପଦଯାତ୍ରାର ପରିଣାମ, ଯେଉଁଥିରେ ସେ ହଜାର ହଜାର କିଲୋମିଟର ପାଦରେ ଚାଲି ଜନସାଧାରଣ, ଯୁବବର୍ଗ ଏବଂ ଶ୍ରମିକମାନଙ୍କ ଦୁଃଖକଷ୍ଟକୁ ସିଧାସଳଖ ବୁଝିବାକୁ ଚେଷ୍ଟା କରିଥିଲେ। ଏହି ବିଜୟ ଭାରତୀୟ ଗଣତନ୍ତ୍ରରେ ଏକ ନୂତନ ସନ୍ଦେଶ ଦେଇଛି ଯେ କେବଳ ଜାତି ଓ ଧର୍ମର ରାଜନୀତି ନୁହେଁ, ବରଂ ବିକାଶ, ନିଯୁକ୍ତି ଏବଂ ସଚ୍ଚୋଟ ନେତୃତ୍ୱ ମାଧ୍ୟମରେ ମଧ୍ୟ ବଡ଼ ବଡ଼ ରାଜନୈତିକ ଶକ୍ତିକୁ ପରାସ୍ତ କରାଯାଇପାରିବ।
ପ୍ରଶାନ୍ତ କିଶୋର ଏବଂ ଜନ ସୁରାଜ ପାର୍ଟିର ବାଙ୍କୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ଐତିହାସିକ ବିଜୟ ଆଧୁନିକ ଭାରତୀୟ ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି, ଯାହା ଦଶନ୍ଧି ଧରି ଚାଲିଆସୁଥିବା ପାରମ୍ପରିକ ଦଳଗୁଡ଼ିକର ଦବ୍‌ଦବାକୁ ଭାଙ୍ଗି ବିହାରରେ ଗଣତାନ୍ତ୍ରିକ ପ୍ରକ୍ରିୟାର ନୂଆ ନିୟମ ଲେଖିଛି। ତିନି ଦଶନ୍ଧିରୁ ଅଧିକ ସମୟ ଧରି ବିହାରର ରାଜନୀତି କେବଳ ଜାତିଗତ ସମୀକରଣ, ପରିବାରବାଦ ଏବଂ ଭାରତୀୟ ଜନତା ପାର୍ଟି,ରାଷ୍ଟ୍ରୀୟ ଜନତା ଦଳ ଓ ଜନତା ଦଳ (ୟୁନାଇଟେଡ୍) ଭଳି ପ୍ରମୁଖ ଦଳଗୁଡ଼ିକର ଧ୍ରୁବୀକରଣ ଭାଷଣ ମଧ୍ୟରେ ସୀମିତ ହୋଇ ରହିଥିଲା। ବାଙ୍କୀପୁର, ଯାହା ଦୀର୍ଘ ଦିନରୁ ସହରାଞ୍ଚଳ ଭୋଟରଙ୍କ ଗଡ଼ ଏବଂ ବିଜେପିର ଏକ ଅଭେଦ୍ୟ ଦୁର୍ଗ ଭାବେ ଗଣାଯାଉଥିଲା, ତାହା ବିହାରର ଜଟିଳ ରାଜନୈତିକ ବ୍ୟବସ୍ଥାରେ ଏକ ତୃତୀୟ ବିକଳ୍ପ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା କୌଣସି ବି ରାଜନୈତିକ ନେତାଙ୍କ ପାଇଁ ସବୁଠାରୁ ବଡ଼ ପରୀକ୍ଷା ଥିଲା।
୬୩,୨୦୩ଟି ଭୋଟ୍ ପାଇ ନିଜର ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୮,୯୫୩ ଭୋଟ୍‌ର ବୃହତ୍ ବ୍ୟବଧାନରେ ପରାସ୍ତ କରି ପ୍ରଶାନ୍ତ କିଶୋର କେବଳ ଗୋଟିଏ ବିଧାନସଭା ଆସନ ଜିତିନାହାନ୍ତି; ବରଂ ସେ ଏକ ସାହସିକ, ତୃଣମୂଳ ସ୍ତରର ନିର୍ବାଚନୀ ରଣନୀତିକୁ ସଫଳ କରି ଦେଖାଇଛନ୍ତି। ଏହି ରଣନୀତି ଫାଙ୍କା ପ୍ରତିଶ୍ରୁତି ଏବଂ ବିଭାଜନକାରୀ ରାଜନୀତି ବଦଳରେ ସ୍ଥାନୀୟ ଶାସନ, ପ୍ରଶାସନିକ ସୁଧାର, ରୋଜଗାର ସୃଷ୍ଟି ଏବଂ ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ସଂଳାପକୁ ପ୍ରାଥମିକତା ଦେଇଥିଲା। କିଶୋରଙ୍କ ଏହି ସଫଳତା ବିହାରରେ ସେ କରିଥିବା ନିରବଚ୍ଛିନ୍ନ ପଦଯାତ୍ରାର ସିଧାସଳଖ ଫଳାଫଳ, ଯେଉଁଥିରେ ସେ ପାଦରେ ଚାଲି ହଜାର ହଜାର କିଲୋମିଟର ଅତିକ୍ରମ କରି ଶ୍ରମିକ, ବେକାର ଯୁବକ ଏବଂ ଆଞ୍ଚଳିକ ବୁଦ୍ଧିଜୀବୀଙ୍କ ସମସ୍ୟାକୁ ସିଧାସଳଖ ଶୁଣିଥିଲେ, ଯାହାଙ୍କୁ ପାରମ୍ପରିକ ରାଜନୈତିକ ଦଳଗୁଡ଼ିକ ଦୀର୍ଘ ଦିନରୁ ଅବହେଳା କରିଆସୁଥିଲେ।
ଏହି ସଂଗଠିତ ପ୍ରଚାର ଜନସାଧାରଣଙ୍କ ମନରେ ଥିବା ଅସନ୍ତୋଷକୁ ଏକ ସକାରାତ୍ମକ ଗଣତାନ୍ତ୍ରିକ ଶକ୍ତିରେ ପରିଣତ କରିପାରିଛି। ଏହା ପ୍ରମାଣିତ କରିଛି ଯେ ଆର୍ଥିକ ଅବନତି, ବାଧ୍ୟତାମୂଳକ ପ୍ରବାସ ଏବଂ ପ୍ରଶାସନିକ ନିଷ୍କ୍ରିୟତାରେ ଅତିଷ୍ଠ ହୋଇପଡ଼ିଥିବା ଭୋଟରମାନେ ଏବେ ପାରମ୍ପରିକ ଜାତିଗତ ରାଜନୀତି ବଦଳରେ ପ୍ରତ୍ୟକ୍ଷ ସମାଧାନ ଏବଂ ଉତ୍ତରଦାୟୀ ନେତୃତ୍ୱକୁ ଆପଣାଇବାକୁ ପ୍ରସ୍ତୁତ। ବାଙ୍କୀପୁରର ଏହି ନିର୍ବାଚନୀ ଫଳାଫଳର ପ୍ରଭାବ କେବଳ ଗୋଟିଏ ନିର୍ବାଚନ ମଣ୍ଡଳୀରେ ସୀମିତ ନୁହେଁ। ଏହା ସାରା ଦେଶର ରାଜନୈତିକ ବିଶ୍ଳେଷକ ଏବଂ ଆଞ୍ଚଳିକ ଦଳଗୁଡ଼ିକୁ ଏକ ସ୍ପଷ୍ଟ ସଙ୍କେତ ଦେଉଛି ଯେ କେବଳ ଜାତିଗତ ସମୀକରଣ ଉପରେ ନିର୍ଭର କରିବାର ସମୟ ଶେଷ ହେବାକୁ ଯାଉଛି ଏବଂ କାର୍ଯ୍ୟଦକ୍ଷତା ଓ ପ୍ରସଙ୍ଗ ଭିତ୍ତିକ ରାଜନୀତିର ଏକ ନୂତନ ଯୁଗ ଆରମ୍ଭ ହେଉଛି। ଜଣେ ରାଜନୈତିକ ରଣନୀତିକାରରୁ ପ୍ରତ୍ୟକ୍ଷ ଜନପ୍ରତିନିଧି ହୋଇ ପ୍ରଶାନ୍ତ କିଶୋର ରାଜନୈତିକ ସଂସ୍କାରକମାନଙ୍କ ପାଇଁ ଏକ ନୂଆ ମାର୍ଗଦର୍ଶକ ସାଜିଛନ୍ତି, ଯାହା ଦର୍ଶାଉଛି ଯେ ନିରନ୍ତର ଜନସମ୍ପର୍କ, ସ୍ୱଚ୍ଛ ନୀତି ଏବଂ ଦୃଢ଼ ତୃଣମୂଳ ସଂଗଠନ ଜରିଆରେ ବର୍ଷ ବର୍ଷର ମଜଭୁତ ରାଜନୈତିକ ଗଡ଼କୁ ମଧ୍ୟ ଭାଙ୍ଗିବା ସମ୍ଭବ।

ମୋ: ୯୪୩୭୯୯୪୩୭୯

## ସରକାରୀ ଯୋଜନାରୁ ବାଦ୍ ପଡିଛନ୍ତି ହିତାଧିକାରୀ

ସାଲେପୁର,୮ ।୮ (ନିପ୍ର): ସାଲେପୁର ବ୍ଲକ୍ ଅଞ୍ଚଳରେ ଥିବା ବହୁ ପଞ୍ଚାୟତର ହିତାଧିକାରୀମାନେ ବହୁ ଜନହିତକର ଯୋଜନାରୁ ବାଦ୍ ପଡିଛନ୍ତି । ବାରମ୍ବାର ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ନେଇ ବିଜେପି କାର୍ଯ୍ୟକର୍ତ୍ତା ପ୍ରସନ୍ନ ମିଶ୍ର ଅଭିଯୋଗ କରିଛନ୍ତି । ପ୍ରତ୍ୟେକ ଦିନ ବହୁ ହିତାଧିକାରୀ ବିଭିନ୍ନ ସମୟରେ ବ୍ଲକ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହୋଇ ଫେରୁଛନ୍ତି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟିଦେବାକୁ ସେ ଦାବି କରିଛନ୍ତି । ପ୍ରକାଶ ଯେ ସାଲେପୁର ବ୍ଲକ୍ ଅଞ୍ଚଳରେ ରାସନ୍ ସାମଗ୍ରୀ ପାଇବା ନିମନ୍ତେ ନୂତନ ହିତାଧିକାରୀମାନେ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ବହୁ ହିତାଧିକାରୀ ରାସନ୍ ସାମଗ୍ରୀ ପାଇପାରିନାହାନ୍ତି । ସେହିପରି ବାର୍ଦ୍ଧକ୍ୟ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା ପାଇଁ ଶହ ଶହ ହିତାଧିକାରୀମାନେ ଆବେଦନ କରି ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି ।

## ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ବୁଗୁଡ଼ା,୮ ।୮ (ନିପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରିନ୍ସିପାଲ ଭଗବାନ ଶତପଥୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ ଓ ପାଠଚକ୍ର ଆନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କଲେଜର ପ୍ରିନ୍ସିପାଲ ଶ୍ରୀ ଶତପଥୀ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ବିଭାଗ ପକ୍ଷରୁ ମୁଖ୍ୟ ଅଧ୍ୟାପକ ଅକ୍ଷୟ କୁମାର ସାହୁ ନୂତନ ଅଧ୍ୟକ୍ଷ ଶ୍ରୀ ଶତପଥୀଙ୍କୁ ହାର୍ଦ୍ଦିକ ସ୍ୱାଗତ କରବା ସହ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଭାଗର ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ନୂତନ ପ୍ରିନ୍ସିପାଲଙ୍କୁ ସ୍ୱାଗତ କରିବା ସହ ପାଠଚକ୍ରର ବିଷୟ ବସ୍ତୁ 'ଓଡ଼ିଶା ପଞ୍ଚାୟତ ରାଜ ନିର୍ବାଚନରେ ମହିଳାଙ୍କ ଅଂଶଗ୍ରହଣ: ଏକବିଂଶ ଶତାବ୍ଦୀରେ ସାମ୍ବିଧାନିକ ବ୍ୟବସ୍ଥା ଏବଂ ଆହ୍ୱାନ' ଉପସ୍ଥାପନ କରି ସମ୍ୟକ୍ ଧାରଣା ପ୍ରଦାନ କରିଥିଲେ । ରାଜନୀତି ବିଜ୍ଞାନ ବିଭାଗର ଶେଷ ବର୍ଷର ଛାତ୍ରୀ ବର୍ଷା ସ୍ୱାଇଁ ଓ ଗୀତାଞ୍ଜଳୀ ପ୍ରଧାନ ପାଠଚକ୍ରର ସନ୍ଦର୍ଭ ପାଠ କରିଥିଲେ । ବିଭାଗର ଅନ୍ୟତମ ଅଧ୍ୟାପକ ଲୋକନାଥ ବେହେରା ବର୍ତ୍ତମାନର ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାମାନଙ୍କ ରାଜନୈତିକ ପ୍ରତିନିଧିତ୍ୱ ଦିଗରେ ଉପୁଜୁଥିବା ଆହ୍ୱାନ ବିଷୟରେ ଆଲୋକପାତ କରିଥିଲେ ।

## ବ୍ଲକସ୍ତରୀୟ କ୍ରୀଡା ପାଇଁ ପ୍ରସ୍ତୁତି

କୁଚିଣ୍ଡା,୮ ।୮ (ନିପ୍ର); ସମ୍ବଲପୁର ଜିଲ୍ଲା କୁଡାପଡା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଠାରେ ଶୁକ୍ରବାର କୁଚିଣ୍ଡା ବ୍ଲକ ସ୍ତରୀୟ କ୍ରୀଡା ଓ ଖେଳ ପାଇଁ ପ୍ରସ୍ତୁତି ବୈଠକ ସହ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଳ କୁମାର ମହାକୁଳଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ପଟେଲ ମୁଖ୍ୟଅତିଥି,ଏବିଇଓ ବିନୋଦ ବିହାରୀ ସାହୁ, କୁଚିଣ୍ଡା ବ୍ଲକ କ୍ରୀଡା ସଂସଦର ସମ୍ପାଦକ ଘନକିଶୋର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏଥିରେ ହେବାକୁଥିବା ବ୍ଲକ ସ୍ତରୀୟ କ୍ରୀଡା ଓ ଖେଳ କାର୍ଯ୍ୟକ୍ରମକୁ ଆନ୍ତରିକତାର ସହିତ ସମସ୍ତେ ସହଯୋଗ ସହ ସଫଳ କରିବାପାଇଁ ଅତିଥିମାନେ ଅନୁରୋଧ କରିଥିଲେ । ପରେ ବିଦାୟୀ ଶାରୀରିକ ଶିକ୍ଷକ ହିମାଂଶୁ ପଟେଲ,ପ୍ରକାଶ କୁମାର ପଟେଲ, ଧିରେନ୍ଦ୍ର କୁମାର ପଟେଲ, ପ୍ରବୀଣ କୁମାର ପଟେଲ ଓ ନାରାୟଣ ଚନ୍ଦ୍ର ପଟେଲଙ୍କ ଅବସର ପରେ ପରବର୍ତ୍ତୀ ଜୀବନ ସୁସ୍ଥ ନିରାମୟ ଏବଂ ଶାନ୍ତିମୟ ହେବା ପାଇଁ ପ୍ରାର୍ଥନା କରିଥିଲେ ।

## ଫସଲ ବୀମା ଯୋଜନା କର୍ମଶାଳା

ବୋଲଗଡ,୮ ।୮ (ନିପ୍ର): ବୋଲଗଡ଼ ବ୍ଲକ କୃଷି ବିଭାଗ ଅଧୀନସ୍ଥ ପିଚୁକୁଳି ପଞ୍ଚାୟତ ଅନ୍ତର୍ଗତ ଗିରିଗିରିଆ ଗ୍ରାମ ଡାହାଲିଆଣୀ ମନ୍ଦିର ପ୍ରାଙ୍ଗଣରେ ଗିରିଗିରିଆ କୃଷକ ସାଥୀ ବିଶ୍ୱରଂଜନ ଛୁଆଳ ସିଂହଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଅଛି । ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ବୋଲଗଡ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡା,ମୁଖ୍ୟ ଅତିଥି ଭାବରେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡ଼ା , କୃଷି ଅଧିଦର୍ଶକ ବୋଲଗଡ଼ ଈଶାନ ଚନ୍ଦ୍ର ନାୟକ ଓ କୃଷି ଅଧିଦର୍ଶକ ପିଚୁକୁଳି ମଳୟ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଥିଲେ । ଏହି ଅବସରରେ ୨୦୨୫-୨୬ ଧାନ ପରବର୍ତ୍ତୀ ପଡିଆ ଜମିରେ ଫସଲ କିପରି ପରିଚାଳନା କରାଯିବ ସେ ବିଷୟରେ କୃଷି ଅଧିକାରୀ ସବିଶେଷ ଆଲୋଚନା କରିଥିଲେ । ଏଥି ସହିତ ବର୍ତ୍ତମାନ ଧାନ ଫସଲରେ ସାରର ବ୍ୟବହାର ଯଥା : ୟୁରିଆ, ଗ୍ଲୁମୋର,ଡି ଏ ପି,ନାନୋ ଆଦି ସାରକୁ କେଉଁ ସମୟରେ ବ୍ୟବହାର କରା ଯିବ ଏବଂ କେତେ ପରିମାଣର ବ୍ୟବହାର କରାଯିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ମାଧ୍ୟମରେ ୧ ଟଙ୍କାରେ ବୀମା ବ୍ୟାଙ୍କ ଓ ଜନସେବା କେନ୍ଦ୍ରରେ କରାଇବା ପାଇଁ ପରାମର୍ଶ ଦିଆଯାଇ ଥିଲା ।

## ସାପ କାମୁଡ଼ାରେ ମା' ଓ ୬ ବର୍ଷର ପୁଅଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୮ ।୮ (ନିପ୍ର); ରାଇଗଡ ଗଜପତି ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି । ରାୟଗଡ଼ ଥାନା ଅନ୍ତର୍ଗତ କଡମାତାଲ ଗ୍ରାମରେ ସାପ କାମୁଡ଼ାରେ ମା' ଓ ୬ ବର୍ଷର ପୁଅଙ୍କ ମୃତ୍ୟୁ ଘଟିଛି । ମୃତକମାନେ ହେଲେ ୩୫ ବର୍ଷୀୟା ଲଳିତା ରଇତ ଓ ତାଙ୍କ ପୁଅ ଅମିତ ବଡ ରଇତ । ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଘରେ ଶୋଇଥିବା ସମୟରେ ଉଭୟଙ୍କୁ ସାପ କାମୁଡ଼ିଥିଲା । ପରେ ସେମାନେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକ ଓ ଗ୍ରାମବାସୀ ତୁରନ୍ତ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ସେଠାରେ ଡାକ୍ତର ମା' ଓ ପୁଅଙ୍କୁ ମୃତ ଘୋଷଣା କରିଥିଲେ । ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ନାହିଁ ନାହିଁରେ ତରଭା ଡାକ୍ତରଖାନା,ରୋଗୀ ହନ୍ତସନ୍ତ

ତରଭା,୮ ।୮ (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ଡାକ୍ତରଖାନା ଦୀର୍ଘ ଦିନ ହେଲା ବିଭିନ୍ନ ସମସ୍ୟା ଦେଇ ଗତି କରୁଛି । ମୋଟାମୋଟି ଭାବେ କହିବାକୁ ଗଲେ ତରଭା ଡାକ୍ତରଖାନା ନାହିଁ ନାହିଁରେ ଚାଲିଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏହି ଡାକ୍ତରଖାନା ଉପରେ ତରଭା ବ୍ଲକର ସମସ୍ତ ଏକୋଇଶ ଗୋଟି ପଞ୍ଚାୟତ ଏବଂ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ବାର ଗୋଟି ୱାର୍ଡ ବ୍ୟତୀତ ତରଭାକୁ ଲାଗି କରି ଥିବା ବଲାଙ୍ଗୀର ଜିଲ୍ଲାର ଖଲିଆପାଲି, ବଇରାସର, ବନ୍ଦପଡା , ବହଲପଦର , ସୋନପୁର ବ୍ଲକର ଖାରି ଭଳି ଏକାଧିକ ପଞ୍ଚାୟତର ଲୋକମାନେ ନିର୍ଭର କରିଥାନ୍ତି । ପ୍ରାପ୍ତ ସୂଚନା ଅନୁଯାୟୀ ଏହି ଷୋହଳ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ବାର୍ଷିକ ଏକ ଲକ୍ଷରୁ ଉର୍ଦ୍ଧ୍ୱ ରୋଗୀ ବର୍ହିବିଭାଗରେ ଚିକିତ୍ସା ହେଉଥିବା ବେଳେ ଅନ୍ତ ବିଭାଗରେ ହାରାହାରି ଦଶ ହଜାରରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି । ବିଡ଼ମ୍ବନା ବିଷୟ ହେଉଛି ଯେ ନା ଏଠାରେ ଆବଶ୍ୟକ ଡାକ୍ତର ଅଛନ୍ତି ନା ଅନ୍ୟ କର୍ମଚାରୀ ଅଛନ୍ତି । ଏପରିକି ନା ରୋଗୀଙ୍କ ପାଇଁ କୋଠରି ନା ଚିକିତ୍ସା ପାଇଁ ଆବଶ୍ୟକ ଯନ୍ତ୍ରପାତି ଅଛି । ସୂଚନା ମୁତାବକ ତରଭା ଡାକ୍ତରଖାନା ପାଇଁ ବାଇଶ ଜଣ ଡାକ୍ତର ନିଯୁକ୍ତ ହେବା ସ୍ଥାନରେ ବର୍ତ୍ତମାନ ପାଞ୍ଚ ଜଣ ଡାକ୍ତର




ଅଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଯିଏକି ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ସୋନପୁର ଡାକ୍ତରଖାନାକୁ ଡେପୁଟେସନରେ ଯାଇଛନ୍ତି । କେବଳ ଜଣେ ମାତ୍ର ମେଡିସିନ ସ୍ପେଶାଲିଷ୍ଟ ଡାକ୍ତର ଅଛନ୍ତି । ଏଠାରେ ଅଫିସର ଲେଭେଲ ଡାକ୍ତର ଦୁଇ ଜଣ ରହିବା କଥା ତାହା ଶୂନ , ଶିଶୁ ରୋଗ ବିଶେଷଜ୍ଞ ,ସର୍ଜରୀ ଡାକ୍ତର ନାହିଁ । ଏଲଟିଆରଏମ ଓ ପନ୍ଦର ଜଣ ମଧ୍ୟରୁ ତିନି ଜଣ ଥିବା ବେଳେ ବାର ଖାଲି ପଡିଛି, ଡେଣ୍ଟାଲ ଜଣେ ରହିବା କଥା ତାହା ବର୍ଷ ବର୍ଷ ଧରି ଖାଲି ପଡିଛି । ଯଦି ଷ୍ଟାଫ୍ କଥା ଚିନ୍ତା କରିବା ନର୍ସ ପନ୍ଦର ମଧ୍ୟରୁ ପାଞ୍ଚ ଅଛନ୍ତି ଦଶ ପଦବୀ ଖାଲି ରହିଛି । ଏଲଟି ଦୁଇରୁ ଏକ ଅଛି ଏକ ଖାଲି, କ୍ଲର୍କ ଦୁଇରୁ ଏକ ଖାଲି , ଏଟେଡେନ୍ଟ ଚାରିରୁ ତିନି ଅଛି ଏକ ଖାଲି, ସୁଇପର ତିନି ରୁ ତିନି ଖାଲି , କୁକ ପଦବୀ ଶୂନ, ସିନିୟର ହେଲପର ନାହିଁ , ଏଲଏଚଭି ପଦବୀ ଖାଲି ରହିଛି , ଏଏନଏମ ଗୋଟିଏ ପଦବୀ ଖାଲି ଥିବା ବେଳେ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ ଗୋଟିଏ ପଦ ଖାଲି ।

ଏହିପରି ଦେଖିବାକୁ ଗଲେ ରୋଗୀ ତୁଳନାରେ ଚିକିତ୍ସା ପାଇଁ ଆବଶ୍ୟକ ପଦବୀ ଖାଲି ପଡ଼ିଛି ଯାହା କି ନାହିଁ ନାହିଁରେ ଚାଲିଛି ଚିକିତ୍ସା ସେବା । ଏଠାରେ ଅଲଟ୍ରାସାଉଣ୍ଡ, ଡେଣ୍ଟାଲ ଯନ୍ତ୍ରାଂଶ ଡାକ୍ତର ଅଭାବରୁ ସେଗୁଡିକ ଖତ ଖାଉଛି । ଦୂର ଦୂରାନ୍ତରୁ ଆସୁଥିବା ଗର୍ଭବତୀମାନେ ଅଲଟ୍ରାସାଉଣ୍ଡ ପରୀକ୍ଷାରୁ ବଞ୍ଚିତ ହେଉଛନ୍ତି । ଔଷଧ କଥା ଯଦି ଚିନ୍ତା କରିବା ବେଳେ ବେଳେ ବହୁ ରୋଗୀ ଔଷଧ ନ ପାଇ ଫେରୁ ଥିବା ଓ ବିପି ମାପିବା ପାଇଁ ଆସି ଯନ୍ତ୍ର ନ ଥିବା ଯୋଗୁଁ ଫେରୁଥିବା ଦେଖିବାକୁ ମିଳେ । ବର୍ତ୍ତମାନ ମଧ୍ୟ ସେଫିକ୍ସିମ, ମେଟ୍ରୋନ ସିରଫ, ଆଜିଥ୍ରୋମାଇସିନ, ହେଲୋଜେନ ଭଳି ଆବଶ୍ୟକ ଔଷଧ ନ ଥିବା ଜଣାଯାଏ । ମୋଟାମୋଟି ଭାବେ ଦେଖିବାକୁ ଗଲେ ଡାକ୍ତର ଖାନାର ଅବସ୍ଥା ଅତି ଶୋଚନୀୟ ଭାଗବାନ ଭରଷାରେ ଅଞ୍ଚଳବାସୀ ସାମନ୍ୟ ରୋଗ ରେ ମଧ ରୋଗୀ ରେଫର୍ ହୋଇ ବଲାଙ୍ଗୀର ଡାକ୍ତର ଖାନାରେ ଭର୍ତି ହେବାର ନଜିର ରହିଛି । ଏନେଇ ବିଭିନ୍ନ ସମୟରେ ଦାବି ହେଇ ଆସୁଛି ହେଲେ ଲାଭ ଶୂନ ।

ଗତ ଜିଲ୍ଲାପାଳ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତରଭା ସାମ୍ବାଦିକମାନଙ୍କ ତରଫରୁ ଯଦି ତରଭା ଡାକ୍ତରଖାନାର ଅବସ୍ଥାରେ ସୁଧାର ନ ଆସେ ଏବଂ ଆବଶ୍ୟକ ପଦବୀ ପୂରଣ ନହେଲେ ସାମ୍ବାଦିକମାନଙ୍କ ତରଫରୁ ଏକ ଧାରଣା ଦିଆଯିବ ବୋଲି ପ୍ରଶାସନକୁ ଚେତାଇ ଦିଆଯାଇଛି ।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ନିଶାମୁକ୍ତ ସଚେତନତା

ନିରାକାରପୁର,୮ ।୮(ନିପ୍ର): ଖୋର୍ଦ୍ଧା ଜିଲ୍ଲାସ୍ଥ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, କାଇପଦର ପରିସରରେ ଜାତୀୟ ସେବା ଯୋଜନା ପକ୍ଷରୁ ଏକ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ଉମେଶ ଚନ୍ଦ୍ର ସାହୁ ଏବଂ ଉପାଧକ୍ଷ ତଥା ଓଡ଼ିଆ ବିଭାଗର ମୁଖ୍ୟ ପ୍ରତାପ କିଶୋର ଛୋଟରାୟ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଧୀରେନ କୁମାର ଦାସ ମୁଖ୍ୟ ଅତିଥି ଏବଂ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଡ. ଜନ୍ମେଞ୍ଜୟ ଚୌଧୁରୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନରେ ଛାତ୍ରଛାତ୍ରୀମାନଙ୍କ ଭୂମିକା, ନିଶାଦ୍ରବ୍ୟର କୁପ୍ରଭାବ ଏବଂ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ । ନିକଟସ୍ଥ ଈଶ୍ୱରୀୟ ପ୍ରଜାପିତା ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟର ଉପଶାଖାର ବ୍ରହ୍ମଚାରିଣୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିଶା ସେବନ ଦ୍ୱାରା ମନୁଷ୍ୟ କିପରି ନିଜର ବ୍ୟକ୍ତିତ୍ୱ ଓ ମାନବିକତାକୁ ହରାଇ ବସେ, ସେ ସମ୍ପର୍କରେ ସଚେତନତାମୂଳକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ମାନସ କୁମାର ଜୟସିଂହ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ +୨ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ସୁମନ୍ତ ଦେହେରୀ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଅଧ୍ୟାପିକା ସଚଳା ସାମନ୍ତରାୟ, ଅଧ୍ୟାପିକା ଡ଼. ସଂଯୁକ୍ତା ପଟ୍ଟନାୟକ, ଅଧ୍ୟାପିକା ସୁଜ୍ଞାନୀ ଭଞ୍ଜ ସାମନ୍ତ, ଅଧ୍ୟାପିକା ଅନିତା ଦାଶ, ଅଧ୍ୟାପିକା ସ୍ୱୟଂପ୍ରଜ୍ଞା ମାନ୍ଧାତା, ଅଧ୍ୟାପିକା ସବିତା ବେହେରା, ଅଧ୍ୟାପିକା ଅଞ୍ଜଳି ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତିର ଶପଥ ପାଠ କରାଇଥିଲେ ।

# ରିଲିଫ ହିସାବ ମାଗିବାରୁ ତହସିଲଦାର ଓ ବିଡ଼ିଓଙ୍କ ସହ ମୁହାଁମୁହିଁ ହେଲେ ଜନପ୍ରତିନିଧି

## ପଲିଥିନ୍, ଫ୍ରି-କିଚେନ ଓ ରିଲିଫ ବଣ୍ଟନର ହିସାବ ସାର୍ବଜନୀନ ଦାବି କଲା ବିଜେଡି

ଧାମନଗର,୮ ।୮(ନିପ୍ର):ଧାମନଗର ବ୍ଲକର ସୃଷ୍ଟି ହୋଇଥିବା ବନ୍ୟାରେ ୩୦ ପଞ୍ଚାୟତରେ ରିଲିଫ ବଣ୍ଟନକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି । ରିଲିଫ ସାମଗ୍ରୀର ବଣ୍ଟନର ପଞ୍ଚାୟତ ଭିତ୍ତିକ ହିସାବ ଦିଆଯାଉନଥିବା, ପ୍ରକୃତ ବନ୍ୟା ବିପନ୍ନଙ୍କୁ ପଲିଥିନ ମିଳୁନଥିବା ଏବଂ ଫ୍ରି-କିଚେନ ର ବ୍ୟୟ ବିବରଣୀ ପ୍ରକାଶ କରାଯାଉନଥିବା ଅଭିଯୋଗ ନେଇ ନିର୍ବାଚିତ ଜନପ୍ରତିନିଧି ଧାମନଗର ବିଡିଓ ଓ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ରିଲିଫ ବଣ୍ଟନ ସମ୍ପର୍କିତ ତଥ୍ୟ ଓ ହିସାବକୁ ନେଇ ଜନପ୍ରତିନିଧିଙ୍କ ସହ ତହସିଲଦାରଙ୍କ ମଧ୍ୟରେ ତୀବ୍ର ବାକ୍‌ବିତଣ୍ଡା ହୋଇଥିବା ଦେଖିବାକୁ ମିଳିଛି । ବନ୍ୟା ଭଳି ଜରୁରୀ ପରିସ୍ଥିତିରେ ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ଆବଶ୍ୟକ ଥିବାବେଳେ ଏଭଳି ମନୋଭାବ ଗ୍ରହଣୀୟ ନୁହେଁ ବୋଲି ଜନପ୍ରତିନିଧିମାନେ କହିଥିଲେ । ଏ ନେଇ ଜିଲାପାଳ ସୋମେଶ କୁମାର ଉପାଧାୟଙ୍କ ନିକଟରେ ଫେରାଦ ହୋଇଛି ଧାମନଗର ବିଜେଡ଼ି । ଅଭିଯୋଗ ଅନୁଯାୟୀ, ବନ୍ୟା ଆରମ୍ଭଠାରୁ ଧାମନଗର ବ୍ଲକକୁ କେତେ ପରିମାଣର ଛୁଡ଼ା, ଗୁଡ଼, ଚାଉଳ, ଶୁଖିଲା ଖାଦ୍ୟ, ଗୋ-ଖାଦ୍ୟ ଓ ଅନ୍ୟାନ୍ୟ ରିଲିଫ ସାମଗ୍ରୀ ଆସିଛି ଏବଂ ପ୍ରତ୍ୟେକ ପଞ୍ଚାୟତକୁ କେତେ ପରିମାଣରେ ପଠାଯାଇଛି, ତାହାର ସ୍ୱଷ୍ଟ ଲିଖିତ ହିସାବ ଜନପ୍ରତିନିଧିଙ୍କୁ ଦିଆଯାଉନାହିଁ । ଏନେଇ ବାରମ୍ବାର ତଥ୍ୟ ମଗା ଯାଇଥିଲେ ମଧ ସ୍ୱଷ୍ଟ ତଥ୍ୟ ମିଳୁନଥିବା ସେମାନେ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ଚାଲିଥିବା ଫ୍ରି-କିଚେନ କୁ ନେଇ ମଧ



ପ୍ରଶ୍ନ ଉଠିଛି । ବନ୍ୟାରେ ବିପନ୍ନ ପରିବାରଙ୍କୁ ପଲିଥିନ ବଣ୍ଟନରେ ମଧ୍ୟ ଅନିୟମିତତା ଓ ପକ୍ଷପାତିତା ହେଉଥିବା ଜନପ୍ରତିନିଧିମାନେ ଅଭିଯୋଗ କରିଛନ୍ତି ।

ରିଲିଫ ବଣ୍ଟନରେ ସ୍ୱଚ୍ଛତା , ପଞ୍ଚାୟତ ଭିତ୍ତିକ ହିସାବ ସାର୍ବଜନୀନ ଏବଂ ପ୍ରକୃତ ବିପନ୍ନଙ୍କୁ ଆବଶ୍ୟକ ସହାୟତା ନ ମିଳିଲେ ଆଗାମୀ ଦିନରେ ଧାମନଗର ବ୍ଲକର ସମିତି ସଦସ୍ୟ, ସରପଞ୍ଚ ଓ ସାଧାରଣ ଲୋକଙ୍କ ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଭଦ୍ରକ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁ, ଉର୍ମିଳା ବିଶ୍ୱାଳ, ପ୍ରଦୀପ ମଲ୍ଲିକ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନଙ୍କ ସମେତ ସରପଞ୍ଚ ସୀତାକାନ୍ତ ମିଶ୍ର, ଅଜୟ ମଳିକ, ସରିତା ମହାନ୍ତି, ନରେନ୍ଦ୍ର ନାରାୟଣ ନାୟକ ,ସମିତି ସଭ୍ୟ ଭାରତ ବିଜୟ ଦଳେଇ, ଜ୍ଞାନ ରଞ୍ଜନ ମହାକୁଡ଼, ସୁଦୀପ୍ତ ଖଟୁଆ, ସୂର୍ଯ୍ୟକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

କିଛି ଜନପ୍ରତିନିଧି ଓ ବିଜେଡିର କାର୍ଯ୍ୟକର୍ତ୍ତା ଭେଟି ଅଭିଯୋଗ କରିଥିଲେ ଘଟଣା ତଦନ୍ତ କରାଯିବ ବୋଲି ଧାମନଗର ବିଡ଼ିଓ ଓ ତହସିଲଦାର ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଛନ୍ତି ।

# ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଣ୍ଠୁଏ ଉଚ୍ଚର ବର୍ଷାପାଣି

## ତାହା ମଧ୍ୟ ଦେଇ ଚିକିତ୍ସା ହେବାକୁ ଯାଉଛନ୍ତି ରୋଗୀ

ସାଲେପୁର,୮ ।୮(ନିପ୍ର):ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଣ୍ଠୁଏ ଲେଖା ବର୍ଷାପାଣି ଜମି ରହିଥିବାରୁ ରୋଗୀ ଓ ତାଙ୍କ ସଂପର୍କୀୟମାନେ ଆଣ୍ଠୁଏ ଲେଖାଁ ପାଣିରେ ପଶି ଚିକିତ୍ସା ହେବାକୁ ଯାଉଥିବା ଦେଖିବାକୁ ମିଳିଛି । ପ୍ରକାଶ ଯେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏହି ଅଞ୍ଚଳର ଏକ ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର । କିନ୍ତୁ ଦୁଃଖର ବିଷୟ ଏହି କିଛି ଦିନ ହେବ ଲଗାଣ ବର୍ଷା ଯୋଗୁଁ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଆଣ୍ଠୁଏ ଲେଖା ପାଣି ଜମି ରହିଅଛି । ବର୍ଷା ପାଣି ନିଷ୍କାସନର ବ୍ୟବସ୍ଥା ନଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି । ଅପର ପକ୍ଷରେ ଡାକ୍ତରଖାନା ସମ୍ମୁଖରୁ ବର୍ଷାପାଣି ନିଷ୍କାସିତ ହୋଇନପାରି ସମ୍ମୁଖରେ ଜମି ରହିଛି । ଫଳରେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସୁଥିବା ରୋଗୀ ଓ ସେମାନଙ୍କ ସଂପର୍କୀୟମାନେ ଆଣ୍ଠୁଏ ଲେଖାଁ ପାଣିରେ ପଶି ଚିକିତ୍ସା କେନ୍ଦ୍ରକୁ ଯାଉଥିବା ଦେଖିବାକୁ ମିଳିଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ



ଦୃଷ୍ଟି ଦେଇ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜମି ରହିଥିବା ବର୍ଷାପାଣି ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି ହୋଇଛି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା

ଭଦ୍ରକ,୮ ।୮ (ନିପ୍ର): ଭଦ୍ରକ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ନାରାୟଣ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ପୁରୁଣାବଜାର, ଭଦ୍ରକ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟର ଶିକ୍ଷକ ମୁସ୍ତାକ ଅଲି ଖାନ ମଞ୍ଚ ସଂଚାଳନା କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟ ଅତିଥିଗଣଙ୍କ ମଧ୍ୟରେ ଶିଶୁ ସୁରକ୍ଷା ବିଭାଗର ଶିଶୁ ଆଇନ ଅଧିକାରୀ ସୁବ୍ରତ କୁମାର ଦାସ, ପ୍ରତିପକ୍ଷ ସହଯୋଗୀ ( ଏଲ ଏ ଡିସି) ବହ୍ନିଶିଖା ବିଶ୍ୱାଳ, ଭଦ୍ରକ ନିଶା ନିବାରଣ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ ସନ୍ତୋଷ କୁମାର ନାୟକ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ, ନିତ୍ୟାନନ୍ଦ ରାଉତ ତଥା ଅନ୍ୟାନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଗଣ ଏବଂ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ସୁନ୍ଦର ସମାଜ ଗଠନ କରିବା ଦିଗରେ କୋମଳ ମତି ଛାତ୍ର ଛାତ୍ରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତେଣୁ ସେମାନେ ମାଦକ ଦ୍ରବ୍ୟ ପରି ନିଶା ଠାରୁ ନିଜକୁ ଦୂରରେ ରଖି ସୁ ଭବିଷ୍ୟତ ଗଠନ ନିମନ୍ତେ ଚେଷ୍ଟିତ ହେବା ପାଇଁ ପରାମର୍ଶ ଦିଆଯାଇଥିଲା ।

# ବଳଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର ନବୀକରଣ ପରିବର୍ତ୍ତେ ପାଚେରି ଓ ଭଲ ଘର ଭାଙ୍ଗି ମୁକୁଳା କରିଦେଲେ

ପିପିଲି,୮ ।୮(ନିପ୍ର):ବଳଙ୍ଗା ସରକାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଡାକ୍ତରଖାନା ପରିସର ମଧ୍ୟରେ ଥିବା ଭଲ ଘରକୁ ନବୀକରଣ କରିବା ବଦଳରେ ଭାଙ୍ଗି ଦିଆଯାଇଛି । ନବୀକରଣ ପାଇଁ ୪୧ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟେଣ୍ଡର କରାଯାଇ ଥିବା ବେଳେ ଏହି ଟେଣ୍ଡର କାର୍ଯ୍ୟ ଚଳୁ କରିବା ଉଦ୍ଦେଶ୍ୟ ରଖି ଯୋଜନା ଚାଲି ଥିବା ବଳଙ୍ଗା ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ଅଭିଯୋଗ କରି ଆସୁ ଅଛନ୍ତି । ଏହି ଟେଣ୍ଡର ଅର୍ଥ ଚଳୁ କ୍ଷେତ୍ରରେ ମେଡିକାଲ ସହକାରୀ ଯନ୍ତ୍ରୀ ଓ ସ୍ଥାନୀୟ ଅଞ୍ଚଳର ଜଣେ ଜଣାଶୁଣା ସମାଜସେବୀଙ୍କ ହାତ ରହି ଥିବା ସୂଚନା ମିଳି ଅଛି । ଏମିତି ଭଙ୍ଗା ଯାଇଥିବା ନାମିଦାମୀ କାଠ ଲୁହା ରଡ଼କୁ ଲୋକ ଦେଖାଣିଆ ଥୁଆ ହୋଇ ଥିବା ବେଳେ ସମ୍ପୃକ୍ତ ଥିବା ବ୍ୟକ୍ତି ହରିଲୁଟ କରି ଥିବା ଚର୍ଚ୍ଚା ହେଉଛି । ଅନ୍ୟ ପକ୍ଷରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ସ୍ଥାନୀୟ ଜନସାଧାରଣଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ମିଳୁ ନଥୁବା ସାଧାରଣରେ ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ ସଞ୍ଜ ନଇଁଲେ ଡାକ୍ତରଖାନା ଭିତର ପାଲଟିଛି ଅସାମାଜିକ ଯୁବକଙ୍କ ଅନୈତିକ କାର୍ଯ୍ୟ କଳାପ । ଏହାକୁ ସହଯୋଗ କରୁଛି କିଟିକିଟି ଅନ୍ଧାର ରାତି ଓ ଖୋଲା ପାଚେରୀ । ଉକ୍ତ ଡାକ୍ତରଖାନା ଭିତରେ କୌଣସି ଷ୍ଟ୍ରିଟ ଲାଇଟ ବା ହାଇ ମାକ୍ସ ଲାଇଟ ନଥୁବା ଯୋଗୁଁ ଅନ୍ଧାରରେ ହେଉଛି ଡ୍ରଗ୍ସ, ମଦୁଆ ଓ ଅସାମାଜିକଙ୍କ ଆଡାସ୍ଥଳୀ । ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ନିମାପଡା ଅଧୀନରେ ଥିବା ବଳଙ୍ଗା




ଡାକ୍ତରଖାନା । ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତି ଗାଁ ୱାର୍ଡ ସଭ୍ୟଠାରୁ ଧରି ଉପମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ନଜର - ପଡୁ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି ।ବଳଙ୍ଗା ଅଞ୍ଚଳ ହେଉଛି କୃଷି ବହୁଳ ଅଞ୍ଚଳ । ଏହି ଅଞ୍ଚଳରେ ୯୯% ଗରିବ ନିରୀହ ଖଟିଖିଆ ଲୋକ ଅଛନ୍ତି । ସେମାନେ କୃଷି ଉପରେ ନିର୍ଭର କରନ୍ତି । ସେମାନଙ୍କର ଦେହ ଖରାପ ହେଲେ ସେମାନେ ନିର୍ଭର କରିଥାନ୍ତି ବଳଙ୍ଗା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଉପରେ ଓ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ଫାର୍ମାସିଷ୍ଟ ଓ ଡାକ୍ତରଙ୍କ କଟୁ ବାକ୍ୟରେ ବ୍ୟବହାର ଯୋଗୁଁ ଅତିଷ୍ଠ ହୋଇପଡ଼ିଛନ୍ତି । ସେପଟେ ସରକାର ସ୍ୱାସ୍ଥ୍ୟ ସେବା ଉପରେ ଅଗ୍ରଗତି ଆଣି ଡିଣ୍ଡିମ ପିଟୁଥିବା ବେଳେ ଡାକ୍ତରଖାନା ନବୀକରଣ ଓ ରୋଗୀ କଲ୍ୟାଣ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁ ଥିବା ବେଳେ ଏହି ଡାକ୍ତର ଖାନା ସାବତ ପୁଅ ସଦୃଶ ବିଭାଗ ବ୍ୟବହାର କରୁଥିବା ସାଧାରଣରେ ଆଲୋଚନା ହେଉଛି । ହେଲେ ବଳଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ଡାକ୍ତରଖାନା ପରିସର ଗୋଚର ଜମି ସାଙ୍ଗକୁ ଏଠାରେ ବିଜୁଳି ବଲ୍ ନଥୁବାରୁ ଏହି ଡାକ୍ତରଖାନା ସନ୍ଧ୍ୟା ହେଲେ ଏକ ଘଞ୍ଚ ଜଙ୍ଗଲର ଅନ୍ଧାର ପାଲଟିଛି । ଏସବୁ ସମ୍ବେଦନଶୀଳ ସମସ୍ୟା ଉପରେ ଅଞ୍ଚଳବାସୀ ସ୍ଥାନୀୟ ସରପଞ୍ଚ ବିଧାୟିକା ତଥା ଓଡିଶା ସରକାରଙ୍କ ଉପ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଜଣାଇ ଆସୁ ଥିଲେ ମଧ ଏଦିଗରେ କେହି ନଜର ଦେଉ ନଥିବା ଅଞ୍ଚଳରେ ସାଧାରଣରେ ଅଭିଯୋଗ ଓ ଅସନ୍ତୋଷ ପ୍ରକାଶ ପାଇଛି । ସେପଟେ ବଳଙ୍ଗା ଥାନା ଉଦ୍‌ଘାଟନ ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉଦ୍‌ଘାଟନ ଉତ୍ସବରେ ବଳଙ୍ଗା ସରକାରୀ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ନବୀକରଣ ଓ ସ୍ଥାୟୀ ଡାକ୍ତର । କର୍ମଚାରୀ ନିଯୁକ୍ତି ରଖୁବା ଉପରେ ଗୁରୁତ୍ୱ ଦେବାକୁ ଅଞ୍ଚଳବାସୀଙ୍କୁ ଭାଷଣ ମାଧ୍ୟମରେ କହି ଥିଲେ । ହେଲେ ଥାନା ଉଦ୍‌ଘାଟନ ଉତ୍ସବ ଦୀର୍ଘ ଦିନ ବିତିଯାଇଥିଲେ ମଧ ଏହି ଡାକ୍ତର ଖାନା ସମସ୍ୟା ସୁଧୁରି ନଥୁବା ନେଇ ବଳଙ୍ଗା ଅଞ୍ଚଳରେ ଏ ନେଇ ହେଉଛି ବିଭିନ୍ନ ଚର୍ଚ୍ଚା ।

# ଲକ୍ଷାଧିକ ଟଙ୍କା ବ୍ୟୟ ସତ୍ତ୍ୱେ ପ୍ରଦୂଷଣ ମୁକ୍ତ ହୋଇପାରିଲାନି ଚନ୍ଦନ ପୁଷ୍କରିଣୀ

କଣ୍ଟିଲୋ,୮ ।୮ (ନିପ୍ର): ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବେ ପରିଚିତ କଣ୍ଟିଲୋସ୍ଥିତ ପ୍ରଭୁ ଶ୍ରୀନୀଳମାଧବଙ୍କ କ୍ଷେତ୍ରର ବିକାଶ କେବଳ ଜନ ପ୍ରତିନିଧିଙ୍କ ଲମ୍ବା ଭାଷଣବାଜିରେ ସୀମିତ ଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ଶ୍ରୀନୀଳମାଧବଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପର ଏକ ଅଂଶବିଶେଷ ଚନ୍ଦନ ଚାପ ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ କାଗଜପତ୍ରରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ନେଇ ଦର୍ଶା ଯାଇଥିଲେ ହେଁ ବାସ୍ତବରେ ପୁଷ୍କରିଣୀର ପୁନରୁଦ୍ଧାର କାର୍ଯ୍ୟରେ ବ୍ୟାପକ ଅନିମିୟତତା ହୋଇଥିବା ପ୍ରତୀୟମାନ ହେଉଛି । ଉକ୍ତ ଚନ୍ଦନ ପୁଷ୍କରିଣୀରୁ ପଙ୍କଉଦ୍ଧାର କାର୍ଯ୍ୟ ଠିକ ରୂପେ କରାଯାଇ ନଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଏବେ ପୁଷ୍କରିଣୀ ସାରା ଅନାବନା ଦଳ ଭର୍ତ୍ତି ହୋଇ ରହିଥିବା ବେଳେ ପୁଷ୍କରିଣୀର ଉପର ଅଂଶ ଚତୁର୍ଦ୍ଦିଗରେ କୁଢ଼କୁଢ଼ ଅଳିଆ, ଆବର୍ଜନା ଦିନ ଦିନ ଧରି ପଡି ରହିଛି । ଏଥିପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ନତୁବା ଦେବୋତ୍ତର ବିଭାଗ କର୍ତ୍ତୃପକ୍ଷ କେହି ହେଲେ ଧ୍ୟାନ ଦେଉ ନଥିବା ଜଣାପଡିଛି ।

ଉକ୍ତ ପୁଷ୍କରିଣୀଟି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ହୋଇଥିଲେ ହେଁ ରାସ୍ତା ପାର୍ଶ୍ୱରେ ମାସ ମାସ ଧରି ଅଳିଆ,ଆବର୍ଜନା ପଡି ରହୁଥିବାରୁ ସେଠାରେ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ନଜରକୁ ଆସୁଛି । ସେହିପରି ପୁଷ୍କରିଣୀର ପାରିପାର୍ଶ୍ୱିକ ଉନ୍ନତିକରଣ କାର୍ଯ୍ୟ



ଯଥାକଥା ରୀତିରେ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।ବର୍ଷ ତମାମ ରାଜ୍ୟ ଓ ରାଜ୍ୟ ବାହାରରୁ ଶହଶହ ସଂଖ୍ୟାରେ ପର୍ଯ୍ୟଟକ,ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ପ୍ରଶାସନିକ ଅଧିକାରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ଏକାଧିକ ବିଧାୟକ ଓ ମନ୍ତ୍ରୀ ପ୍ରମୁଖ ଶ୍ରୀନୀଳମାଧବଜୀଉଙ୍କୁ ଦର୍ଶନ କରିବାକୁ ଆସୁଥିଲେ ହେଁ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ପ୍ରଦୂଷିତ ଚନ୍ଦନ ପୁଷ୍କରିଣୀ ଉପରେ କାହାର ନଜର ନ ପଡିବା ଆଶ୍ଚର୍ଯ୍ୟର ବିଷୟ ଅଟେ । ଚନ୍ଦନ ପୁଷ୍କରିଣୀର ପୁନରୁଦ୍ଧାର ଓ ପାରିପାର୍ଶ୍ୱିକ ସୌନ୍ଦର୍ଯ୍ୟକରଣ କାର୍ଯ୍ୟରେ ହୋଇଥିବା ବ୍ୟାପକ ଅନିୟମିତତା ଅଭିଯୋଗର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ୧୦୦ ଫୁଟ୍ ତଳକୁ ଖସିଲା ବସ୍: ୭ ମୃତ

ନୂଆଦିଲ୍ଲୀ,୮।୮ : ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା । ଟିସା-ବୈରଗଡ଼ ମୁଖ୍ୟ ରାସ୍ତାର ଚାଲୁଜ୍ ମୋଡ଼ ନିକଟରେ ଏକ ଘରୋଇ ବସ୍ ରାସ୍ତାରୁ ପ୍ରାୟ ୧୦୦ ଫୁଟ୍ ତଳକୁ ଖସି ପଡ଼ିଛି । ଏହି ଦୁର୍ଘଟଣାରେ ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଛି । ୧୧ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସୂଚନା ଅନୁସାରେ, ବସ୍‌ଟି ସକାଳ ପ୍ରାୟ ସାଢ଼େ ୬ଟାରେ ବୈରଗଡ଼ରୁ ଚମ୍ବା ଅଭିମୁଖେ ବାହାରିଥିଲା । ବସ୍‌ରେ ମୋଟ ୧୮ ଜଣ ଯାତ୍ରୀ ଥିଲେ । ପ୍ରାୟ ୩ କିଲୋମିଟର ଯିବା ପରେ ଦେବୀକୋଠି ନିକଟ ଚାଲୁଜ୍ ମୋଡ଼ରେ ବସ୍‌ଟି ନିୟନ୍ତ୍ରଣ ହରାଇ ଗଭୀର ଖାଇକୁ ଖସି ପଡ଼ିଥିଲା । ଦୁର୍ଘଟଣା ପରେ ସ୍ଥାନୀୟ ଲୋକ ଓ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା । ସେମାନଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ଚମ୍ବାର ପଣ୍ଡିତ ଜବାହରଲାଲ ନେହେରୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି । ଦୁର୍ଘଟଣାର ପ୍ରକୃତ କାରଣ ଏବଂ ମୃତକ ଓ ଆହତଙ୍କ ପରିଚୟ ଏଯାଏଁ ସ୍ପଷ୍ଟ ହୋଇନାହିଁ । ଗତ ଦୁଇ ମାସରେ ଚମ୍ବା ଜିଲ୍ଲାରେ ଅନେକ ବଡ଼ ସଡ଼କ ଦୁର୍ଘଟଣା ଘଟି ୨୫ରୁ ଅଧିକ ଜଣଙ୍କ ଜୀବନ ଯାଇଥିବାରୁ ଚିନ୍ତା ବଢ଼ିଛି ।

## ଓଲଟିଲା କେରଳ ସରକାରୀ ବସ୍, ୨ ମୃତ ୨୫ ଆହତ



ନୂଆଦିଲ୍ଲୀ,୮।୮ : ବେଙ୍ଗାଲୁରୁ-ମହୀସୁରୁ ଏକ୍ସପ୍ରେସ୍ୱେରେ ଭୟଙ୍କର ସଡ଼କ ଦୁର୍ଘଟଣା । ନିୟନ୍ତ୍ରଣ ହରାଇ ଓଲଟି ପଡ଼ିଲା କେରଳ ରାଜ୍ୟ ସଡ଼କ ପରିବହନ ନିଗମର ଏକ ସରକାରୀ ବସ୍ । ଦୁର୍ଘଟଣାରେ ବସର ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ କେତେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ବସଟି ବେଙ୍ଗାଲୁରୁରୁ କେରଳର କୋଝିକୋଡ ଅଭିମୁଖେ ଯାଉଥିଲା । ଶନିବାର ସକାଳ ପ୍ରାୟ ୬ଟା ୩୦ରେ ରାମନଗରର ଆଭେରେଗେରେ ଗେଟ୍ ନିକଟରେ ହଠାତ୍ ବସ୍‌ଟି ନିୟନ୍ତ୍ରଣ ହରାଇଥିଲା । ଏହାପରେ ରାସ୍ତାକଡ଼ରେ ଥିବା ଏକ ବଡ଼ ସାଇନବୋର୍ଡକୁ ଜୋରଦାର ଧକ୍କା ଦେଇ ବସଟି ରାସ୍ତା ଉପରେ ଓଲଟି ପଡ଼ିଥିଲା । ଦୁର୍ଘଟଣାରେ ଡ୍ରାଇଭର ଅରୁଣ ଓ କଣ୍ଡକ୍ଟର ଅଖିଳେଶଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା । ଖବର ପାଇ ବିଦାଡି ପୁଲିସ, ଅଗ୍ନିଶମ ବାହିନୀ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ । ଓଲଟି ପଡ଼ିଥିବା ବସ୍ ଭିତରୁ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି । ଦୁର୍ଘଟଣା ଯୋଗୁଁ ଏକ୍ସପ୍ରେସୱେରେ କିଛି ସମୟ ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା । ପୁଲିସ ମାମଲା ରୁଜୁ କରି ଦୁର୍ଘଟଣାର ପ୍ରକୃତ କାରଣ ଖୋଜୁଛି ।

## କିଭ୍‌ରେ ରୁଷର ଆକ୍ରମଣ: ୩ ବର୍ଷର ଶିଶୁ ସମେତ ୪ ମୃତ

ନୂଆଦିଲ୍ଲୀ,୮।୮ : ୟୁକ୍ରେନର ରାଜଧାନୀ କିଭ୍ ଓ ଏହାର ଆଖପାଖ ଅଞ୍ଚଳରେ ରୁଷିଆର ଭୟଙ୍କର ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ଆତଙ୍କ ସୃଷ୍ଟି କରିଛି । ଶନିବାର ରାତିସାରା ଚାଲିଥିବା ଏହି ଆକ୍ରମଣରେ ୩ ବର୍ଷର ଶିଶୁ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଶିଶୁଟିର ଜେଜେବାପା ଓ ଜେଜେମା' ମଧ୍ୟ ଥିବା ଜଣାପଡ଼ିଛି । କିଭର ବ୍ରୋଭାରୀ ଜିଲ୍ଲାରେ ଡ୍ରୋନ୍ ମାଡ଼ରେ ଏକ ଆବାସିକ ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି । ଏଥିରେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସେହିପରି କିଭରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଆକ୍ରମଣରେ ଆଉ ଜଣଙ୍କ ମୃତ୍ୟୁ ହୋଇଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନସ୍କି କହିଛନ୍ତି । ୟୁକ୍ରେନ୍ ଅଧିକାରୀଙ୍କ ଅନୁସାରେ, ରୁଷିଆ ରାତିସାରା ୧୫୧ଟି ଡ୍ରୋନ୍ ଓ ୬ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଛାଡ଼ିଥିଲା । ଏଥିରୁ ୧୩୫ଟି ଡ୍ରୋନକୁ ନଷ୍ଟ କରାଯାଇଥିବା ଦାବି କରାଯାଇଛି । ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ରୋକିବାରେ ୟୁକ୍ରେନର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଚାପରେ ରହିଛି । ବିଶେଷକରି ପାଟ୍ରିଅଟ୍ ମିସାଇଲର ଅଭାବ ନେଇ ୟୁକ୍ରେନ୍ ଚିନ୍ତା ପ୍ରକାଶ କରିଛି । ଅଧିକ ପ୍ରତିରକ୍ଷା କ୍ଷେପଣାସ୍ତ୍ର ଯୋଗାଇବା ସହ ରୁଷିଆର କ୍ଷେପଣାସ୍ତ୍ର ଉତ୍ପାଦନ ରୋକିବାକୁ ପାଶ୍ଚାତ୍ୟ ଦେଶଗୁଡ଼ିକୁ ଜେଲେନସ୍କି ଆହ୍ୱାନ କରିଛନ୍ତି ।

## କେରଳରେ 'ରାଟ୍ ଫିଭର' ଆତଙ୍କ




ନୂଆଦିଲ୍ଲୀ,୮।୮ : କେରଳରେ ବର୍ଷା ଋତୁ ସହ ଲେପ୍ଟୋସ୍ପାଇରୋସିସ୍ ବା 'ରାଟ୍ ଫିଭର'କୁ ନେଇ ଚିନ୍ତା ବଢ଼ିଛି । ସରକାରୀ ତଥ୍ୟ ଅନୁସାରେ, ୨୦୨୬ ଜୁଲାଇ ୨୯ ତାରିଖ ସୁଦ୍ଧା ରାଜ୍ୟରେ ୧୩୫୨ ଜଣ ଲେପ୍ଟୋସ୍ପାଇରୋସିସ୍ ଆକ୍ରାନ୍ତ ହୋଇଥିବାବେଳେ ୫୮ ଜଣଙ୍କ ମୃତ୍ୟୁ ହୋଇଛି । ବର୍ଷା ଦିନରେ ଦୂଷିତ ପାଣି ଓ ମାଟି ସଂସ୍ପର୍ଶରେ ଆସିବାରୁ ଏହି ସଂକ୍ରମଣ ବ୍ୟାପିବାର ଆଶଙ୍କା ଅଧିକ ରହିଥାଏ । ଲେପ୍ଟୋସ୍ପାଇରୋସିସ୍ 'ଲେପ୍ଟୋସ୍ପାଇରା' ନାମକ ବ୍ୟାକ୍ଟେରିଆ ଯୋଗୁଁ ହୋଇଥାଏ । ସାଧାରଣତଃ ଘର ବଗିଚା, କ୍ଷେତ କିମ୍ବା ବାହାରେ ଶାରୀରିକ ପରିଶ୍ରମ କରୁଥିବା ଲୋକେ ଏହି ରୋଗର ଅଧିକ ବିପଦରେ ରହିଥାନ୍ତି । ହସ୍ପିଟାଲ୍ ରିପୋର୍ଟ ଓ ଡେଥ୍ ଅଡିଟ୍ ତଥ୍ୟରୁ ୪୦ରୁ ୬୯ ବର୍ଷ ବୟସ୍କ ଲୋକେ ଅଧିକ ପ୍ରଭାବିତ ହୋଇଥିବା ଜଣାପଡ଼ିଛି । ଗତ କିଛି ବର୍ଷରେ ଏହି ରୋଗରେ ମୃତ୍ୟୁସଂଖ୍ୟା ମଧ୍ୟ ବଢ଼ିଛି । ୨୦୧୬ରୁ ୨୦୨୦ ମଧ୍ୟରେ କେରଳରେ ୩୧୯ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୨୧ରୁ ୨୦୨୫ ମଧ୍ୟରେ ମୃତ୍ୟୁହାର ପ୍ରାୟ ୪.୨ ପ୍ରତିଶତରୁ ବଢ଼ି ୬ ପ୍ରତିଶତ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ବର୍ଷା ଋତୁରେ ଦୂଷିତ ପାଣି ଓ ମାଟି ସଂସ୍ପର୍ଶରୁ ସତର୍କ ରହିବା ସହ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନେବା ଉପରେ ଗୁରୁତ୍ୱ ଦିଆଯାଉଛି ।

### ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ସମାରୋହରେ ମୋଦି

# ଯୁବବର୍ଗ ସଶକ୍ତ ହେଲେ, ଦେଶ ହେବ ସଶକ୍ତ



ନୂଆଦିଲ୍ଲୀ,୮।୮(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଛନ୍ତି । ଏହି ଉତ୍ସବର ଗଭୀର ଭାବନାତ୍ମକ ମହତ୍ତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କ୍ୟାମ୍ପସର ଜୀବନ୍ତ ଓ ସ୍ୱପ୍ନଭରା ପରିବେଶକୁ ମନେ ପକାଇଥିଲେ । କୋଭିଡ୍ ମହାମାରୀ ସମୟରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା କଥା ସ୍ମରଣ କରି, ଗ୍ରାଜୁଏଟ୍ ହେଉଥିବା ଛାତ୍ରଛାତ୍ରୀଙ୍କ ଗହଣରେ ଶାରୀରିକ ଭାବେ ଉପସ୍ଥିତ ରହିବା ନେଇ ସେ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ । ମୋଦି କହିଥିଲେ, 'ଆଜି ଏହି କ୍ୟାମ୍ପସରେ ଆପଣମାନଙ୍କ ସହ ଏହି ଅତୁଳନୀୟ ଅନୁଭୂତି ବାଣ୍ଟିବା ମୋ ପାଇଁ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର । ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ଐତିହାସିକ ଶୈକ୍ଷିକ ସଫଳତା ପାଇଁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେମାନଙ୍କ ଡିଗ୍ରୀ କେବଳ ଶୈକ୍ଷିକ ସଫଳତାର ପ୍ରତୀକ ନୁହେଁ, ବରଂ ଦେଶ ପାଇଁ ଅବଦାନ ରଖିବାର ଏକ ଦାୟିତ୍ୱ ମଧ୍ୟ । ସେ ପଦକ ବିଜେତାମାନଙ୍କୁ ଅତ୍ୟନ୍ତ ପ୍ରଶଂସା କରିବା ସହ ପ୍ରତିଷ୍ଠାନରେ ନୂତନ ଏଆଇ ପଦକ୍ଷେପର ଶୁଭାରମ୍ଭକୁ ସ୍ୱାଗତ କରିଛନ୍ତି । "ଆପଣମାନେ ଦେଶ ପାଇଁ ବହୁତ କିଛି କରିବାର ସ୍ୱପ୍ନ ନେଇ ଏଠାରୁ ବାହାରକୁ ପାଦ ଦେଉଛନ୍ତି" ବୋଲି ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଦ୍ରୁତ ଓ ରୋମାଞ୍ଚକର ଯାତ୍ରା ବିଷୟରେ ଦର୍ଶାଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଓରିଏଣ୍ଟେସନ୍ ଦିବସରୁ ସମାବର୍ତ୍ତନ ଦିବସ ପର୍ଯ୍ୟନ୍ତ ପରିବର୍ତ୍ତନ ଯାତ୍ରାକୁ ସ୍ପଷ୍ଟ ଭାବେ ସ୍ମରଣ କରିଛନ୍ତି । ପ୍ରଥମ ଦରମା ପାଇବା ଏବଂ ଷ୍ଟାର୍ଟଅପ୍ ନିର୍ମାଣ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପର୍ଯ୍ୟନ୍ତ ବିଭିନ୍ନ ଆକାଂକ୍ଷା ସେମାନଙ୍କ ମନକୁ ପରିପୂର୍ଣ୍ଣ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । "ଏହି ଅସାଧାରଣ ଯାତ୍ରା ଏବଂ ଜୀବନର ଏକ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ ଆରମ୍ଭ କରିବାର ଉତ୍ସାହରୁ ଆପଣମାନେ ନିଶ୍ଚିତ ଭାବେ ଅପାର ସନ୍ତୋଷ ପାଇବେ" ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ବର୍ତ୍ତମାନର ମୁହୂର୍ତ୍ତଗୁଡ଼ିକୁ ଗଭୀର ଭାବେ ଉପଭୋଗ କରିବାକୁ ଉତ୍ସାହିତ କରି ପ୍ରଧାନମନ୍ତ୍ରୀ ହାସ୍ୟରସର ସହିତ କ୍ୟାମ୍ପସର ପ୍ରିୟ ସ୍ମୃତିଗୁଡ଼ିକର ଉଲ୍ଲେଖ କରିଛନ୍ତି । "ଆପଣମାନଙ୍କ ଭବିଷ୍ୟତର ପ୍ରତ୍ୟେକ ସଫଳତାରେ ଆପଣମାନେ ଏହି ସମସ୍ତ ବ୍ୟକ୍ତିଙ୍କୁ ଗଭୀର ଭାବେ ମନେ ପକାଇବେ ଏବଂ ସେମାନଙ୍କ ପ୍ରତି କୃତଜ୍ଞ ରହିବେ" ବୋଲି ଶ୍ରୀ ମୋଦୀ କହିଛନ୍ତି । ଆଇଆଇଟି ଡିଗ୍ରୀର ପ୍ରକୃତ ମୂଲ୍ୟକୁ ନୂଆ ଭାବେ ବ୍ୟାଖ୍ୟା କରି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ଯେ, ଏହି ଯୋଗ୍ୟତା କେବଳ ଉଚ୍ଚ ସିଜିପିଏ କିମ୍ବା ଆକର୍ଷଣୀୟ ନିଯୁକ୍ତି ପ୍ରସ୍ତାବଠାରୁ ବହୁତ ଅଧିକ । "ଜୀବନରେ ଯଦି ବିପଦ ଆସିବା ନିଶ୍ଚିତ, ତେବେ ସମ୍ପୂର୍ଣ୍ଣ ନୂଆ ସୁଯୋଗ ମଧ୍ୟ ଆସିବ । ଆପଣମାନଙ୍କୁ କେବଳ ସମ୍ପୂର୍ଣ୍ଣ ସତର୍କ ରହିବାକୁ ପଡ଼ିବ" ବୋଲି ଶ୍ରୀ ମୋଦି କହିଛନ୍ତି । ଅର୍ଥନୈତିକ, ବୈଷୟିକ ଓ ଶିଳ୍ପ କ୍ଷେତ୍ରରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳତା ହାସଲ ପାଇଁ ସରକାରଙ୍କ ଆକ୍ରମଣାତ୍ମକ ପ୍ରୟାସ ସମ୍ପର୍କରେ ବିସ୍ତୃତ ଭାବେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଯୁବବର୍ଗଙ୍କ ସଶକ୍ତୀକରଣ ହେଉଛି ବିକଶିତ ଭାରତର ମୌଳିକ ଭିତ୍ତି । ପାରମ୍ପରିକ ଭାବେ ସୀମିତ ରହିଥିବା କ୍ଷେତ୍ରଗୁଡ଼ିକୁ ଯୁବ ଉଦ୍ଭାବକମାନଙ୍କ ପାଇଁ ଖୋଲି ଦେବା ଏବଂ ସେଗୁଡ଼ିକୁ ସମସ୍ତଙ୍କ ପାଇଁ ସୁଗମ କରିବା ଦିଗରେ ସରକାରଙ୍କ ରଣନୈତିକ ନୀତିଗତ ନିଷ୍ପତ୍ତିଗୁଡ଼ିକର ସେ ପ୍ରଶଂସା କରିଛନ୍ତି । "ଦେଶର ଯୁବବର୍ଗ ଯେତେ ଅଧିକ ସଶକ୍ତ ହେବେ, ସମଗ୍ର ଦେଶ ସେତେ ଅଧିକ ସଶକ୍ତ ହେବ'' ବୋଲି ମୋଦି ଉଲ୍ଲେଖ କରିଛନ୍ତି ।

## ୧୦୦୦ ଯୁବକଙ୍କ ମଧ୍ୟରୁ ୧୨ ଜଣଙ୍କୁ ମିଳୁଛି ସ୍ଥାୟୀ ଚାକିରି: ରାହୁଲ



ପ୍ରୟାଗରାଜ,୮।୮ : ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଶନିବାର ସଂଧ୍ୟାରେ ପ୍ରୟାଗରାଜରେ ବିଶାଳ ଯୁବ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି । 'ଛାତ୍ରୋଁ କି ଗୁଞ୍ଜ' ନାମକ ଏହି କାର୍ଯ୍ୟକ୍ରମରେ ରାହୁଲ କହିଛନ୍ତି ଯେ ଆଜି ସଂଧ୍ୟାରେ ଆପଣଙ୍କ ସହ 'ଦର୍ଦ, ଡାଟା ଓ ଧନ' ସମ୍ପର୍କରେ ଆଲୋଚନା ପାଇଁ ଆପଣଙ୍କ ସହ ଅଛି । ସେ କହିଛନ୍ତି ଯେ ଭାରତ ନିକଟରେ ସବୁଠୁ ବଡ଼ ଯୁବ ଶକ୍ତି ରହିଛି, ଏହା ହିଁ ଆମ ଦେଶର ଅସଲ ତାକତ । ଲୋକେ ଆମେରିକା, ଋଷିଆ ଓ ଚୀନ୍ କଥା କହୁଛନ୍ତି । ହେଲେ ଭାରତର ଯୁବକଙ୍କ ଆଗରେ ସମସ୍ତେ ଫିକା । ସେ କହିଛନ୍ତି ଯେ ଦେଶରେ ପ୍ରତି ୧୦୦୦ ଯୁବକଙ୍କ ମଧ୍ୟରୁ ମାତ୍ର ୧୨ ଜଣଙ୍କୁ ସ୍ଥାୟୀ ରୋଜଗାର ମିଳିପାରୁଛି । ତେବେ ସମସ୍ୟା ହେଉଛି ଛାତ୍ର ପାଠ ପଢୁଛନ୍ତି, ପଇସା ଖର୍ଚ୍ଚ କରୁଛନ୍ତି ତା ପରେ ବି ଦେଶରେ ରୋଜଗାର ର ସବୁ ରାସ୍ତା ବନ୍ଦ । ଆଜି ମେଡ ଇନ ଚାଇନା ଓ ମେଡ ଇନ ବାଂଲାଦେଶ ଉତ୍ପାଦ ସାରା ବିଶ୍ୱରେ ଦେଖା ଯାଉଛି ହେଲେ ମେଡ-ଇନ-ଇଣ୍ଡିଆ ନାହିଁ । ଏହା କେବଳ ଏଥି ପାଇଁ ଯେ ଦେଶରେ ନୋଟ ବନ୍ଦୀ ଓ ଜିଏସଟି କାର୍ଯ୍ୟକାରୀ କରାଯିବା ଯୋଗୁ ହୋଇଛି । ଏଥିରେ ଦେଶର ବ୍ୟବସାୟୀଙ୍କ ଅନେକ କ୍ଷତି ହୋଇଛି । ଏଣୁ ଘରୋଇ କ୍ଷେତ୍ରରେ ନିଯୁକ୍ତି ସଂକୁଚିତ ହୋଇଛି । ସରକାରୀ କ୍ଷେତ୍ରରେ ଚାକିରି ବାହାରିଲେ ପେପର ଲିକ୍ ହୋଇ ଯାଉଛି । ଏଥିରେ ଯଦି ବି ଯାହା ଯେଉଁଠି ହେଉଛି ପ୍ରତି ଦେଢଶହ ଜଣରେ ଜଣକୁ ସରକାରୀ ଚାକିର ମିଳୁଛି । ୪୦ କୋଟି ଉର୍ଜାବାନ ଯୁବକ ଭାରତର ତାକତ ଅଟନ୍ତି । ଏ କ୍ଷେତ୍ରେର ନା ଆମେରିକା ନା ଋଷିଆ ନା ଚୀନ କେହିବି ଭାରତ ସହ ସମାନ ହୋଇ ପାରିବେ ନାହିଁ ।

## ଟିଏମସିର ପୂର୍ବତନ ବିଧାୟକ ସନତ ଦେ ଗିରଫ



କୋଲକାତା,୮।୮ : ନୈହାଟିର ପୂର୍ବତନ ବିଧାୟକ ସନତ ଦେଙ୍କୁ ୨୦୨୧ ବିଧାନସଭା ନିର୍ବାଚନ ପରେ ଦାଦାବଟି ଆଦାୟ, ଜମି ହଡ଼ପ ଓ ବିଜେପି କର୍ମୀଙ୍କ ଉପରେ ଆକ୍ରମଣ କରିବା ଅଭିଯୋଗରେ ଶନିବାର ଗିରଫ କରାଯାଇଛି । ପୁଲିସ ତାଙ୍କୁ ଉତ୍ତର ୨୪ ପରଗଣା ଜିଲ୍ଲାର ଦତ୍ତପୁକୁର ଅଞ୍ଚଳର ଏକ ଘରୁ ଗିରଫ କରିଥିଲା । ସନତଙ୍କୁ ଗିରଫ କରାଯିବା ପରେ ଏକ ଗାଡ଼ିରେ ନିଆଯିବା ସମୟରେ ବିଜେପି କର୍ମୀ ଓ ସମର୍ଥକମାନେ ନୈହାଟି ପୁଲିସ ଷ୍ଟେସନରେ ପହଞ୍ଚି 'ଚୋର' 'ଚୋର' ସ୍ଲୋଗାନ ଦେଇଥିଲେ । ପାର୍ଥ ଭୌମିକ ୨୦୨୪ ମସିହାରେ ବାରାକପୁର ଆସନରୁ ଲୋକସଭାକୁ ନିର୍ବାଚିତ ହୋଇ ନୈହାଟି ଆସନ ଛାଡିବା ପରେ ସନତ ଦେ ଉପନିର୍ବାଚନରେ ଏହି ଆସନରୁ ବିଜୟୀ ହୋଇଥିଲେ ।

## ବିପି ଔଷଧ କ୍ୟାନସରର କାରଣ !

ନୂଆଦିଲ୍ଲୀ,୮।୮ ; ଯେଉଁ ଔଷଧ ରୋଗ ଭଲ କରିବା ପାଇଁ ଖାଉଛନ୍ତି, ସେହି ଔଷଧକୁ ନେଇ ଆସିଛି ବଡ଼ ଖବର । ହୁ'ର କ୍ୟାନସର ଗବେଷଣା ସଂସ୍ଥା IARC ଉଚ୍ଚ ରକ୍ତଚାପ, ଫଙ୍ଗାଲ୍ ସଂକ୍ରମଣ ଓ ଅଙ୍ଗ ପ୍ରତିରୋପଣରେ ବ୍ୟବହୃତ ୩ଟି ଔଷଧକୁ କ୍ୟାନସର ସୃଷ୍ଟିକାରୀ Group-୧ରେ ବର୍ଗୀକୃତ କରିଛି । ତେବେ ଏହାର ଅର୍ଥ କ'ଣ ? ଏହି ଔଷଧ ଖାଉଥିବା ସମସ୍ତଙ୍କୁ କ୍ୟାନସର ହେବ କି ? ଆଉ ଏହି ଔଷଧକୁ ତୁରନ୍ତ ବନ୍ଦ କରିବା ଉଚିତ କି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ହୁ'ର କ୍ୟାନସର ଗବେଷଣା ସଂସ୍ଥା International Agency for Research on Cancer ବା IARCର ଏକ ରିପୋର୍ଟକୁ ନେଇ ଚର୍ଚ୍ଚା ଜୋର ଧରିଛି । ଉଚ୍ଚ ରକ୍ତଚାପ, ଗୁରୁତର ଫଙ୍ଗାଲ୍ ସଂକ୍ରମଣ ଏବଂ ଅଙ୍ଗ ପ୍ରତିରୋପଣରେ ବ୍ୟବହୃତ ତିନୋଟି ଔଷଧ—ହାଇଡ୍ରୋକ୍ଲୋରୋଥିଆଜାଇଡ୍, ଭୋରିକୋନାଜୋଲ୍ ଏବଂ ଟାକ୍ରୋଲିମସ୍‌କୁ ଓଇଜଉ କ୍ୟାନସର ସୃଷ୍ଟିକାରୀ ଏଜେଣ୍ଟ ଭାବେ ଗ୍ରୁପ ୧ରେ ବର୍ଗୀକୃତ କରିଛି । IARCe Volumର ୧୩୭ରେ ଏହି ତିନୋଟି ଔଷଧ ସମ୍ପର୍କିତ ପ୍ରକାଶ ପାଇଛି । ହାଇଡ୍ରୋକ୍ଲୋରୋଥିଆଜାଇଡ୍ ମୁଖ୍ୟତଃ ଉଚ୍ଚ ରକ୍ତଚାପ ଓ ଶରୀରରେ ଅତିରିକ୍ତ ପାଣି ଜମିବା ଭଳି ସମସ୍ୟାର ଚିକିତ୍ସାରେ ବ୍ୟବହୃତ ଏକ ଥାୟାଜାଇଡ୍ ଡାଇୟୁରେଟିକ୍ । ଭୋରିକୋନାଜୋଲ୍ ଗୁରୁତର ଫଙ୍ଗାଲ୍ ସଂକ୍ରମଣ, ବିଶେଷକରି invasive aspergillosisର ଚିକିତ୍ସା କିମ୍ବା ପ୍ରତିରୋଧରେ ବ୍ୟବହୃତ ହୁଏ ।

### ସୀମା ପୁନଃନିର୍ଦ୍ଧାରଣକୁ ନେଇ ତାମିଲନାଡୁରେ ରାଜନୀତି

## ମୁଖ୍ୟମନ୍ତ୍ରୀଙ୍କ ବୈଠକକୁ ଆସିଲେନି ୩୭ ସାଂସଦ



ନୂଆଦିଲ୍ଲୀ,୮।୮ : ପ୍ରସ୍ତାବିତ ଲୋକସଭା ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାକୁ ନେଇ ତାମିଲନାଡୁ ରାଜନୀତିରେ ଚର୍ଚ୍ଚା ତୀବ୍ର ହୋଇଛି । ସୀମା ପୁନଃନିର୍ଦ୍ଧାରଣ ପରେ ରାଜ୍ୟର ସଂସଦୀୟ ପ୍ରତିନିଧିତ୍ୱ ଉପରେ ସମ୍ଭାବ୍ୟ ପ୍ରଭାବକୁ ନେଇ ଆଲୋଚନା କରିବା ପାଇଁ ଅଗଷ୍ଟ ୮ରେ ମୁଖ୍ୟମନ୍ତ୍ରୀ ଏସ୍. ଜୋସେଫ୍ ବିଜୟ ରାଜ୍ୟର ସମସ୍ତ ସାଂସଦଙ୍କୁ ନେଇ ବୈଠକ ଡାକିଥିଲେ । ହେଲେ ଏହି ବୈଠକରେ ଅଧିକାଂଶ ସାଂସଦ ଯୋଗ ଦେଇନଥିଲେ । ତାମିଲନାଡୁରେ ଲୋକସଭାର ୩୯ ଏବଂ ରାଜ୍ୟସଭାର ୧୮ ଜଣଙ୍କୁ ମିଶାଇ ମୋଟ ୫୭ ଜଣ ସାଂସଦ ଅଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ଡକାଇଥିବା ବୈଠକରେ ପ୍ରାୟ ୨୦ ଜଣ ସାଂସଦ ଯୋଗ ଦେଇଥିବା ବେଳେ ୩୭ ଜଣ ଅନୁପସ୍ଥିତ ରହିଥିଲେ । ଏହାକୁ ରାଜନୈତିକ ମହଲରେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଏକ ବଡ଼ ଝଟକା ଭାବେ ଦେଖାଯାଉଛି ।

## ଗିରଫ ହେବାର କିଛି ଘଣ୍ଟା ପରେ ଟିଏମସି କର୍ମୀଙ୍କ ମୃତ୍ୟୁ

କୋଲକାତା,୮।୮ : ପଶ୍ଚିମବଙ୍ଗର ଉତ୍ତର ୨୪ ପରଗଣା ଜିଲ୍ଲାରେ ପୁଲିସ ହାଜତରେ ଜଣେ ତୃଣମୂଳ କଂଗ୍ରେସ (ଟିଏମସି) କର୍ମୀଙ୍କ ମୃତ୍ୟୁକୁ ନେଇ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଛି । ଟିଏମସି କର୍ମୀଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀଙ୍କୁ ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ ହାଜତରେ ନିର୍ମମ ଭାବରେ ମାଡ଼ ମରାଯାଇଥିଲା ଓ ନିର୍ଯାତନା ଦିଆଯାଇଥିଲା । ତୃଣମୂଳ କଂଗ୍ରେସ ପୂର୍ବତନ କାଉନସିଲର ଜେନି ଶର୍ମା କେଓଟଙ୍କ ସ୍ୱାମୀ ବିରଜୁ କେଓଟଙ୍କୁ ଶୁକ୍ରବାର ହାଲିସହର ପୁଲିସ ଗିରଫ କରିଥିଲା ।

### ଟ୍ରମ୍ପଙ୍କୁ ନୀତିକୁ ଆମେରିକାରେ ବିରୋଧ

## ଭାରତ ଉପରେ ୧୦୦% ଟାରିଫ ଲଗାଇବା ଆତ୍ମଘାତୀ ପଦକ୍ଷେପ

ନୂଆଦିଲ୍ଲୀ,୮।୮ : ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ସମ୍ପର୍କକୁ ନେଇ ପୁଣିଥରେ ବଢ଼ିଲା ଉତ୍ତେଜନା । ରୁଷିଆରୁ ତେଲ ଓ ଅନ୍ୟାନ୍ୟ ସାମଗ୍ରୀ କିଣୁଥିବା ଦେଶଗୁଡ଼ିକ ଉପରେ କଡ଼ା ଆର୍ଥିକ ପଦକ୍ଷେପ ନେବା ପାଇଁ ଆମେରିକା ନୂଆ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ଏହାର ପ୍ରଭାବ ଭାରତ ଉପରେ ପଡ଼ିପାରେ ବୋଲି ଚର୍ଚ୍ଚା ଜୋର ଧରିଛି । ଭାରତ ଉପରେ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାର ପ୍ରସ୍ତୁତି କରୁଛି ଟ୍ରମ୍ପ ପ୍ରଶାସନ । ଆମେରିକା ସିନେଟରେ ଏହି ବିଲକୁ ଭାରି ବହୁମତରେ ଅନୁମୋଦନ ମିଳିଛି । ଏହି ବିଲରେ ରୁଷିଆର ତେଲ ଓ ଗ୍ୟାସର ପ୍ରମୁଖ ଆମଦାନୀକାରୀ ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଟାରିଫ୍ ଲଗାଇବାର କ୍ଷମତା ଆମେରିକାର ରାଷ୍ଟ୍ରପତିଙ୍କୁ ଦେବାର ବ୍ୟବସ୍ଥା ରହିଛି । ଭାରତ ଓ ଚୀନ୍ ଏହି ନୀତିର ସମ୍ଭାବ୍ୟ ପ୍ରମୁଖ ପ୍ରଭାବିତ ଦେଶ ହେବାକୁ ଯାଉଛନ୍ତି । କିନ୍ତୁ ଏହି ପଦକ୍ଷେପକୁ ନେଇ ଆମେରିକା ଭିତରୁ ହିଁ ପ୍ରଶ୍ନ ଉଠିଛି । ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ୧୦୦% ଶୁଳ୍କ ଲଗାଇବା ପାଇଁ ଆମେରିକାର ଯୋଜନା ଏବେ ଆମେରିକା ଭିତରେ ହିଁ ବିବାଦର କାରଣ ପାଲଟିଛି । ଟ୍ରମ୍ପଙ୍କ ରିପବ୍ଲିକାନ୍ ପାର୍ଟିର ସଦସ୍ୟ ବରିଷ୍ଠ ସେନେଟର ରାଣ୍ଡ୍ ପଲ୍ ଏହି ପ୍ରସ୍ତାବକୁ ଖୋଲାଖୋଲି ବିରୋଧ କରିଛନ୍ତି, ଏହାକୁ ସେ 'ନିଜ ଗୋଡକୁ ନିଜେ ଗୁଳି ମାରିବା' ବୋଲି କହିଛନ୍ତି ।

## ଉପକୂଳକୁ ମାଡ଼ିଆସୁଛି 'ଡଲଫିନ୍'

### ୨୦୦ କିମି ବେଗରେ ପବନ, ୪ ମିଟର ଉଠିବ ଜୁଆର

ବେଜିଂ,୮।୮ : ସମୁଦ୍ରରୁ ବଳ ଗୋଟାଇ ଉପକୂଳକୁ ମାଡ଼ିଆସୁଛି ଶକ୍ତିଶାଳୀ ଟାଇଫୁନ୍ 'ଡଲଫିନ୍' । ରବିବାର କରିବ ଲ୍ୟାଣ୍ଡଫଲ । ଘଣ୍ଟାପ୍ରତି ୨୦୦ କିମି ବେଗରେ ବହିବ ପବନ । ନିମିଷକେ ସବୁ ହୋଇଯିବ ଛାରଖାର । ଚୀନକୁ ମାଡ଼ିଆସୁଛି ଦଶନ୍ଧିର ସବୁଠୁ ବଡ଼ ବିପର୍ଯ୍ୟୟ । ୱେନ୍ ଝୋଉ ନିକଟରେ ଦେଇ ଅତିକ୍ରମ କରିବ ସାମୁଦ୍ରିକ ଘୂର୍ଣ୍ଣିଝଡ ଡଲଫିନ । ଉପକୂଳରେ ଦେଖାଇଲାଣି କୋପ । ପ୍ରବଳ ବର୍ଷା ଆରମ୍ଭ ।

### ଆମେରିକା-ଇସ୍ରାଏଲକୁ ଇରାନର ଚେତାବନୀ

# ପଛକୁ ହଟିବୁ ନାହିଁ କି ମୁଣ୍ଡ ନୁଆଁଇବୁ ନାହିଁ



ତେହେରାନ,୮।୮ : ଦେଶର ସରକାରୀ ଟିଭିରେ ପ୍ରସାରିତ ଏକ ସାକ୍ଷାତକାରରେ, ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଆମେରିକା ଏବଂ ଇସ୍ରାଏଲକୁ କଡ଼ା ଚେତାବନୀ ଦେଇଛନ୍ତି । ସେ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଗମ୍ଭୀର ଚ୍ୟାଲେଞ୍ଜ ଏବଂ ବାହ୍ୟ ସାମରିକ ଚାପ ସତ୍ତ୍ୱେ, ଇରାନ କେବେ ବି ପଛକୁ ହଟିବ ନାହିଁ କି କାହା ଆଗରେ ମୁଣ୍ଡ ନୁଆଁଇବ ନାହିଁ । ଏହି ବିନାଶକାରୀ ଯୁଦ୍ଧ ଇରାନ ଦ୍ୱାରା ଆରମ୍ଭ ହୋଇନଥିଲା । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଆମ ସରକାର ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ନିରନ୍ତର ଚେଷ୍ଟା କରିଆସୁଥିଲେ, କିନ୍ତୁ ଅନ୍ୟ ପାର୍ଶ୍ୱରୁ ଉତ୍ତେଜନା ବୃଦ୍ଧି ପାଇ ଶେଷରେ ଯୁଦ୍ଧ ଆରମ୍ଭ ହୋଇଥିଲା । ବିରୋଧୀମାନେ ସିରିଆ ପରି ମାତ୍ର ୪୮ ଘଣ୍ଟା ମଧ୍ୟରେ ଇରାନକୁ ଦଖଲ କରିବାକୁ ଯୋଜନା କରିଥିଲେ । ତେବେ ଇରାନ ନିଜର ସାମରିକ ଶକ୍ତି ଏବଂ କ୍ଷମତାର ଏକ ଚମତ୍କାର ପ୍ରଦର୍ଶନ ସହିତ ସେମାନଙ୍କର ଯୋଜନାକୁ ପଣ୍ଡ କରିଦେଇଥିଲା । ଯାହା ପ୍ରମାଣ କରିଥିଲା ଯେ, ଦେଶକୁ ଏତେ ସହଜରେ ଦୁର୍ବଳ ଅବା ଅସ୍ଥିର କରାଯାଇପାରିବ ନାହିଁ । ବିରୋଧୀମାନେ ଆଶା କରିଥିଲେ, ବର୍ଦ୍ଧିତ ସାମରିକ ଚାପ ଏବଂ ଦେଶର କ୍ରମାଗତ ଭାବରେ ଅବନତିଶୀଳ ଆର୍ଥିକ ପରିସ୍ଥିତି ଯୋଗୁଁ ଇରାନ ସମ୍ପୂର୍ଣ୍ଣ ଭାଙ୍ଗିଯିବ, କିନ୍ତୁ ସେମାନଙ୍କର ଆଶା ପୂରଣ ହୋଇନାହିଁ । ଏହି ଭୟଙ୍କର ପରିସ୍ଥିତିରେ ମଧ୍ୟ, ଇରାନ ଆଜି ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଠିଆ ହୋଇଛି । ସର୍ବୋଚ୍ଚ ନେତା ହେବା ପରଠାରୁ, ମୋଜତାବା ଖେମିନି ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ଚିନ୍ତା ଯୋଗୁଁ ସାଧାରଣରେ ବହୁତ କମ୍ ଦେଖାଦେଇଛନ୍ତି । ଏହା ସତ୍ତ୍ୱେ, ପେଜେସ୍କିଆନ ତାଙ୍କ ଉପସ୍ଥିତିକୁ ଇରାନର ସର୍ବବୃହତ ଶକ୍ତି ଭାବରେ ବର୍ଣ୍ଣନା କରି ତାଙ୍କ ନେତୃତ୍ୱରେ ଦେଶ ଅଧିକ ସଶକ୍ତ ହୋଇ ଆଗକୁ ବଢ଼ିବ ବୋଲି କହିଛନ୍ତି । ପେଜେସ୍କିଆନ ସାରା ବିଶ୍ୱର ମୁସଲମାନ ଦେଶଙ୍କୁ ଏକଜୁଟ ହେବାକୁ ଆହ୍ୱାନ କରିଛନ୍ତି ।

## ମୋଜତାବାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ !



ତେହେରାନ,୮।୮ : ଇରାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏବେ ସମଗ୍ର ବିଶ୍ୱରେ ଚର୍ଚ୍ଚା ଜୋର ଧରିଛି । ଇସ୍ରାଏଲୀ ଗଣମାଧ୍ୟମର ଦାବି ଅନୁଯାୟୀ, ମୋଜତାବାଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି ଏବଂ ତାଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହି ଖବର ପ୍ରସାରିତ ହେବା ପରେ ଇରାନର ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇବା ସହ ନାନା ଗୁଜବ ସୃଷ୍ଟି ହୋଇଛି । ଇସ୍ରାଏଲୀ ଟେଲିଭିଜନ ଚ୍ୟାନେଲ ୧୪ର ରିପୋର୍ଟ ମୁତାବକ, ସର୍ବୋଚ୍ଚ ନେତାଙ୍କ ଅବସ୍ଥା ଗୁରୁତର ରହିଛି । ଜେରୁସାଲେମ ପୋଷ୍ଟର ଏକ ସୂତ୍ର ଦାବି କରିଛି ଯେ, ଯଦି ମୋଜତାବାଙ୍କ ମୃତ୍ୟୁ ଖବର ମଧ୍ୟ ଆସେ, ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହି ଦାବି ଇରାନର ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଦୋହଲାଇ ଦେଇଛି ।

# ଟେଷ୍ଟ ହାଉସ ମାଲିକଙ୍କୁ ଆକ୍ରମଣ କରି ଯୁବକ ଗିରଫ

ଭୁବନେଶ୍ୱର,(ନିପ୍ର): ଚାକିରୀରୁ ବାହାର କରିବାରୁ ଏଥିରେ କ୍ରୋଧିତ ହୋଇ ଟେଷ୍ଟ ହାଉସ ମାଲିକ ଓ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ନବୀନ ନାୟକ। ପୁଲିସ ତା ବିରୋଧରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ବାବା ଜଳେଶ୍ୱର ଟେଷ୍ଟ ହାଉସର ମାଲିକ ଅଭିଯୋଗକାରୀ ଅରୁଣ କୁମାର ନାୟକଙ୍କ ଲିଖିତ ଏତଲା ଆଧାରରେ ମଞ୍ଚେଶ୍ୱର ଥାନାରେ ଉପରୋକ୍ତ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ନବୀନ ନାୟକ ପୂର୍ବରୁ ଅଭିଯୋଗକାରୀ ଅରୁଣ କୁମାର ନାୟକଙ୍କ ବାବା ଜଳେଶ୍ୱର ଟେଷ୍ଟ ହାଉସରେ ଡ୍ରାଇଭର ଭାବେ କାମ କରୁଥିଲା। କିନ୍ତୁ ତା'ର ଅନିୟମିତତା ଏବଂ ଖରାପ ବ୍ୟବହାର ଯୋଗୁଁ ମାଲିକ ତାକୁ କାମରୁ ବାହାର କରିଦେଇ ସେଠାରେ ନୂଆ ଡ୍ରାଇଭର ଗୋକୁଳ ଚରଣ ରଣସିଂହଙ୍କୁ ନିଯୁକ୍ତି ଦେଇଥିଲେ। ଏଥିରେ ଉତକ୍ଷୀପ୍ତ ହୋଇ ଅଭିଯୁକ୍ତ ନବୀନ ଉଭୟ ମାଲିକ ଏବଂ ନୂଆ ଡ୍ରାଇଭରଙ୍କ ଉପରେ ଆକ୍ରୋଶ ରଖିଥିଲା। ଗତ ୨୪.୦୭.୨୦୨୬ ତାରିଖ ଦିନ ଅଭିଯୁକ୍ତ ରାଗିଯାଇ କଳାରାହାଙ୍ଗ ସ୍ଥିତ ଟେଷ୍ଟ ହାଉସ୍ କର୍ମଚାରୀଙ୍କ ଭଡ଼ା ଘରେ ପହଞ୍ଚି କବାଟ ବାଡ଼େଇଥିଲା। ନୂଆ ଡ୍ରାଇଭର ଗୋକୁଳ କବାଟ ଖୋଲିବା ମାତ୍ରେ ଅଭିଯୁକ୍ତ ତାଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ପେଟକୁ ଭୁସିଦେଇ ସେଠାରୁ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ଆହତ ଡ୍ରାଇଭରଙ୍କୁ ତୁରନ୍ତ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ସ୍ଥାନୀୟ ପୋଲିସର ସହାୟତାରେ କଟକ ସ୍ଥିତ ଅଭିଯୁକ୍ତର ଗାଁ ରାଧାକିଶୋରପୁରରେ ଚଢ଼ାଉ କରାଯାଇ ତାକୁ ଗିରଫ କରିଛି। ସଂଗୃହୀତ ପ୍ରମାଣ ଆଧାରରେ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଛି।

# ସଫା କରିବା ଆଳରେ ମହିଳାଙ୍କ ଠାରୁ ସୁନା ଅଳଙ୍କାର ଲୁଟ୍

ପିପିଲି (ନିପ୍ର): ସଫା କରିବା ଆଳରେ ବଳଙ୍ଗା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଜଣେ ମହିଳାଙ୍କ ଠାରୁ ସୁନା କାନ ଫୁଲ ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ଥାନାରେ ୨୩୨/୨୬ ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି। ହରିପୁର ଗ୍ରାମର ମାନସ ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଶୁକ୍ରବାର ମଧ୍ୟାହ୍ନ ସମୟରେ ମାନସଙ୍କ ବୋଉ କାଦମ୍ବିନୀ ବେହେରା ତାଙ୍କ ପତ୍ନୀ ସହ ମିଶି ଘରେ ଶାଗ ବାଛୁଥିଲା ବେଳେ ୨ଜଣ ଅଚିହ୍ନା ଯୁବକ ଏକ ବାଇକରେ ଆସିଥିଲେ। ସେମାନେ ନିଜକୁ ପତଞ୍ଜଳୀ କମ୍ପାନୀରେ କାମ କରୁଥିବା କହି ହାତରେ ଏକ ଜରି ପ୍ୟାକେଟରେ କିଛି ପାଉଡର ଧରି ଘରେ ଥିବା ପୁରୁଣା ସୁନା ଅଳଙ୍କାର ସଫା କରିବାକୁ କହିଥିଲେ। କାଦମ୍ବିନୀ ମନା କରିବାରୁ ଦୁର୍ବୃତ୍ତ ମାନେ କାଦମ୍ବିନୀ ଗୋଡ଼ରେ ପିନ୍ଧିଥିବା ଝୁଣ୍ଟିଆ ମୁଦିକୁ ସଫା କରିବା ପାଇଁ ମାଗିଥିଲେ। କାଦମ୍ବିନୀ ଝୁଣ୍ଟିଆ ଦେବାରୁ ଦୁର୍ବୃତ୍ତ ମାନେ ସାଙ୍ଗରେ ଆଣିଥିବା ପାଣିରେ ପାଉଡର ମିଶାଇ ସଫା କରିଦେବାରୁ ମୁଦିଟି ସଫା ହୋଇଯାଇଥିଲା। ପରେ ଦୁର୍ବୃତ୍ତ ମାନେ କାଦମ୍ବିନୀଙ୍କ ମନରେ ବିଶ୍ୱାସ ଜନ୍ମାଇ ତାଙ୍କ କାନରେ ଥିବା ସୁନା କାନ ଫୁଲ ସଫା କରିବା ପାଇଁ ମାଗିଥିଲେ। କାଦମ୍ବିନୀ କାନଫୁଲ ଖୋଲି ହାତରେ ଧରି ଥିବା ବେଳେ ଦୁର୍ବୃତ୍ତ ମାନେ କାଦମ୍ବିନୀଙ୍କ ବୋହୂକୁ ପାଣି ପାଇଁ ଘରକୁ ପଠାଇଥିଲେ। ବୋହୂ ପାଣି ପାଇଁ ଯିବା ବେଳେ ଦୁର୍ବୃତ୍ତ ମାନେ ହଠାତ୍ କାଦମ୍ବିନୀଙ୍କ ହାତରୁ ସୁନା କାନ ଫୁଲ ନେଇ ବାଇକ ଯୋଗେ ଫେରାର ହୋଇଯାଇଥିଲେ। ବଳଙ୍ଗା ଥାନା ଆଇ ଆଇ ସି ସସ୍ମିତା ସାହୁ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ ସ୍ଥାନରେ ଲାଗିଥିବା ସି ସି ଟିଭି ଆଧାରରେ ତଦନ୍ତ ଜାରି ରଖିଛନ୍ତି।

# ଚେକ ବାଉନ୍ସ ମାମଲା, ଅଭିଯୁକ୍ତ ଧରାପଡିଲା

ଭୁବନେଶ୍ୱର (ନି.ପ୍ର): ଚେକ ବାଉନ୍ସ ମାମଲାରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଅଜିତ ସାମନ୍ତରାୟ। ପୁଲିସ ଏନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ପବିତ୍ର ସାହୁ ଏବଂ ଅଭିଯୁକ୍ତ ଅଜିତ ସାମନ୍ତରା ୨୦୨୨ ମସିହାରେ ଏକାଠି ଏକ ପ୍ରାଇଭେଟ୍ କମ୍ପାନୀରେ କାମ କରୁଥିଲେ ଏବଂ ଉଭୟଙ୍କ ମଧ୍ୟରେ ଭଲ ପରିଚୟ ଥିଲା। ଏହି ବିଶ୍ୱାସର ସୁଯୋଗ ନେଇ ଅଭିଯୁକ୍ତ ନିଜର ଆର୍ଥିକ ଅସୁବିଧା ଦର୍ଶାଇ ଅଭିଯୋଗକାରୀଙ୍କ ଠାରୁ ୟୁପିଆଇ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ମୋଟ ୨.୫ ଲକ୍ଷ ଟଙ୍କା ଧାର ନେଇଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ଫେରାଇବା ପାଇଁ ଅଭିଯୁକ୍ତ ୧୩.୦୮.୨୦୨୪ ତାରିଖରେ ଏକ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ଏବଂ ଏସବିଆଇ ବ୍ୟାଙ୍କର ଏକ ୩ ଲକ୍ଷ ଟଙ୍କାର ଚେକ୍ ମଧ୍ୟ ଦେଇଥିଲେ। ମାତ୍ର ଆକାଉଣ୍ଟରେ ପର୍ଯ୍ୟାପ୍ତ ଅର୍ଥ ନଥିବାରୁ ଚେକ୍ ଟି ବାଉନ୍ସ ହୋଇଯାଇଥିଲା। ଏହାପରେ ଅଭିଯୁକ୍ତ ନିଜ ମୋବାଇଲ୍ ସୁଇଚ୍ ଅଫ୍ କରି ଫେରାର ହୋଇଯାଇଥିଲେ ଏବଂ ଅଭିଯୋଗକାରୀ ଟଙ୍କା ମାଗିବାରୁ ଓଲଟା ଧମକଚମକ ଦେଇଥିଲେ। ପୋଲିସ ତଦନ୍ତ ସମୟରେ ସମସ୍ତ ବ୍ୟାଙ୍କ ନେଣଦେଣ, ଫୋନପେ ଓ ପେଟିଏମ୍ ର ସ୍କ୍ରିନସଟ୍ ଏବଂ ବାଉନ୍ସ ହୋଇଥିବା ଚେକ୍ କୁ ଜବତ କରିଛି। ବିଶ୍ୱସ୍ତ ସୂଚନା ଆଧାରରେ କ୍ୟାପିଟାଲ୍ ପୋଲିସ ଅଭିଯୁକ୍ତ ଅଜିତ କୁମାର ସାମନ୍ତରାଙ୍କୁ ସତ୍ୟନଗର ଅଞ୍ଚଳରୁ କାବୁ କରିବାରେ ସଫଳ ହୋଇଛି। ପଚରାଉଚରା ବେଳେ ସେ ନିଜ ଦୋଷ ସ୍ୱୀକାର କରିଛନ୍ତି। ସଂଗୃହୀତ ପ୍ରମାଣ ଆଧାରରେ ତାଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

# ସୋସିଆଲ ମିଡ଼ିଆରୁ ଝିଅର ଫଟୋ ଦେଖି ଛତିଶଗଡ଼ରୁ ଓଡ଼ିଶା ଆସିଲେ ମହିଳା

ଭୁବନେଶ୍ୱର, (ନି.ପ୍ର): ବେଶ କିଛିଦିନ ହେଲା ସ୍ୱାମୀ ଝିଅକୁ ନେଇ କେଉଁଆଡେ ପଳାଇଥିଲେ। ପତ୍ନୀ ପ୍ରାଚୀ ଆପା ଉଭୟ ଝିଅ ଓ ସ୍ୱାମୀଙ୍କୁ ଖୋଜିଖୋଜି ଏକ ପ୍ରକାର ନିରାଶ ହୋଇପଡିଥିଲେ। ହେଲେ କିଛିଦିନ ତଳେ ସୋସିଆଲ ମିଡ଼ିଆରେ ନିଜ ଝିଅ ଫଟୋ ଦେଖି ତାକୁ ଖୋଜି ଖୋଜି ପ୍ରାଚୀ ଭୁବନେଶ୍ୱରରେ ପହଂଚିଛନ୍ତି। ଘଟଣା ଥାନାରେ ପହଁଚିବା ପରେ ଏବେ ଏହାର ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ, ଢେଙ୍କାନାଳର ସୁଶାନ୍ତ ସାହୁ ନାମକ ଯୁବକ ୨୦୧୯ ମସିହାରେ ଛତିଶଗଡ ରାୟପୁରର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ସେଠାରେ ଚାକିରି କରୁଥିବା ପ୍ରାଚୀଙ୍କ ସହ ତାଙ୍କର ବନ୍ଧୁତା ବଢିଥିଲା ପରେ ଏହା ପ୍ରେମରେ ପରିଣତ ହୋଇଥିଲା। ଏପରିକି ଲକ୍‌ଡାଉନ ସମୟରେ ଦୁହେଁ ମନ୍ଦିରରେ ବିବାହ କରିଥିଲେ। ୫ବର୍ଷ କାଳ ସେଠାରେ ଏକାଠି ରହିଲେ। ତାଙ୍କର ଏକ ଝିଅ ଜନ୍ମ ହେଲା। କିନ୍ତୁ କିଛି ମାସ ତଳେ ସୁଶାନ୍ତ ଝିଅକୁ ସାଙ୍ଗରେ ଧରି ଛତିଶଗଡ ଛାଡ଼ିକି ଭୁବନେଶ୍ୱର ପଳାଇ ଆସିଲେ। ସେବେଠାରୁ ପ୍ରାଚୀ ଝିଅ ଓ ସ୍ୱାମୀଙ୍କୁ ଖୋଜି ଖୋଜି ପାଗଳ ପ୍ରାୟ ହୋଇଯାଇଥିଲେ। ସୁଶାନ୍ତ କି ଶାଶୁଘର ଲୋକେ ତାଙ୍କ ଫୋନ୍ ଉଠାଉ ନଥିଲେ। ସୋସିଆଲ ମିଡିଆରୁ ଝିଅ ଫଟୋ ଦେଖି ରାଜ୍ୟ ସୀମା ଡେଇଁ ଆଜି ସକାଳେ ଉକ୍ତ ସ୍କୁଲରେ ପହଞ୍ଚିଥିଲେ। ସେଠାରେ ଝିଅର ଠିକଣା ବୁଝି ସହିଦନଗର ବାୟାବାୟା ମଠ ଅଞ୍ଚଳରେ ଭଡାସୂତ୍ରରେ ରହୁଥିବା ସୁଶାନ୍ତଙ୍କ ଘରେ ପହଞ୍ଚିଲେ। ସେଠି ଯାହା ଦେଖିଲେ ଆଉ ଶୁଣିଲେ, ପ୍ରାଚୀଙ୍କ ମୁଣ୍ଡ କାମ କଲାନି। ସୁଶାନ୍ତ ଭୂଷଣ ଷ୍ଟିଲ୍ ପ୍ଲାଣ୍ଟରେ ସୁପରଭାଇଜର ଭାବେ କାମ କରୁଛନ୍ତି। ଆଉ ଜଣେ ଝିଅଙ୍କୁ ବିବାହ କରି ସେଠାରେ ରହୁଛନ୍ତି। ଉଭୟେ ତାଙ୍କ ଝିଅକୁ ଦୟନୀୟ ଅବସ୍ଥାରେ ରଖିଥିବା ପ୍ରାଚୀ ଅଭିଯୋଗ କରିଥିଲେ। ସେଠାରେ ଝିଅକୁ ବଳପୂର୍ବକ ନେବା ବେଳେ ସୁଶାନ୍ତ ଓ ପରିବାର ଲୋକଙ୍କ ସହ ହାତାହାତି ହୋଇଥିଲେ। ଘଟଣାଟି ଶେଷରେ ସହିଦନଗର ଥାନାରେ ପହଞ୍ଚିଲା। ଥାନାରେ ବି ଆପୋଷ ବୁଝାମଣା ପାଇଁ ରାଜି ହେଲେନି ସେପଟେ ସୁଶାନ୍ତ ପାଲଟା ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଲକ୍‌ଡାଉନ୍ ବେଳେ ଆମେ ପ୍ରେମ ବିବାହ କରିଥିଲୁ। କିନ୍ତୁ ସେ ଅନ୍ୟ ଜଣେ ଯୁବକ ସହ ଅନୈତିକ ସମ୍ପର୍କ ରଖୁଥିବାର ଜାଣିବାକୁ ପାଇଲି। ଏମିତିକି କୁନି ଝିଅ ଉପସ୍ଥିତିରେ ଅନ୍ୟ ଯୁବକଙ୍କ ସହ ମିଶି ସେ ଘରେ ମଦ ପିଉଥିଲା। ଯେଉଁଥି ପାଇଁ ମୁଁ ଝିଅକୁ ସାଙ୍ଗରେ ଧରି ଓଡ଼ିଶା ପଳାଇ ଆସିଲି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

# ଚିଲିକାରୁ ୨୨୦୦ ଏକର ବେଆଇନ ଘେରି ମୁକ୍ତ ହେଲା



କୃଷ୍ଣପ୍ରସାଦ, (ନିପ୍ର): ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧିନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ତହସିଲ ପ୍ରଶାସନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ବେଆଇନ ଘେରି ଉଚ୍ଛେଦ ଆରମ୍ଭ ହୋଇଛି । ବୁଧବାର ଠାରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବେଳେ ୪ ଦିନ ମଧ୍ୟରେ ସମୁଦାୟ ୨୨୦୦ ଏକର ଘେରି ମୁକ୍ତ କରାଯାଇଥିବା ଜଣାପଡିଛି। ବୁଧବାର ବକ୍ରକୋଟ ସର୍କଲ ଅଧିନରେ ୧୦୦ ଏକର, ଗୁରୁବାର ବକ୍ରକୋଟ ସର୍କଲ ଅଧିନରେ ୧୦୦୦ ଏକର, ଶୁକ୍ରବାର ବକ୍ରକୋଟ ସର୍କଲ ଅଧିନ ୬୫୦ ଏକର ଏବଂ ଶନିବାର ବକ୍ରକୋଟ ସର୍କଲ ଅଧିନ ଚିଖଲଖଣ୍ଡି ଚିଲିକା ଅଞ୍ଚଳରୁ ୪୫୦ ଏକର ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି। ଘେରିରେ ବ୍ୟବହାର ହୋଇଥିବା ଜାଲ, କିଳା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି। ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ତହସିଲଦାର ସହଦେବ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବର୍ଜ ( ଜେସିବି)ମେସିନ, ୩୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି । ଶାନ୍ତି ଶୃଙ୍ଖଳା ଲାଗି କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନଙ୍କ ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୃଷ୍ଣପ୍ରସାଦ ଅତିରିକ୍ତ ତହସିଲଦାର ବିକାଶ କୁମାର ସେଠୀ, ବଡ଼ବାବୁ କୁବେର ଜେନା,ବକ୍ରକୋଟ ରାଜସ୍ୱ ନିରୀକ୍ଷକ ପ୍ରଦୀପ କୁମାର ସାହୁ, ଚିଲିକା ନୂଆପଡା ରାଜସ୍ୱ ନିରୀକ୍ଷକ ମୋହନ କୁମାର ସ୍ୱାଇଁ,ରାଜସ୍ୱ ସୁପରଭାଇଜର ବିଜୟରାଜ ସାହୁ ସମେତ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ଚିଲିକା ଉପରେ ନିର୍ଭର କରି ଏଠାକାର ଅଧିବାସୀ ମାନେ ଜୀବିକା ପ୍ରତିପୋଷଣ କରୁଥିବା ବେଳେ ଅଞ୍ଚଳବାସୀ ଏବେ ଆତଙ୍କିତ ହୋଇପଡିଛନ୍ତି।

## କ୍ଷୀର ଗାଡ଼ିରେ ଆସୁଥିଲା ଦେଶୀ ମଦ

# ମାଡ଼ି ବସିଲା ଅବକାରୀ ବିଭାଗ, ୧୦୮୦ ଲିଟର ଜବତ

କଟକ(ନିପ୍ର): କ୍ଷୀର ଗାଡ଼ିର ଆବରଣରେ ଚାଲାଣ ହେଉଥିଲା ବିପୁଳ ପରିମାଣର ଦେଶୀ ମଦ। ଆଠଗଡ଼ରୁ ଭୁବନେଶ୍ୱର ଆସୁଥିବା ଏକ ମିଲ୍କ ଭ୍ୟାନ୍‌ରୁ ୧୦୮୦ ଲିଟର ଦେଶୀ ମଦ ଜବତ କରିଛି ଅବକାରୀ ବିଭାଗ। ଗୁପ୍ତ ସୂଚନା ଆଧାରରେ ଚଢ଼ାଉ କରି ଅବକାରୀ ବିଭାଗ ଏହି ସଫଳତା ପାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଆଠଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଏକ ମିଲ୍କ ଭ୍ୟାନ୍‌ରେ ଦେଶୀ ମଦ ଚାଲାଣ ହେଉଥିବା ନେଇ ଅବକାରୀ ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଏହାପରେ ଭୁବନେଶ୍ୱର ଅବକାରୀ ବିଭାଗର ଏକ ଟିମ୍ ସତର୍କ ହୋଇ ଚଢ଼ାଉ କରିଥିଲା। ଯାଞ୍ଚ ସମୟରେ ମିଲ୍କ ଭ୍ୟାନ୍ ଭିତରୁ ବିପୁଳ ପରିମାଣର ଦେଶୀ ମଦ ଠାବ ହୋଇଥିଲା। ଗାଡ଼ିରେ ମୋଟ ୧୦୮୦ ଲିଟର ଦେଶୀ ମଦ ଥିବା ଜଣାପଡ଼ିଛି। ଏହି ଘଟଣାରେ ଅବକାରୀ ବିଭାଗ ମିଲ୍କ ଭ୍ୟାନ୍‌ଟିକୁ ଜବତ କରିଛି। ଏଥିସହ ଗାଡ଼ି ଚାଳକଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ଚାଳକଙ୍କ ନାମ ସେକ୍ ଇସଲାମ ଖାନ୍ ବୋଲି ଜଣାପଡ଼ିଛି। କ୍ଷୀର ଗାଡ଼ିର ଆବରଣରେ ଏତେ ପରିମାଣର ଦେଶୀ ମଦ କେଉଁଠାରୁ ଆସିଥିଲା, ଏହା କେଉଁଠାକୁ ଚାଲାଣ ହେଉଥିଲା ଏବଂ ଏହି ଘଟଣା ପଛରେ ଆଉ କିଏ କିଏ ସାମିଲ ଅଛନ୍ତି, ସେନେଇ ଅବକାରୀ ବିଭାଗ ତଦନ୍ତ ଆରମ୍ଭ କରିଛି। ମିଲ୍କ ଭ୍ୟାନ୍‌ରେ ଏତେ ପରିମାଣର ଦେଶୀ ମଦ ଚାଲାଣ କରାଯାଉଥିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଗିରଫ ଚାଳକଙ୍କୁ ପଚରାଉଚରା ସହ ମଦ ଚାଲାଣର ଉତ୍ସ ଓ ଏହା ପଛରେ ଥିବା ଅନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ଖୋଳତାଡ଼ ଜାରି ରହିଛି। ଅବକାରୀ ବିଭାଗର ତଦନ୍ତ ପରେ ଏହି ଚାଲାଣ ସମ୍ପର୍କିତ ଆହୁରି ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି।

## କାଠଯୋଡ଼ିକୁ ଡେଇଁ ଯୁବକ ନିଖୋଜ ଘଟଣାରେ ବଡ଼ ଟ୍ୱିଷ୍ଟ

# ନଦୀକୁ ଡେଇଁ ନାହାନ୍ତି ବରଂ ଘରେ ଶୋଇଥିଲେ

କଟକ(ନିପ୍ର): ତ୍ରିଶୂଳିଆ ସୁବାସ ସେତୁରୁ କାଠଯୋଡ଼ିକୁ ଡେଇଁ ଯୁବକ ନିଖୋଜ ଘଟଣାରେ ବଡ଼ ଟ୍ୱିଷ୍ଟ । ଯୁବକ ଜଣକ ନଦୀକୁ ଡେଇଁ ନାହାନ୍ତି । ବ୍ରିଜ୍ ଉପରେ ମୋବାଇଲ ଫୋନ୍ ଓ ରେନକୋର୍ଟ ରଖି ଘରକୁ ପଳାଇ ଆସିଥିଲେ। ବହୁ ଖୋଜାଖୋଜି ପରେ ଜଣାପଡ଼ିଲା ଯୁବକ ନଦୀକୁ ଡେଇଁ ନାହାନ୍ତି, ବରଂ ଘରେ ଶୋଇଥିଲେ। ପାରିବାରିକ କଳହକୁ ନେଇ ଯୁବକ ଜଣକ ଜୀବନ ହାରିବା ଉଦ୍ୟମ ପାଇଁ କାଠଯୋଡ଼ିକୁ ଆସିଥିଲେ। ପରେ ବାଇକ୍ ଯୋଗେ ଘରକୁ ପଳାଇ ଆସିଥିଲେ ବୋଲି ଯୁବକ ପୋଲିସକୁ କହିଛନ୍ତି। ଯୁବକ ଜଣକ ହେଲେ କାକଟପୁର ନୂଆହାଟ ଅଞ୍ଚଳର ଲିପୁ ସାହୁ(୩୨) । ଯେତେବେଳେ ଯୁବକଙ୍କ ମୋବାଇଲକୁ ତାଙ୍କ ସ୍ତ୍ରୀ କଲ୍ କରିଥିଲେ ସେତେବେଳେ ସବୁ ଘଟଣା ଜାଣିପାରିଥିଲା ପୋଲିସ । ପରେ ଯୁବକଙ୍କ ସହ ପୋଲିସ ଯୋଗାଯୋଗ କରିଥିଲା । ଯୁବକ ଜଣକ ନିଜେ ଫୋନ୍ ଉଠାଇ କହିଥିଲେ, ମା'ଙ୍କ ଘରେ ଅଛି । ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ବିବାଦ ରହିଥିବା ଓ ପତ୍ନୀ ପୃଥକ ରହୁଥିବା ତଦନ୍ତ ସମୟରେ ପୋଲିସ ଜାଣି ପାରିଛି । ପୋଲିସ ଯୁବକ ତାଙ୍କ ସ୍ତ୍ରୀ ଓ ମାଆଙ୍କୁ ଥାନାକୁ ଡ଼କାଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛି । ଯୁବକଙ୍କ ଏତାଦୃଶ କାର୍ଯ୍ୟ ପାଇଁ ପୋଲିସ ଓ ଅଗ୍ନିଶମ ବାହିନୀ ଅଯଥା ସମୟ ନଷ୍ଟ କରି ଅସୁବିଧାରେ ପଡିଥିବାରୁ ଯୁବକଙ୍କୁ ନୋଟିସ ଦିଆଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି ।

# ଜମି ଦେବା ନାଁରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,(ନି.ପ୍ର): ଜମି ଦେବା ନାଁରେ ଠକେଇ କରିବା ଅଭିଯୋଗରେ ନୂଆପଲ୍ଲୀ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୌରଭ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ।ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ସୌରଭ କୁମାର ସାହୁ ନିଜକୁ ବେଦାଂଶ ଗ୍ରୁପର ପ୍ରୋପ୍ରାଇଟର ଜଣେ ବଡ଼ ଜମି ବେପାରୀ ଭାବେ ପରିଚୟ ଦେଇ ଗତ ୨୦୨୫ ମସିହାରେ ଅଭିଯୋଗକାରିଣୀ କୁନି ଦାଶଙ୍କୁ ଚନ୍ଦକା ଅଞ୍ଚଳରେ ଏକ ପ୍ଲଟ୍ କିଣିବାକୁ ପ୍ରବର୍ତ୍ତାଇଥିଲା। ଜମିର ସମସ୍ତ ସରକାରୀ ଅନୁମୋଦନ ଏବଂ କାଗଜପତ୍ର ଠିକ୍ ଥିବା ଦର୍ଶାଇ ସେ ଏକ ନକଲି ପଞ୍ଜୀକରଣ ମଧ୍ୟ ଦେଖାଇଥିଲା। ଏହାକୁ ବିଶ୍ୱାସ କରି ଅଭିଯୋଗକାରିଣୀ ୟୁପିଆଇ ମାଧ୍ୟମରେ ୮୦,୦୦୦ ଟଙ୍କା ବୁକିଂ ବାବଦକୁ ପୈଠ କରିଥିଲେ ।ପରବର୍ତ୍ତୀ ସମୟରେ ଅଭିଯୋଗକାରିଣୀ ଜାଣିବାକୁ ପାଇଥିଲେ ଯେ ଜମିର କାଗଜପତ୍ର ନକଲି ଥିଲା। ଏନେଇ ସେ ବୁକିଂ ବାତିଲ୍ କରି ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଠକି ଚାଲିଥିଲା। ପୋଲିସ ଖୋଳତାଡ଼ରୁ ଜଣାପଡିଛି ଯେ ଅଭିଯୁକ୍ତ ସୌରଭ ନିଜ ମ୍ୟାନେଜର ଶ୍ରବଣ କୁମାର ପଣ୍ଡାଙ୍କ ଜରିଆରେ ସମାନ ଉପାୟରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଠକିଛି ଏବଂ ଏକ ଲିଖିତ ଚୁକ୍ତିନାମା କରିବା ପରେ ମଧ୍ୟ ଟଙ୍କା ଫେରାଇ ନାହିଁ। ଅଭିଯୁକ୍ତ ନାମରେ ପୂର୍ବରୁ ନୟାପଲ୍ଲୀ ଥାନାରେ ଆଉ ଏକ ଠକେଇ ମାମଲା ରହିଛି। ବିଶ୍ୱସ୍ତ ସୂଚନା ଆଧାରରେ ନୟାପଲ୍ଲୀପୋଲିସ ସାଲେପୁର ବଜାର ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ସୌରଭ କୁମାର ସାହୁକୁ କାବୁ କରିଛି। ସଂଗୃହୀତ ପ୍ରମାଣ ଏବଂ ନକଲି ଚୁକ୍ତିନାମା ଆଧାରରେ ଅଭିଯୁକ୍ତକୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରି ରହିଛି।

# ୧୪କେଜି ଗଞ୍ଜେଇ ଜବତ, ଜଣେ ଗିରଫ

ମାଲକାନଗିରି,(ନିପ୍ର): ଆଜି ସକାଳ ୬ଟା ସମୟରେ ଅବକାରୀ ମୋବାଇଲ ୟୁନିଟ , ଓର୍କେଲ ଥାନା ଅନ୍ତର୍ଗତଏମଭି ୩୭ ଛକ ନିକଟରେ ପେଟ୍ରୋଲିଙ୍ଗ କରୁଥିବା ସମୟରେ ବାଲିମେଳା ପଟୁ ଗୋଟେ ମୋଟର ସାଇକେଲ ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ ହେବାରୁ ଗାଡି ଅଟକାଇ ଚେକ କରିଥିଲେ । ଚେକବେଳେ ଗାଡ଼ିରେ ୧୪ କେଜି ଗଞ୍ଜାଇ ଥିବାର ଦେଖିବାକୁ ପାଇଥିଲେ। ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ସହ ମୋଟର ସାଇକେଲ କୁ ଜବତ କରାଯାଇଛି। ଚୋରା ଚାଲାଣ ରେ ସମ୍ପୃକ୍ତ ମଜୁରଲେଣ୍ଡି ଗ୍ରାମର ବିକ୍ରମ ଖିଲକୁ ଗିରଫ କରାଯାଇଥିବାବେଳେ ସେ ଏହି ଗଞ୍ଜାଇ ଛତିଶଗଡ ର ସୁକୁମା ଅଭିମୁଖେ ନେଉଥିବାର ସ୍ୱୀକାର କରିଛି । ଏହାର ଆନୁମାନିକ ବଜାର ମୂଲ୍ୟ ୧୪୦୦୦୦ବୋଲି ଜଣା ପଡିଛି।ଏହି ଚଢାଉରେ ଇନିସ୍ପେକ୍ଟର ବିଜ୍ଞନରାଜ ଦାମୀ , ଜ୍ଞାନରଞ୍ଜନ ସାହୁ,ଦୀନବନ୍ଧୁ ସିରା , ପାଣ୍ଡବ ଟୁଡୁ,ଚନ୍ଦନ ଚେଟି ପ୍ରମୁଖ ସାମିଲ ଥିଲେ ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ଗୁରୁତର

ଚମ୍ପୁଆ,(ନିପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି ବାଇପାସ୍ ନିକଟରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଦୁଇଟି ମୋଟରସାଇକଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କୁ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟ ଓ ପରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମିଳିଥିବା ସୂଚନା ମୁତାବକ, ରିମୁଳି-ପର୍ଶଳା ମଧ୍ୟରେ ଥିବା ୫୨୦ ନମ୍ବର ଜାତୀୟ ରାଜପଥ ବାଇପାସ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଝୁମ୍ପୁରା ବ୍ଲକ ପାଟବିଲା ଗ୍ରାମର ରାଜେଶ ମହାନ୍ତ ନିଜ ଅଫିସ କାମରେ ଚମ୍ପୁଆ ଅଭିମୁଖେ ଆସୁଥିଲେ। ଅପରପକ୍ଷରେ, ମଧୁପୁର ଗ୍ରାମର ନରସିଂହ ମହାନ୍ତ ନିଜ ବ୍ୟବସାୟ ପାଇଁ ଜିନିଷପତ୍ର କିଣିବାକୁ ଆସୁଥିବାବେଳେ ଦୁଇ ବାଇକ୍ ମଧ୍ୟରେ ସାମ୍ନାସାମ୍ନି ଧକ୍କା ହୋଇଥିଲା।

# ଫୁଲଚାଷୀଙ୍କ ତଣ୍ଟି କାଟି ହତ୍ୟା ଉଦ୍ୟମ, ଅଜଣା ଦୁର୍ବୃତ୍ତ ଚମ୍ପଟ

ହିଞ୍ଜିଳିକାଟୁ(ନିପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଚୋରି, ଜୁଆ ଆଡ୍ଡା ଓ ବନ୍ଧୁକ ଜବତ ଘଟଣାରୁ ଅସାମାଜିକ ଓ ଅପରାଧୀ ଗୋଷ୍ଠୀ ସକ୍ରିୟ ଥିବା ଜଣାପଡିଛି। ଶୁକ୍ରବାର ରାତିରେ ହିଞ୍ଜିଳି ଥାନା ୫୯ ନଂ ଜାତୀୟ ରାଜପଥ ଖଣ୍ଡରା ଛକ ନିକଟରେ ସମ୍ପୃକ୍ତ ଗ୍ରାମର ଜଣେ ଫୁଲ ଚାଷୀଙ୍କ ତଣ୍ଟିକୁ ଜଣେ ଅଜଣା ଦୁର୍ବୃତ୍ତ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ରକ୍ତାକ୍ତ ଆକ୍ରମଣର ଶିକାର ହୋଇଥିବା ଫୁଲ ଚାଷୀ ଜଣକ ହେଲେ ଖଣ୍ଡରା ଗ୍ରାମ ନୂଆଁ ସାହି ବାସିନ୍ଦା ଉଦ୍ଧବ ପାଢ଼ୀ (୫୦)। ଘଟଣା ପରେ ଗୁରୁତର ଆହତ ଉଦ୍ଧବ ନିଜେ ବାଇକ ଚଳାଇ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଲୋକଙ୍କ ଆଗମନକୁ ଆଶଙ୍କା କରି ଦୁର୍ବୃର୍ତ୍ତ ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିବାରେ ସକ୍ଷମ ହୋଇଛି। ଘଟଣାରୁ ପ୍ରକାଶ ଚାଷୀ ଉଦ୍ଧବ ନିଜ କ୍ଷେତରେ ବିଭିନ୍ନ ପ୍ରକାରର ଫୁଲ ଚାଷ କରି ସେଗୁଡ଼ିକୁ ହିଞ୍ଜିଳିକାଟୁ, ଆସିକା ଓ ଅନ୍ୟାନ୍ୟ ଅଞ୍ଚଳର ବିଭିନ୍ନ ଫୁଲ ବ୍ୟବସାୟୀଙ୍କୁ ବିକ୍ରି କରିଥାନ୍ତି। ସବୁଦିନ ପରି ଆସିକାରୁ କାମ ସାରି ଶୁକ୍ରବାର ରାତି ପ୍ରାୟ ୯ ଘଣ୍ଟା ସମୟରେ ଉଦ୍ଧବ ଘର ଅଭିମୁଖେ ଫେରୁଥିବା ବେଳେ ଖଣ୍ଡରା ଛକର ଏକ ନିକାଞ୍ଚନ ସ୍ଥାନରେ ତାଙ୍କ ବାଇକକୁ ଜଣେ ଅଜଣା ଦୁର୍ବୃତ୍ତ ଅଟକାଇ ଥିଲା। ପରେ ସେ ଧରିଥିବା ଏକ ଧାରୁଆ ଅସ୍ତ୍ରରେ ଉଦ୍ଧବଙ୍କ ତଣ୍ଟିକୁ ବାରମ୍ବାର ଆକ୍ରମଣ କରିଥିଲା। ପରେ ଲୋକ ଯାତାୟାତକୁ ଆଶଙ୍କା କରି ଆକ୍ରମଣକାରୀ ଦୁର୍ବୃତ୍ତ ଜଣକ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା। ଗୁରୁତର ଆହତ ଉଦ୍ଧବ ରକ୍ତାକ୍ତ ଅବସ୍ଥାରେ ବାଇକ ଧରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ତାଙ୍କ ତଣ୍ଟିର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିବା ଜଣାପଡ଼ିଛି। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ହିଞ୍ଜିଳି ପୁଲିସ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଦୁର୍ବୃତ୍ତ ଜଣକ ଉଦ୍ଧବଙ୍କୁ ଆକ୍ରମଣ କରିଥିଲା ବେଳେ ତାଙ୍କ ପାଖରେ ଥିବା ମୋବାଇଲ ଓ ଅନ୍ୟାନ୍ୟ ଜରୁରୀ ଜିନିଷ ପତ୍ର ସୁରକ୍ଷିତ ଥିବା ଜଣାପଡିଛି। ସେ ଦୀର୍ଘ ଦିନ ଧରି ଫୁଲ ବ୍ୟବସାୟ ଚଳାଇ ଦୁଇ ପଇସା ରୋଜଗାର କରି ଆସୁଥିଲେ। କୌଣସି ଚିହ୍ନା ଜଣା ବ୍ୟବସାୟିକ ପ୍ରତିଦ୍ୱନ୍ଦୀ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଏହି ଅପରାଧିକ ଷଡ଼ଯନ୍ତ୍ର ରଚିଥାଇ ପାରେ ମଧ୍ୟ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି। ଫୁଲ ବ୍ୟବସାୟୀ ଉଦ୍ଧବଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ଲକ୍ଷ୍ୟରେ କେହି ପ୍ରତିଦ୍ୱନ୍ଦ୍ୱୀ ଅଜଣା ଦୁର୍ବୃତ୍ତକୁ ନିୟୋଜିତ କରିଥିବା ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। ପୁଲିସ ଅଧିକ ଖୋଳତାଡ଼ କଲେ ଅପରାଧର କାରଣ ଓ ଘଟଣାରେ କେଉଁ କେଉଁ ମାନଙ୍କ ସମ୍ପୃକ୍ତି ରହିଛି ତାର ପର୍ଦ୍ଦାଫାସ ହୋଇପାରିବ। ଘଟଣା ପରେ ଉଦ୍ଧବଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ଆଇଆଇସି ଶ୍ରୀନିବାସ ସେଠୀ କହିଛନ୍ତି। ତଥାପି ପୁଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି।

# ଚୋରା ବାଇକ ଜବତ: ୩ ଗିରଫ




ଆସିକା (ନିପ୍ର): ଆସିକା ପୋଲିସ ପକ୍ଷରୁ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆସିକାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ଗୋଟି ଚୋରା ବାଇକ ଜବତ କରିବା ସହ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଆସିକା ପୋଲିସ। ଗତକାଲି ସନ୍ଧ୍ୟା ପେଟ୍ରୋଲିଙ୍ଗ ସମୟରେ ଏକବିଶ୍ୱାସ୍ତ ସୂତ୍ରରୁ ଖବର ପାଇଁ ପୋଲିସ ଆସିକା ଥାନା ଠେଙ୍ଗାପଲ୍ଲୀ ଏରେଗଲା କ୍ୟାମ୍ପର ଏ. ନବୀନକୁ ସନ୍ଦେହରେ ପଚରା ଉଚରା କରିଥିଲା। ପରେ ଠେଙ୍ଗାପଲ୍ଲୀ ଏରେଗଲା କ୍ୟାମ୍ପର ଏ.ଅଶୋକ ଓ ଆସିକା ପାକଲାପଲ୍ଲୀ ଏରେଗଲା କ୍ୟାମ୍ପର ଏ ସନ୍ତୋଷ କୁ ଗିରଫ କରିବା ସହ ୫ଗୋଟି ବାଇକ ଜବତ କରି ଏହିମାନଙ୍କ ବିରୁଦ୍ଧରେ ୪୨୨/୨୬ରେ ମାମଲା ରୁଜୁକରି ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରିଥିବା ଆସିକା ଥାନା ଅଧିକାରୀ ସୁଧୀର କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

# ଦେହ ବ୍ୟବସାୟ: ୬ ଗିରଫ

ଜଗତସିଂହପୁର(ନିପ୍ର) : ଦେହ ବ୍ୟବସାୟ ଚାଲିଥିବା ଭଡ଼ା ଘରେ ପୋଲିସ ଚଢାଉ କରିଛି । ଜଗତସିଂହପୁର ଜିଲ୍ଲା ତିର୍ତୋଲ ଥାନା ରାହାମା ବଜାରରେ ଏକ ଭଡ଼ା ଘରେ ଏଭଳି ଘଟଣା ସାମନାକୁ ଆସିଛି । ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଚଢ଼ାଉ ପରେ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ । ଜଣେ ରାଣୀ ମହୁମାଛି ସମେତ ୪ ଜଣ ଦେହଜୀବୀ, ଜଣେ ଗ୍ରାହକ ଏବଂ ଘର ମାଲିକଙ୍କୁ ପୋଲିସ ଗିରଫ କରିଛି ଗିରଫ। ଦୀର୍ଘ ଦିନ ଧରି ଭଡ଼ା ଘରେ ଏହି ଦେହ ବ୍ୟବସାୟ ଚାଲିଥିଲା । ତିର୍ତୋଲ ଏସଡିପିଓଙ୍କ ନେତୃତ୍ୱରେ ପୋଲିସ ଚଢ଼ାଉ କରିବା ପରେ ଘଟଣାର ପର୍ଦ୍ଦାଫାସ ହୋଇଛି । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଢ଼ାଉ ଓ ଯାଞ୍ଚ ହୋଇଥିଲା । ଏହି ରାକେଟ ପଛରେ ଆଉ କାହାର ସମ୍ପୃକ୍ତି ରହିଛି । କେଉଁଠାରୁ ଦେହଜୀବୀ ମାନେ ଆସୁଥିଲେ ।

# ଦାଦାବଟି ନ ଦେବାରୁ ମରଣାନ୍ତକ ଆକ୍ରମଣ, ୪ ଗିରଫ

ଭୁବନେଶ୍ୱର,(ନି.ପ୍ର): ଦାଦାବଟି ନଦେବାରୁ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଖଣ୍ଡଗିରି ଥାନା ପୁଲିସ ୪ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୌମ୍ୟରଂଜନ ବେହେରା, ରାଜା ଗୌଡ, ବାସୁଦେବ ସାହୁ ଓ ସୌମ୍ୟରଞ୍ଜନ ନାୟକ ଓରଫ ଚିକୁ। ପୁଲିସ ଏମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ବରବାଡ଼ି ଅଞ୍ଚଳରେ ଏକ ଗ୍ୟାଙ୍ଗ୍ ତିଆରି କରି ଲୋକଙ୍କୁ ଭୟଭୀତ କରିଆସୁଥିଲେ। ସେମାନେ ରମାମଣି ପେଟ୍ରୋଲ୍ ପମ୍ପ୍ ନିକଟରେ ଥିବା ଅଭିଯୋଗକାରୀ ବିଜୟ କୁମାର ସାହୁଙ୍କ 'ସାହୁ ଓମଫେଡ୍' ଦୋକାନ ପାଖରେ ଖଟି କରିବା ସହ ନିଶାଦ୍ରବ୍ୟ ସେବନ କରୁଥିଲେ। ଏହାକୁ ଅଭିଯୋଗକାରୀ ବିରୋଧ କରିବାରୁ ଉଭୟଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ସୃଷ୍ଟି ହୋଇଥିଲା। ଏହି ଆକ୍ରୋଶ ରଖି ଗତ ୧୪.୦୬.୨୦୨୬ ତାରିଖ ଅପରାହ୍ନ ପ୍ରାୟ ୫.୩୦ ମିନିଟରେ ଗ୍ୟାଙ୍ଗର ମୁଖ୍ୟ କାଳିଆ ଏବଂ ତା'ର ସହଯୋଗୀମାନେ ଦୋକାନ ନିକଟରେ ପହଞ୍ଚି ୫୦,୦୦୦/- ଟଙ୍କା ଦାଦାବଟି ମାଗିଥିଲେ। ଟଙ୍କା ନଦେଲେ ଦୋକାନ ଭାଙ୍ଗିଦେବାକୁ ଧମକ ଦେଇଥିଲେ। ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ମୁଖ୍ୟ ଅଭିଯୁକ୍ତ କାଳିଆ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଏକ କଟୁରିରେ ତାଙ୍କୁ ହାଣିଥିଲା। ଅନ୍ୟ ଅଭିଯୁକ୍ତମାନେ ଲୁହା ରଡରେ ଆକ୍ରମଣ କରିବା ସହ ଦୋକାନ ଭଙ୍ଗାରୁଜା କରି ଅଶ୍ଳୀଳ ଗାଳିଗୁଲଜ କରିଥିଲେ। ଏହି ଘଟଣାର ଠିକ୍ ଘଣ୍ଟାଏ ପରେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କ ଘରେ ପଶି ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ଆକ୍ରମଣ କରିଥିଲେ (ଯେଉଁଥିପାଇଁ ଖଣ୍ଡଗିରି ଥାନାରେ ଅନ୍ୟ ଏକ କେସ୍ ନଂ- ୫୯୩/୨୦୨୬ ମଧ୍ୟ ରୁଜୁ ହୋଇଛି)। ବିଶ୍ୱସ୍ତ ସୂଚନା ଆଧାରରେ ଖଣ୍ଡଗିରି ପୋଲିସ ଆଜି ଚଢ଼ାଉ କରି ଏହି ଦୁର୍ଦ୍ଦାନ୍ତ ଗ୍ୟାଙ୍ଗର ୪ଜଣ ମୁଖ୍ୟ ସଦସ୍ୟଙ୍କୁ ବରବାଡ଼ି ପୋଖରୀ ନିକଟରୁ ଗିରଫ କରିବାରେ ସଫଳ ହୋଇଛି ଏବଂ ଜଣେ ନାବାଳକକୁ ମଧ୍ୟ କାବୁ କରିଛି। ସେମାନଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ମାରଣାସ୍ତ୍ର କଟୁରି ଓ ଲୁହା ରଡ୍ ମଧ୍ୟ ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ସୌମ୍ୟ ରଞ୍ଜନ ଓରଫ କାଳିଆ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ଟି ସଙ୍ଗିନ ଅପରାଧିକ ମାମଲା ରହିଛି।

### ରେଢ଼ାଖୋଲ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ଭୂମିପୂଜନ ଓ ଅସ୍ଥାୟୀ ଭବନ ଉଦ୍‌ଘାଟିତ

# ଶିକ୍ଷା ହିଁ ପ୍ରଗତିର ଅସଲ ଚାବିକାଠି: ଧର୍ମେନ୍ଦ୍ର ପ୍ରଧାନ

- କେନ୍ଦ୍ରୀୟ ବିଦ୍ୟାଳୟ ଗୁଣାତ୍ମକ ଶିକ୍ଷା, ଅନୁଶାସନ ଏବଂ ସାମଗ୍ରିକ ବିକାଶର ପ୍ରମୁଖ କେନ୍ଦ୍ରବିନ୍ଦୁ
- ଜାତୀୟ ଶିକ୍ଷା ନୀତି ଅନୁସାରେ ଛାତ୍ରଛାତ୍ରୀଙ୍କୁ ରୋଜଗାରକ୍ଷମ କରିବା ଆମର ଲକ୍ଷ୍ୟ
- ସ୍ଥାନୀୟ କୃଷିଜାତ ଦ୍ରବ୍ୟକୁ ବିଦେଶକୁ ରପ୍ତାନି କରିବା ପାଇଁ ଯୋଜନା କରିବା




ରେଢ଼ାଖୋଲ,୮।୮(ନିପ୍ର): ଯେଉଁ ଅଞ୍ଚଳରେ ଶିକ୍ଷାର ମୂଳଦୁଆ ମଜଭୁତ୍ ଥାଏ, ସେହି ଅଞ୍ଚଳର ପ୍ରଗତିକୁ କେହି ରୋକିପାରିବେ ନାହିଁ ବୋଲି ଶନିବାର ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଠାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭୂମିପୂଜନ କରିବା ସହ ଅସ୍ଥାୟୀ ଭବନର ଶୁଭ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଶ୍ରାବଣର ଏହି ପବିତ୍ର ମାସରେ ରେଢ଼ାଖୋଲରେ ଶିକ୍ଷାର ଏଭଳି ଏକ ସ୍ଥାୟୀ ଭିତ୍ତିଭୂମିର ଶୁଭାରମ୍ଭ ହେବା ସମଗ୍ର ଅଞ୍ଚଳ ପାଇଁ ଶୁଭ ସଙ୍କେତ । ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀଙ୍କ ଇଚ୍ଛାଶକ୍ତି ଯୋଗୁଁ ଅନେକ ବର୍ଷ ପରେ ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଗଢାଯିବାର ସ୍ୱପ୍ନ ପୂରଣ ହୋଇପାରିଛି । ଏହା ଦ୍ୱାରା ଆଗାମୀ ଦିନରେ ଅନେକ ଛାତ୍ରଛାତ୍ରୀ ଉପକୃତ ହେବେ । ଏହି ବିଦ୍ୟାଳୟ ଆରମ୍ଭ ହେବା ଦ୍ୱାରା ଆମ ଅଞ୍ଚଳର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ପାଠପଢ଼ା ପାଇବା ସହ ଆଧୁନିକ ଦୁନିଆ ସହ ସହଜରେ ଯୋଡ଼ିହୋଇପାରିବେ । ସେ ଆହୁରି କହିଛନ୍ତି ଯେ କେନ୍ଦ୍ରୀୟ ବିଦ୍ୟାଳୟ କେବଳ ଗୋଟିଏ ସ୍କୁଲ ନୁହେଁ, ବରଂ ଏହା ଗୁଣାତ୍ମକ ଶିକ୍ଷା, ଶୃଙ୍ଖଳା, ଜାତୀୟତାବୋଧ ଏବଂ ସାମଗ୍ରିକ ବିକାଶର ପ୍ରମୁଖ କେନ୍ଦ୍ରବିନ୍ଦୁ। ଜାତୀୟ ଶିକ୍ଷା ନୀତିର ଦୂରଦୃଷ୍ଟି ଅନୁସାରେ ପିଲାମାନଙ୍କୁ ବହୁମୁଖୀ ବା ମଲଟି-ଡିସିପ୍ଲିନାରୀ ଶିକ୍ଷା ପ୍ରଦାନ କରିବା ସହ ସେମାନଙ୍କୁ ଆଗାମୀ ଦିନରେ ରୋଜଗାରକ୍ଷମ ଓ ଆତ୍ମନିର୍ଭରଶୀଳ କରି ଗଢ଼ିତୋଳିବା ଆମର ମୂଳ ଲକ୍ଷ୍ୟ। ରେଢ଼ାଖୋଲରେ ବିକାଶର ଅନେକ ସମ୍ଭାବନା ରହିଛି ବୋଲି ପ୍ରକାଶ କରିବା ସହ ସେ କହିଛନ୍ତି କେରାଣ୍ଡି ସେତୁ ନିର୍ମାଣ ପାଇଁ ସରକାରଙ୍କ ଦ୍ୱାରା ୨୨ କୋଟି ଟଙ୍କା ମଞ୍ଜୁର ହୋଇ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି । ରେଢ଼ାଖୋଲ ସବ୍‌ଡିଭିଜନର ସବୁ ଗାଁ ଓ ଅଞ୍ଚଳକୁ ବାରମାସିଆ ପକ୍କା ରାସ୍ତା ସହ ମୋବାଇଲ ନେଟୱର୍କ ପହଞ୍ଚାଇବାକୁ ପ୍ରାଥମିକତା ଦିଆଯାଉଛି । ଜଳସେଚନ ବ୍ୟବସ୍ଥାର ସୁଧାର ସହ ଏଠାକାର ପନିପରିବା, ଫଳ ଓ ଫୁଲ ଚାଷକୁ ପ୍ରୋତ୍ସାହିତ କରି କୃଷିଜାତ ଦ୍ରବ୍ୟକୁ ବିଶ୍ୱ ବଜାରରେ ପହଞ୍ଚାଇବା ଏବଂ ବିଦେଶକୁ ରପ୍ତାନି କରିବା ଦିଗରେ କାର୍ଯ୍ୟ ଚାଲିଛି।

# ୧୩ତମ କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘ ଉଦ୍‌ଘାଟିତ




ଭୁବନେଶ୍ୱର, ୮।୮: କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ୍ ଛାୟା ଜାତିସଂଘର ୧୩ତମ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ରାଷ୍ଟ୍ରଦୂତ ତଥା ନୂଆଦିଲ୍ଲୀ ମନୋହର ପାରିକର ପ୍ରତିରକ୍ଷା ଅଧ୍ୟୟନ ଏବଂ ଆନାଲିସିସ୍ ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ସୁଜନ ଚିନୟ ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ ଓ ଦଳଗତ ଭାବେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉଦାହରଣ ଦେଇ ସେ କହିଲେ, ଭୁବନେଶ୍ୱରକୁ ଏକ ବିଶାଳ ଶିକ୍ଷା ହବ୍‌ରେ ପରିଣତ କରିବା ଦିଗରେ ଅଚ୍ୟୁତ ସାମନ୍ତଙ୍କ ଯୋଗଦାନ ପ୍ରଶଂସନୀୟ । ଅଚ୍ୟୁତଙ୍କ ଜୀବନରେ ସରଳତା, ଉଚ୍ଚ ମୂଲ୍ୟବୋଧ, ଦର୍ଶନ, କଠିନ ପରିଶ୍ରମ, ଦଳଗତ କାର୍ଯ୍ୟ ଅନ୍ୟମାନଙ୍କ ପାଇଁ ପ୍ରେରଣା ବୋଲି ସେ କହିଥିଲେ । ଗୋଟିଏ ରଥ ଯେପରି ଗୋଟିଏ ଚକରେ ଚାଲିପାରିବ ନାହିଁ, ସେହିପରି ରଥ ଚାଲିବା ପାଇଁ ଚାରୋଟି ଚକ ଆବଶ୍ୟକ । ସେହିପରି ତୁମେ ସମସ୍ତେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଏକାଠି ହେବା ଉଚିତ। ଛାତ୍ରଛାତ୍ରୀମାନେ ଯାହା ସବୁ କାମ କରିବେ ତା ଉପରେ ଦେଶର ପ୍ରଗତି ନିର୍ଭର କରିବ। ଦେଶର ପରିବର୍ତ୍ତନ ଆଣିବାକୁ ହେଲେ ଏହାର ସକାରାତ୍ମକ ଏବଂ ନକାରାତ୍ମକ ଉଭୟ ଦିଗକୁ ଧୈର୍ଯ୍ୟର ସହ ବିଚାର କରିବାକୁ ହେବ । ଜାତିସଂଘ ଉପରେ ସୂଚନା ଦେଇ ସୁଜନ କହିଲେ, ଜାତିସଂଘ ପ୍ରତିଷ୍ଠା ହେବାପରେ ଏହାର ସୁରକ୍ଷା ପରିଷଦକୁ ବିସ୍ତାର କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ତେବେ ଏଥିରେ ଆହୁରି ଅନେକ ସଂସ୍କାର ଆଣିବାର ଅବଶ୍ୟକତା ଅଛି । ଛାତ୍ରଛାତ୍ରୀମାନେ ଆଜି ଯେଉଁ ଶିକ୍ଷା ଅର୍ଜନ କରନ୍ତି ତାହା ସେମାନଙ୍କୁ ଅଧିକ ବିନମ୍ର ତଥା ସମାଜରେ ଯୋଗଦାନ ଦେବା ପାଇଁ ସକ୍ଷମ କରାଇଥାଏ। ସେ କହିଲେ, ଗଣତାନ୍ତ୍ରିକ ଶକ୍ତି, ଇ-ଜ୍ଞାନ ସମ୍ଭାବନା, ବର୍ଦ୍ଧିତ ସାମରିକ କ୍ଷମତା, ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଦ୍ୱାରା ବିଶ୍ୱ କ୍ଷେତ୍ରରେ ଭାରତର ଭୂମିକା ସାଂପ୍ରତିକ ବର୍ଷଗୁଡ଼ିକରେ ମଜଭୁତ ହୋଇଛି । ଆମେ ଜଳବାୟୁ ପରିବର୍ତ୍ତନ, ସବୁଜ ପରିବର୍ତ୍ତନ, ଖାଦ୍ୟ ଏବଂ ଶକ୍ତି ସୁରକ୍ଷା ସମେତ ପ୍ରମୁଖ ଚ୍ୟାଲେଞ୍ଜର ମୁକାବିଲା ପାଇଁ ବିଶ୍ୱ ସମୁହ ସହ ଏକାଠି କାମ କରିବାକୁ ଭାରତ ସର୍ବଦା ପ୍ରସ୍ତୁତ ରହିଛି ବୋଲି ସେ କହିଥିଲେ ।

## ରାସ୍ତାର ପ୍ରତି ୧୦୦ କିମିରେ ଗୋଶାଳା : ମନ୍ତ୍ରୀ

ଭୁବନେଶ୍ୱର,୮।୮: ଦୁର୍ଘଟଣା ରୋକିବାକୁ ପଦକ୍ଷେପ । ଏନଏଚରୁ ହଟିବେ ଗୋରୁ ଗାଈ । ପରିବହନ ବିଭାଗ, ଏନଏଚଆଇ ଓ ପ୍ରାଣୀ ସମ୍ପଦ ବିଭାଗର ମିଳିତ ଆହ୍ୱାନ । ରାସ୍ତାରୁ ପଶୁମାନଙ୍କୁ ସ୍ଥାନାନ୍ତରିତ କରିବ ପରିବହନ ବିଭାଗ । ରାସ୍ତା କଡରେ ପ୍ରତି ୧୦୦ କିମିରେ ହେବ ଗୋଟିଏ ଗୋଶାଳା । ରକ୍ଷଣାବେକ୍ଷଣ କରିବ ପ୍ରାଣୀ ସମ୍ପଦ ବିଭାଗ । ନଜର ରଖିବେ ସ୍ଥାନୀୟ ଏସପି । ପ୍ରତି ବ୍ଲକରେ ଗୋଶାଳା ଖୋଲିବା ପାଇଁ ଯୋଜନା କରାଯାଇଛି ବୋଲି କହିଛନ୍ତି ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।

## ଓ.ପି ଜିନ୍ଦଲଙ୍କ ୯୬ତମ ଜୟନ୍ତୀ



ଯୋଡା,୮।୮(ନିପ୍ର): ଜିନ୍ଦଲ ଷ୍ଟିଲର ପ୍ରତିଷ୍ଠାତା ଓ.ପି ଜିନ୍ଦଲ (ବାଉଜୀ)ଙ୍କ ୯୬ତମ ଜୟନ୍ତୀ ଅଗଷ୍ଟ ୭ ତାରିଖରେ ଜିନ୍ଦଲ ଷ୍ଟିଲର ବଡବିଲ ପେଲେଟ୍ ପ୍ଲାଣ୍ଟ, ଟେନସା, କାସିଆ ଏବଂ ରୋଇଡାକ (ବିକେଟିଆର) ଖଣି ଅଞ୍ଚଳରେ ପାଳିତ ହୋଇଯାଇଛି। ଏହି ଅବସରରେ ଜିନ୍ଦଲ ପରିବାର ପକ୍ଷରୁ ବାଉଜୀ ଓ.ପି ଜିନ୍ଦଲଙ୍କୁ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ ସହିତ, ବିଭିନ୍ନ ୟୁନିଟରେ ଆଧ୍ୟାତ୍ମିକ, ସାଂସ୍କୃତିକ, କ୍ରୀଡା ଏବଂ ସମାଜସେବା କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥିଲା। ବଡବିଲ ପେଲେଟ ପ୍ଲାଣ୍ଟ ସ୍ଥିତ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଓ. ପି. ଜିନ୍ଦଲଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରଯାଇଥିଲା। କାର୍ଯ୍ୟକ୍ରମରେ ୟୁନିଟ୍ ହେଡ୍ ସତୀଶ ସିନ୍ଦୁରିଆ, ଭାଇସ୍ ପ୍ରେସିଡେଣ୍ଟ ଏସ୍.କେ ଶର୍ମା, ମାନବ ସମ୍ବଳ ମୁଖ୍ୟ ବିକାଶ ଘୋଷଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ସେମାନଙ୍କ ପରିବାରବର୍ଗ ଯୋଗ ଦେଇଥିଲେ। ସନ୍ଧ୍ୟାରେ ଟାଉନସିପ୍ ପରିସରରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ବାଉଜୀଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଜଣାଇ ଜିନ୍ଦଲ ନଗର ଲେଡିଜ୍ କ୍ଲବ ପକ୍ଷରୁ କମ୍ୟୁନିଟି ହଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

## ଚାଷୀଙ୍କ ଅସୁବିଧା ଦୂର କରିବୁ: ମନମୋହନ

ଭୁବନେଶ୍ୱର, ୮।୮(ନିପ୍ର) ବିରୋଧୀ କେବଳ ଅଭିଯୋଗ କରିଲେ ହେବନି। ସେମାନେ ଗଠନମୂଳକ ପ୍ରସ୍ତାବ ଦିଅନ୍ତୁ । ଯଦି ତାହା ଚାଷୀ ହିତରେ ଥିବ, ଆମେ ଗ୍ରହଣ କରିବୁ ବୋଲି କହିଛନ୍ତି ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ। ସେ ଆହୁରି କହିଛନ୍ତି ଯେ ଚାଷୀଙ୍କ ପାଇଁ ପଞ୍ଜିକରଣରେ ଯଦି ଜଟିଳ ସମସ୍ୟା ରହିଛି ତେବେ ସରଳ କରାଯିବ। ବିଜେପି ସରକାରରେ ୨ ଥର ଲେଖାଏଁ ରବି ଓ ଖରିଫ ଧାନ ସଂଗ୍ରହ ସରିଛି। ଚାଷୀ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ଗତ ସରକାର ୫୦ ଟଙ୍କା ସହାୟତା ଦେଇପାରି ନ ଥିଲେ। ଚାଷୀର ଯାହା ଅସୁବିଧା ଓ ସମସ୍ୟା ରହିଛି ସରକାର ତାହା ଦୂର କରିବେ କରିବେ ବୋଲି କହିଛନ୍ତି ମନମୋହନ ।

## ଲାଗି ହେଲା ବ୍ରହ୍ମକମଳ ଫୁଲ

କଣ୍ଟିଲୋ,୮।୮ (ନି.ପ୍ର) ଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ ପରିଚିତ କଣ୍ଟିଲୋ ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ନୀଳମାଧବଜୀଉଙ୍କୁ ଶନିବାର ପ୍ରାତଃ ସମୟରେ ୨ ଟି ବ୍ରହ୍ମକମଳ ଫୁଲ ଲାଗି କରାଯାଇ ଥିବା ମନ୍ଦିରର ପୂଜକମାନଙ୍କ ଠାରୁ ପ୍ରକାଶ। ଖଣ୍ଡପଡା ବ୍ଲକର ବଡବାଣପୁର ପଞ୍ଚାୟତ ଅଧୀନ ଘଣାଶାଳିଆ ଗ୍ରାମ ନିକଟସ୍ଥ ଢିପିସାହିର ବାସିନ୍ଦା ପବିତ୍ର କୁମାର ସାହୁଙ୍କ ଛାତ ଉପରେ ଥିବା ଫୁଲ କୁଣ୍ଡରେ ଏହି ଦୁଇଟି ଫୁଲ ଫୁଟିଥିଲା। ଶ୍ରୀ ଜୀଉଙ୍କୁ ଲାଗି ନିମନ୍ତେ ମନ୍ଦିରର ପୂଜକଙ୍କୁ ଗୃହକର୍ତ୍ତା ଏହା ପ୍ରଦାନ କରିଥିଲେ।

## ଯୁବ କଂଗ୍ରେସର ପ୍ରତିବାଦ ଓ କୁଶପୁତ୍ତଳିକା ଦାହ

କଟକ,୮।୮(ନିପ୍ର) : ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ପର୍କିତ ବିବାଦୀୟ ସମସ୍ୟାକୁ ନେଇ କଟକ ନଗର ଯୁବ କଂଗ୍ରେସ ଆନୁକୂଲ୍ୟରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ବିରୋଧରେ ଏକ ଜୋରଦାର ପ୍ରତିବାଦ ସଭା ଓ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନଗର ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଡ଼ ବିପ୍ଳବ ଶିଳାଦିତ୍ୟଙ୍କ ନେତୃତ୍ୱରେ ସଂଗଠନର ଶତାଧିକ କର୍ମୀ ଓ ନେତୃବୃନ୍ଦ କଲେଜ ଛକ ସ୍ଥିତ ରେଭେନ୍ସା ୟୁନିଭର୍ସିଟି ମୁଖ୍ୟ ଫାଟକ ସମ୍ମୁଖରେ ଏକାଠି ହୋଇ ବିଧାୟକଙ୍କ ବିରୋଧରେ ନାରାବାଜି କରିବା ସହ ତାଙ୍କର କୁଶପୁତ୍ତଳିକା ଦାହ କରିଥିଲେ। ରେଭେନ୍ସା କ୍ୟାମ୍ପସରେ ଉପୁଜିଥିବା ପରିସ୍ଥିତିକୁ ନେଇ କଂଗ୍ରେସ ନେତୃବୃନ୍ଦ ବିଧାୟକଙ୍କ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଥିଲେ। ଯଦି ଏହି ସମସ୍ୟାର ଶୀଘ୍ର ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଯୁବ କଂଗ୍ରେସ ତରଫରୁ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ର କରାଯିବ ବୋଲି ଯୁବ ନେତା ଶିଳାଦିତ୍ୟ ଚେତାବନୀ ଦେଇଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Banpur, on dtd 05/08/2026, I Jitendra kumar Paikaray, S/O-Sukadev Paikaray, At-Kimbhiripada, P. O-Singeswar. P. S: Balugaon, Dist- Khordha, Odisha, Pin-752030,declare that, I have changed the name of my minor son from Aruna Paikaray to Arun Kumar Paikaray. Henceforth my son's name shall be known as Arun Kumar Paikaray For all purposes.

Sd- Jitendra kumar Paikaray

## ୧୬ତମ ହକି ଇଣ୍ଡିଆ ଟାଇଟଲ ହାତେଇଲା ଓଡ଼ିଶା

ଭୁବନେଶ୍ୱର,୮।୮: ଓଡ଼ିଶା ହକି ଟିମକୁ ଆଉ ଏକ ବଡ଼ ସଫଳତା । ତାମିଲନାଡୁର କୋଏମ୍ବାଟୁରରେ ଅନୁଷ୍ଠିତ ୧୬ତମ ହକି ଇଣ୍ଡିଆ ଜୁନିୟର ମେନ୍ ନ୍ୟାସନାଲ ଚାମ୍ପିୟନସିପରେ ଟାଇଟଲ ହାତେଇଛି ଓଡ଼ିଶା । ମଧ୍ୟପ୍ରଦେଶକୁ ୨-୧ରେ ପରାସ୍ତ କରିଛି ଓଡ଼ିଶା । ଦଳ ସଫଳତାର ସହ ରେକର୍ଡ ବିଜୟ ହାସଲ କରିଥିବା ବେଳେ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ସେ ତାଙ୍କ ସୋସିଆଲ ମିଡିଆ ଏକ୍ସରେ ପୋଷ୍ଟ କରିଛନ୍ତି ।

# ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ

- ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥର ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ
- ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ୫୯.୦୨ ନିୟୁତ ଟନ୍, ରାୟଗଡ଼ା ରେଳ ମଣ୍ଡଳର ୧୩.୭୧ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳର ୮.୬୭ ନିୟୁତ ଟନ୍ ପଣ୍ୟ ବୋଝେଇ




ଭୁବନେଶ୍ୱର,୮।୮(ନିପ୍ର): ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ମୋଟ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ଏହି ସଫଳତା ପୂର୍ବତଟ ରେଳପଥର ଦକ୍ଷ ପଣ୍ୟ ପରିବହନ ପରିଚାଳନା, ରେଳ ଭିତ୍ତିଭୂମିର ସର୍ବୋତ୍ତମ ବ୍ୟବହାର ଏବଂ ଏହାର କ୍ଷେତ୍ରାଧିକାର ମଧ୍ୟରେ ପଣ୍ୟ ପରିବହନର ସମୟୋଚିତ ପରିଚାଳନା ପ୍ରତି ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରୁଛି। ରେଳ ନେଟୱାର୍କର ସାମ୍ପ୍ରତିକ ପୁନର୍ଗଠନ ଏବଂ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି। ମଣ୍ଡଳଗୁଡ଼ିକ ମଧ୍ୟରେ, ୨୦୨୬ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୫୯.୦୨ ଏମ୍‌ଟି, ରାୟଗଡ଼ା ମଣ୍ଡଳ ୧୩.୭୧ ଏମ୍‌ଟି ଏବଂ ସମ୍ବଲପୁର ମଣ୍ଡଳ ୮.୬୭ ଏମ୍‌ଟି ମାଲ୍ ପରିବହନ ପରିଚାଳନା କରିଛନ୍ତି। ନବଗଠିତ ରାୟଗଡ଼ା ରେଳ ମଣ୍ଡଳ ପୂର୍ବତଟ ରେଳପଥର ପଣ୍ୟ ପରିବହନ ପ୍ରଦର୍ଶନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୧୩.୭୧ ନିୟୁତ ଟନ୍ ପଣ୍ୟ ପରିବହନ ପରିଚାଳନା କରିଛି, ଯାହା ପୁନର୍ଗଠିତ ରେଳ ନେଟୱର୍କ ମଧ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ରାୟଗଡ଼ା ରେଳ ମଣ୍ଡଳର ବଢ଼ୁଥିବା ଭୂମିକାକୁ ଏହା ପ୍ରତିଫଳିତ କରୁଛି। କେବଳ ଜୁଲାଇ ୨୦୨୬ ମାସରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୩.୧୪ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି। ରେଳ ମଣ୍ଡଳର ପ୍ରମୁଖ ପଣ୍ୟ ମଧ୍ୟରେ ଲୌହପଥର ପରିବହନ ଜାରି ରହିଛି। ଜୁଲାଇ ମାସରେ ୨.୨୮ ନିୟୁତ ଟନ୍ ଲୌହପଥର ବୋଝେଇ କରାଯାଇଥିବା ବେଳେ ବକ୍ସାଇଟ୍ ବୋଝେଇ ୦.୧୯ ନିୟୁତ ଟନ୍ ରହିଛି। ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥର ପଣ୍ୟ ବୋଝେଇରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୫୯.୦୨ ନିୟୁତ ଟନ୍, ରାୟଗଡ଼ା ରେଳ ମଣ୍ଡଳ ୧୩.୭୧ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ୮.୬୭ ନିୟୁତ ଟନ୍ ଅବଦାନ ରଖିଛନ୍ତି। ଏହାଫଳରେ ପୂର୍ବତଟ ରେଳପଥର ମୋଟ ପ୍ରାରମ୍ଭିକ ପଣ୍ୟ ବୋଝେଇ ୮୧.୪୦ ନିୟୁତ ଟନରେ ପହଞ୍ଚିଛି।

# ଭେଡେନ, ଖର୍ଲା ନଦୀରେ ବନ୍ୟା

- ଚନ୍ଦନୀମାଲ ପୋଲ ଉପରେ ଛୁଟୁଛି ୪ଫୁଟର ଜଳ
- ୩ ପଞ୍ଚାୟତର ଲୋକେ ହଇରାଣ

କୁଚିଣ୍ଡା,୮।୮(ନିପ୍ର) ଲଗାଣ ବର୍ଷା ଯୋଗୁଁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ବିଭିନ୍ନ ନଦୀରେ ବନ୍ୟା ଜଳ ପ୍ରବାହିତ ହେଉଛି। ଉପଖଣ୍ଡର ଭେଡେନ, ଖର୍ଲା, ପୋଡପେଟା, ଲହରଙ୍ଗା ଆଦି ପ୍ରମୁଖ ନଦୀରେ ବନ୍ୟା ଜଳ ଛୁଟୁଛି। ଫଳରେ ଶାଖା ନଦୀଗୁଡ଼ିକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଲଗାଣ ବର୍ଷା ଯୋଗୁଁ କୁଚିଣ୍ଡା ବ୍ଲକର ଚନ୍ଦନୀମାଲ ପୋଲ ଉପରେ ଶନିବାର ସକାଳୁ ୪ଫୁଟ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଯାତାୟାତରେ ବାଧାସୃଷ୍ଟି ହୋଇଛି ।ଫଳରେ ମହଦା,ଧୂଡିପାଲିରୁ ଚନ୍ଦନୀମାଲ ଦେଇ କୁଚିଣ୍ଡାକୁ ସଂଯୋଗ ହେଉଥିବା ଏହି ରାସ୍ତା ବନ୍ଦ ହୋଇଯାଇଛି । ଏଣୁ ୩ଟି ପଞ୍ଚାୟତର ଲୋକେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ଜରୁରୀ କାମ ପଡ଼ିଲେ ମଧ୍ୟ ଲୋକେ ପଞ୍ଚାୟତକୁ ଯାଇପାରୁନାହାନ୍ତି। ସେହିପରି ଚନ୍ଦନୀମାଲ ପଞ୍ଚାୟତର କେଲଡା ପୋଲ ଉପରେ ମଧ୍ୟ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଲୋକଙ୍କ ଯିବାଆସିବାରେ ବାଧା ଉପୁଜିଛି। ଶୁକ୍ରବାର ସନ୍ଧ୍ୟାରୁ ଶନିବାର ଦିନ ତମାମ ବର୍ଷା ଲାଗିରହିଥିବାରୁ ଲୋକେ ପଦାକୁ ବାହାରି ପାରୁନାହାନ୍ତି।

## ଲଘୁଚାପ ବର୍ଷାରେ ଭୁଶୁଡ଼ିଲା ଘର: ଅଳ୍ପକେ ବର୍ତ୍ତିଲେ ପରିବାର

### ଆବାସ ଯୋଜନାରେ ସାମିଲ ପାଇଁ ନିବେଦନ



ସୋନପୁର,୮।୮(ନିପ୍ର): ଉଲୁଣ୍ଡା ଅଞ୍ଚଳରେ ଲାଗି ରହିଥିବା ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଅବିଶ୍ରାନ୍ତ ବର୍ଷା ପ୍ରଭାବରେ ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କାଦୋଦର ପଞ୍ଚାୟତର ବମରାଜ ଗ୍ରାମରେ ଏକ ଅଘଟଣ ଘଟିଯାଇଛି। ଗ୍ରାମର ଲକ୍ଷୀନ୍ଦ୍ର ଡାଙ୍ଗଙ୍କ ବାସଗୃହଟି ପ୍ରବଳ ବର୍ଷାରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ବେଳେ, ସୌଭାଗ୍ୟବଶତଃ ପରିବାର ଲୋକେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଲାଗି ରହିଥିବା ବର୍ଷା କାରଣରୁ ଲକ୍ଷୀନ୍ଦ୍ରଙ୍କ ଘରଟି ଦୁର୍ବଳ ହୋଇଯାଇଥିଲା। ହଠାତ୍ ଘରଟି ଭୁଶୁଡ଼ି ପଡ଼ିଥିଲା, କିନ୍ତୁ ଘଟଣା ସମୟରେ ଘର ଭିତରେ କେହି ସଦସ୍ୟ ନଥିବାରୁ ଏକ ବଡ଼ ଧରଣର ବିପଦ ଟଳିଯାଇଥିଲା। ତେବେ ଘରଟି ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଥିବାରୁ ପରିବାରର ଆସବାବପତ୍ର ନଷ୍ଟ ହେବା ସହ ସେମାନେ ବର୍ତ୍ତମାନ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍ଷୀନ୍ଦ୍ର ଜଣେ ଅତ୍ୟନ୍ତ ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ସ୍ଥାନୀୟ ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ କ୍ଷୟକ୍ଷତିର ଆକଳନ କରିବା ସହ ତାଙ୍କୁ ଜରୁରୀକାଳୀନ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି। ବିଶେଷ କରି ଏହି ବାସହୀନ ଗରିବ ପରିବାରକୁ ସରକାରଙ୍କ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' କିମ୍ବା 'ବିଜୁ ପକ୍କା ଘର ଯୋଜନା'ରେ ସାମିଲ କରି ଏକ ସ୍ଥାୟୀ ବାସଗୃହ ଯୋଗାଇ ଦେବା ପାଇଁ ଲକ୍ଷୀନ୍ଦ୍ର ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି।

### ହିନ୍ଦୁଙ୍କୁ ନିର୍ଯାତନା ଦୃଶ୍ୟ ଦେଖି ତାତିଲେ ଦର୍ଶକ !

## ଯାତ୍ରାମଞ୍ଚରେ କଳାକାରଙ୍କୁ ଚେୟାର ମାଡ଼

ଯାଜପୁର,୮।୮: ଯାତ୍ରାମଞ୍ଚରେ କଳାକାରଙ୍କୁ ଚେୟାର ମାଡ଼ । ଯାତ୍ରା ମଞ୍ଚରେ ନାଟକ ପରିବେଷଣ ବେଳେ କଳାକାରଙ୍କୁ ଦର୍ଶକଙ୍କ ଚେୟାର ମାଡ । କିଛି ସମୟ ପାଇଁ ବନ୍ଦ ହେଲା ନାଟକ। ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ରୋଡ ଥାନା ଚାନ୍ଦମା କାଳୀ ପଡିଆରେ । ଗତକାଲି ନାଟକ ସନାତନୀ ମଞ୍ଚସ୍ଥ କରୁଥିବା ବେଳେ ଘଟିଛି ଏଭଳି ଅଭାବନୀୟ ଘଟଣା । ନାଟକରେ କିଛି ଗୋଷ୍ଠୀଙ୍କୁ ଅନ୍ୟ ଗୋଷ୍ଠୀର ଲୋକ ନିର୍ଯାତନା ଦିଆଯାଉଥିବାର ଦୃଶ୍ୟ ପରିବେଷଣ ହେଉଥିଲା। ଏହି ସମୟରେ ଦର୍ଶକ ଉତ୍‌କ୍ଷିପ୍ତ ହୋଇ କଳାକାରଙ୍କ ଉପରକୁ ଚେୟାର ମାଡ଼ କରିଥିଲେ। ଫଳରେ ଜଣେ ଅଭିନେତ୍ରୀ ଆହତ ହୋଇଛନ୍ତି । ଅଭିନେତ୍ରୀଙ୍କ ହାତରେ ଆଘାତ ଲାଗିଥିଲା । ଘଟଣା ପରେ କିଛି ସମୟ ପାଇଁ ଯାତ୍ରା ପଡ଼ିଆରେ ସୃଷ୍ଟି ହୋଇଥିଲା ଅସ୍ୱାଭାବିକ ପରିସ୍ଥିତି । ଦର୍ଶକଙ୍କ ମଧ୍ୟରେ ହୋହଲ୍ଲା ଆରମ୍ଭ ହୋଇଥିଲା । ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଯାତ୍ରା କମିଟି ସଦସ୍ୟ ଏବଂ କଳାକାରମାନେ ଦର୍ଶକଙ୍କୁ ବୁଝାସୁଝା କରିଥିଲେ । ଶାନ୍ତି ବଜାୟ ରଖି ନାଟକ ଦେଖିବାକୁ କରାଯାଇଥିଲା ଅନୁରୋଧ । ତେବେ ଯାତ୍ରା ମଞ୍ଚରେ ଏଭଳି ଚେୟାର ମାଡ଼ ଘଟଣା ଦର୍ଶକଙ୍କ ସୁରକ୍ଷା ସହ କଳାକାରଙ୍କ ସୁରକ୍ଷାକୁ ନେଇ ମଧ୍ୟ ବଡ଼ ପ୍ରଶ୍ନ ଛିଡ଼ା କରିଛି।

# ସାତପଡ଼ା ରାସ୍ତାରେ ହେବ ଏରୋପ୍ଲେନ୍ ରେଷ୍ଟୁରାଣ୍ଟ




ପୁରୀ,୮।୮(ନିପ୍ର): ପୁରୀ ସାତପଡ଼ା ରାସ୍ତାର ଗିରଳ ନିକଟରେ ଏକ ଏରୋପ୍ଲେନ ରେଷ୍ଟୁରାଣ୍ଟ ହେବ। ପୁରୀ ଆସୁଥିବା ପର୍ଯ୍ୟଟକ ମାନେ ଏରୋପ୍ଲେନ ରେଷ୍ଟୁରାଣ୍ଟରେ ବସି ବିଭିନ୍ନ ଖାଦ୍ୟର ମଜା ନେଇପାରିବେ। ପୁରୀ ଆସୁଥିବା ପର୍ଯ୍ୟଟକମାନେ ଏକ ନିଆରା ଅନୁଭୂତି ପାଇବେ। ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ମୋନି ଜି ଏଣ୍ଟରପ୍ରାଇଜ ନାମକ ଏକ ସଂସ୍ଥା ଏହିଭଳି ଏକ ନିଆରା ଏରୋପ୍ଲେନ ରେଷ୍ଟୁରାଣ୍ଟ କରିବ। ଦିଲ୍ଲୀରୁ ଏକ ଅବ୍ୟବହୃତ ବିମାନକୁ ଏକ ବଡ ଟ୍ରକ୍‌ରେ ପୁରୀକୁ ଅଣାଯାଇଛି। ତେବେ ରାସ୍ତାରେ ଯିବାବେଳେ ଏହାକୁ ଦେଖିବାକୁ ବହୁତ ଲୋକଙ୍କ ଭିଡ଼ ଜମୁଛି। ତେବେ ଏରୋପ୍ଲେନ ରେଷ୍ଟୁରାଣ୍ଟ ହେଲେ ଏହା ପୁରୀରେ ପ୍ରଥମ ଥର ପାଇଁ ହେବ। ଏହିଭଳି ନିଆରା ରେଷ୍ଟୁରାଣ୍ଟ ପୁରୀରେ ନାହିଁ। ତେବେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗର ସହଯୋଗରେ ଓଡ଼ିଶାରେ ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବା ପାଇଁ ଏହିଭଳି ଏକ ନିଆରା ଏରୋପ୍ଲେନ ରେଷ୍ଟୁରାଣ୍ଟ ପରିକଳ୍ପନା କରାଯାଇଥିବା ପ୍ରାଥମିକ ସୂଚନାରୁ ଜଣାପଡୁଛି। ପୁରୀର ବାସିନ୍ଦା ପ୍ରକାଶ ରାଉତ କହିଛନ୍ତି, ଟ୍ରକ୍‌ରେ ଏକ ବିଶାଳ ଏରୋପ୍ଲେନ ଯାଉଥିବାରୁ ଏହାକୁ ଦେଖିବାକୁ ଲୋକଙ୍କ ମଧ୍ୟରେ ବହୁତ୍ ଉତ୍ସାହ ରହିଛି। ତେବେ ଏହି ଏରୋପ୍ଲେନକୁ ଏକ ରେଷ୍ଟୁରାଣ୍ଟ କରାଯିବା ବୋଲି ଆମେ ଜାଣିବାକୁ ପାଇଛୁ। ଏହା ବେଶ୍ ଖୁସିର କଥା। ଏରୋପ୍ଲେନ ରେଷ୍ଟୁରାଣ୍ଟ ହେଲେ ଏହା ପୁରୀରେ ପ୍ରଥମ ଥର ପାଇଁ ଏକ ନିଆରା ରେଷ୍ଟୁରାଣ୍ଟ ହେବ। ପୁରୀକୁ ଆସୁଥିବା ପର୍ଯ୍ୟଟକମାନେ ଏହି ଏରୋପ୍ଲେନ ରେଷ୍ଟୁରାଣ୍ଟରେ ଖାଦ୍ୟ ଖାଇ ଏକ ନିଆରା ଅନୁଭୂତି ପାଇବେ। ପୁରୀକୁ ଆସିବାକୁ ଅଧିକ ପର୍ଯ୍ୟଟକଙ୍କ ଆଗ୍ରହ ବୃଦ୍ଧି ହେବ। ତେବେ ଗିରଳ ନିକଟରେ ପୁରୀର ବିମାନ ବନ୍ଦର ନିର୍ମାଣ ହେଉଛି। ସେଠାରେ ଏରୋପ୍ଲେନ ରେଷ୍ଟୁରାଣ୍ଟ ହେଲେ ବହୁତ୍ ଭଲ ହେବ। ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଭିନ୍ନ ଅନୁଭୂତି ପାଇବେ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ